


ପୃଷ୍ଠା ୧୫ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-206 • BHUBANESWAR • SATURDAY • 20 JANUARY 2024 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୨୦୬ • ଭୁବନେଶ୍ୱର • ଶନିବାର • ୨୦ ଜାନୁଆରୀ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପଛର କାହାଣୀ କହିଲେ '୫-ଟି' ଅଧ୍ୟକ୍ଷ

# ନିଆଁ ସହ ଖେଳିବା ଭଳି ଆହ୍ୱାନ ଥିଲା

## ରାଜନୈତିକ ଜୀବନକୁ ବାଜିରେ ଲଗାଇବାକୁ ପଛାଇ ନ ଥିଲେ ମୁଖ୍ୟମନ୍ତ୍ରୀ

- ସଫଳତା ପଛରେ ମୁଖ୍ୟମନ୍ତ୍ରୀଙ୍କ ଅଟଳ ନିଷ୍ପତ୍ତି, ପ୍ରଗାଢ଼ ଭକ୍ତିଭାବ
- ଅତୀତରେ ରୂପାନ୍ତରଣ ନିଷ୍ପତ୍ତିରୁ ଓହରି ଯାଇଥିଲେ ଦୁଇ ମୁଖ୍ୟମନ୍ତ୍ରୀ
- ୭୦୦ ବର୍ଷରେ ପ୍ରଥମଥର ହୋଇଛି ଶ୍ରୀମନ୍ଦିରର ରୂପାନ୍ତରଣ କାର୍ଯ୍ୟ
- ମୁଖ୍ୟମନ୍ତ୍ରୀଙ୍କର ଐତିହାସିକ ପଦକ୍ଷେପକୁ ପ୍ରଶଂସା କରୁଛି ସମଗ୍ର ବିଶ୍ୱ
- ରାଜ୍ୟରେ ଶାସନ ବ୍ୟବସ୍ଥାର ପରିଭାଷା ବଦଳାଇଛି 'ମୋ ସରକାର'
- ଜନ ପ୍ରସ୍ତାବ ଆଧାରରେ ବିଏସ୍‌କେୱାଇ, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ଜାଗା ମିଶନ୍
- ୪ ବର୍ଷରେ ୨୦ ଲକ୍ଷ ଲୋକଙ୍କଠାରୁ ନିଆଯାଇଛି ସରକାରୀ ସେବା ମତାମତ
- ପୋଷାକ ନୁହେଁ; କାମ ଓ ଆବେଗ ହିଁ ଜନସେବକର ପ୍ରକୃତ ପରିଚୟ



■ ଭୁବନେଶ୍ୱର, ୧୯ ।୧ (ସମିସ): ଶ୍ରୀମନ୍ଦିର ରୂପାନ୍ତରଣ ଆହ୍ୱାନ ଥିଲା ନିଆଁ ସହ ଖେଳିବା ପରି ଦୁଃସାହସିକ କାର୍ଯ୍ୟ। ଶ୍ରୀମନ୍ଦିର ସହ ରାଜ୍ୟବାସୀଙ୍କ ଭାବାବେଗ ଏତେ ନିବିଡ଼ ଭାବରେ ଜଡ଼ିତ ଯେ ଏଥିରେ ସାମାନ୍ୟତମ ତ୍ରୁଟିବିଚ୍ୟୁତି ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ଥିଲା। ଶ୍ରୀମନ୍ଦିର ରୂପାନ୍ତରଣ ଓ ପରିକ୍ରମା ପ୍ରକଳ୍ପର ପରିକଳ୍ପନା କାଳରେ ଅନେକ ପ୍ରଭାବଶାଳୀ ଓ ଖ୍ୟାତନାମା ବ୍ୟକ୍ତି ଏହି ସ୍ପର୍ଶକାତର ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ଏପରିକି କିଛି ଭୁଲ୍‌ତ୍ରୁଟି ହେଲେ ରାଜନୈତିକ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିପାରେ ବୋଲି ସତର୍କ କରାଇ ଦେଇଥିଲେ। ମାତ୍ର ଏ ସବୁ ସତ୍ତ୍ୱେ ମହାପ୍ରଭୁଙ୍କ ପାଇଁ କିଛି କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ସରକାର ରହୁ କି ନ ରହୁ, କିନ୍ତୁ ମହାପ୍ରଭୁଙ୍କ କାମ ଅଟକିବ ନାହିଁ। ନିଜ ରାଜନୈତିକ ଭବିଷ୍ୟତକୁ ଭ୍ରୁକ୍ଷେପ ନ କରି ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହାତକୁ ନେଇଥିଲେ। ତାଙ୍କର ଅଟଳ ନିଷ୍ପତ୍ତି ଓ ମହାପ୍ରଭୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଏହି ପ୍ରକଳ୍ପକୁ ସାକାର କରିଛି । ଦେଶ ଦୁନିଆର କୋଟିକୋଟି ଶ୍ରଦ୍ଧାଳୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ପ୍ରଶଂସା କରିଛନ୍ତି ବୋଲି ଭୁବନେଶ୍ୱରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସହରାଞ୍ଚଳ ବିକାଶ ସମ୍ମିଳନୀ ଅବସରରେ କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ଶ୍ରୀକ୍ଷେତ୍ର ରୂପାନ୍ତରଣ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ବହୁ ଅନାଲୋଚିତ ଦିଗ ସମ୍ପର୍କରେ ଶ୍ରୀ ପାଣ୍ଡିଆନ ଏହି ଅବସରରେ ସାଧାରଣରେ ପ୍ରକାଶ କରିଛନ୍ତି। ପରିକ୍ରମା ପ୍ରକଳ୍ପର ପରିକଳ୍ପନାଠାରୁ ଆରମ୍ଭ କରି ଏହାର ଲୋକାର୍ପଣ ପର୍ଯ୍ୟନ୍ତ ଏମିତି ଅନେକ ଘଟଣା ଘଟିଛି, ଯାହା ସାଧାରଣ ଲୋକମାନେ ଜାଣନ୍ତି ନାହିଁ । ମହାପ୍ରଭୁଙ୍କ ଇଚ୍ଛା ବିନା ଏହି ପ୍ରକଳ୍ପ କଦାପି ସମ୍ଭବ ହୋଇ ପାରି ନ ଥାନ୍ତା ବୋଲି ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସମସ୍ତେ ଗର୍ବିତ; କିନ୍ତୁ ଏହାକୁ ଫଳପ୍ରସୂ କରାଯିବା କୌଣସି ▶ପୃଷ୍ଠା-୯

# ଫେବ୍ରୁଆରୀ ୫ରେ ବଜେଟ ଅଧିବେଶନ



**୮ରେ ଅର୍ଥମନ୍ତ୍ରୀ ଆଗତ କରିବେ କାମଚଳା ବଜେଟ**

■ ଭୁବନେଶ୍ୱର,୧୯ ।୧ (ସମିସ): ଆସନ୍ତା ଫେବୃଆରୀ ୫ ତାରିଖରେ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ। ଏହ ଅଧିବେଶନ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୮ ତାରିଖରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କାମଚଳା ବଜେଟ୍ ଉପସ୍ଥାପନ କରିବେ। ଫେବ୍ରୁଆରୀ ଶେଷ ବା ମାର୍ଚ୍ଚ ପ୍ରଥମ ସପ୍ତାହରେ ସାଧାରଣ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ଥିବାରୁ କାମଚଳା ବଜେଟ୍ ଆଗତ ଅନିବାର୍ଯ୍ୟ ହୋଇ ପଡ଼ିଛି। ସୂଚନା ଅନୁସାରେ ୫ ତାରିଖ ଦିନ ରାଜ୍ୟପାଳଙ୍କ ଅଭିଭାଷଣ ଓ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ୬ ଓ ୭ ତାରିଖ ଦିନ ରାଜ୍ୟପାଳଙ୍କ ▶ପୃଷ୍ଠା-୯

# ସାମ୍ନାକୁ ଆସିଲା ରାମଲାଲାଙ୍କ ପୂର୍ଣ୍ଣ ଭବ୍ୟ ଶ୍ୟାମଳ ଛବି



■ ଅଯୋଧ୍ୟା, ୧୯ ।୧ (ଏଜେନ୍ସି): ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ନବ ନିର୍ମିତ ଭବ୍ୟ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ପ୍ରତ୍ୟେକ ରାମ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଲାଗି ରହିଛି। ତେବେ ମନ୍ଦିର ଗର୍ଭ ଗୃହରେ ପ୍ରାଣପ୍ରତିଷ୍ଠା ହେବାକୁ ଥିବା ରାମଲାଲାଙ୍କ ଭବ୍ୟ ଛବି ସାମ୍ନାକୁ ଆସିଛି। ୫୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିକୁ ଗର୍ଭଗୃହରେ ଗୁରୁବାର ସ୍ଥାପନ କରାଯାଇଛି। ସ୍ଥାପନା ପୂର୍ବରୁ ଗତକାଲି ରାତିରେ ମୁଖ ଆବୃତ ହୋଇଥିବା ରାମଲାଲାଙ୍କ ପ୍ରଥମ ଛବି ସୋସିଆଲ ମିଡିଆ ସହିତ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ କର୍ଣ୍ଣାଟକର ସୁପ୍ରସିଦ୍ଧ ସ୍ଥପତି ଅରୁଣ ଯୋଗୀରାଜଙ୍କ ଦ୍ୱାରା ନିର୍ମିତ ଏହି ମୂର୍ତ୍ତିକୁ ଅଣାଯାଉଥିବା ସମୟର ସୁଦୃଶ୍ୟ ଫଟୋ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏହି ମୂର୍ତ୍ତିରେ ପ୍ରଭୁ ରାମଙ୍କ ବାଲ୍ୟ ସମୟର ଚପଳ ଏବଂ ଶାନ୍ତ ସୌମ୍ୟ ଚେହେରା ସହିତ ସ୍ମିତ ହାସ୍ୟର ଝଲକ ଦେଖିବାକୁ ମିଳିଛି। ମୂର୍ତ୍ତି ଚାରିପଟେ ରହିଥିବା ତୋରଣର ଊର୍ଦ୍ଧ୍ୱ ଭାଗରେ ସୂର୍ଯ୍ୟଙ୍କ ସମେତ ସ୍ୱସ୍ତିକ, ଚକ୍ର, ଗଦା ଏବଂ ଓଁ ଚିହ୍ନ ରହିଛି। ଏହାସହିତ ତୋରଣର ଦୁଇ ପଟେ ଭଗବାନ ବିଷ୍ଣୁଙ୍କ ଦଶ ଅବତାର ସହିତ ବାହନ ଗରୁଡ଼ ଏବଂ ହନୁମାନଙ୍କୁ ମଧ୍ୟ ସ୍ଥାନିତ କରାଯାଇଛି। ପ୍ରଭୁ ରାମ ହାତରେ ସ୍ୱର୍ଣ୍ଣ ଧନୁ ଏବଂ ତୀର ଧରିଥିବା ଦେଖାଯାଇଛି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ସହରାଞ୍ଚଳ ସାମିଲ

**ସୁନିଶ୍ଚିତ ହେବ ସବୁ ବର୍ଗ ପାଇଁ ନିରନ୍ତର ଅଭିବୃଦ୍ଧି**

**୨୨ରୁ ଆରମ୍ଭ ହୋଇ ଫେବୃଆରୀ ୭ ପର୍ଯ୍ୟନ୍ତ ଚାଲିବ କାର୍ଯ୍ୟକ୍ରମ**




■ ଭୁବନେଶ୍ୱର, ୧୯ ।୧ (ସମିସ): ସମାଜର ସବୁ ବର୍ଗଙ୍କ ପାଇଁ ନିରନ୍ତର ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର '୫-ଟି' ଉପକ୍ରମ ଅଧୀନରେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରୁ ଯେପରି ଜଣେ ବି ଯୋଗ୍ୟ ହିତାଧିକାରୀ ବାଦ ନ ପଡ଼ନ୍ତି ତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଆସନ୍ତା ଜାନୁଆରୀ ୨୨ ତାରିଖରୁ ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଆରମ୍ଭ ହେବ 'ଆମ ଓଡ଼ିଶା ନବୀନ ଓଡ଼ିଶା' (ସହରୀ) କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା ହେବା ସହ ପ୍ରତିଟି ଲୋକଙ୍କ ପାଖରେ ଯେପରି ସରକାରୀ ଯୋଜନା ସମ୍ପର୍କରେ ସୂଚନା ପହଞ୍ଚିବ ସେନେଇ ସଚେତନ କରାଯିବ। ୨୨ ତାରିଖ ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଫେବୃଆରୀ ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ ରହିବ।

'ଆମ ଓଡ଼ିଶା ନବୀନ ଓଡ଼ିଶା' (ସହରୀ) କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିଭିନ୍ନ ଶିବିରମାନ ଆୟୋଜନ କରାଯିବ ଓ ନାଗରିକମାନଙ୍କୁ ସରକାରଙ୍କ ବିଭିନ୍ନ ଗୋଷ୍ଠୀ କୈନ୍ଦ୍ରିକ ପଦକ୍ଷେପ ବିଷୟରେ ଅବଗତ କରାଯିବ। ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଜାନୁଆରୀ ୨୨ ତାରିଖରୁ ଫେବୃଆରୀ ୭ ▶ପୃଷ୍ଠା-୯



■ ଏକ ଦେଶ, ଏକ ନିର୍ବାଚନ ପରିକଳ୍ପନାକୁ ଖଡ଼ଗେଙ୍କ ବିରୋଧ

# ଉଚ୍ଚସ୍ତରୀୟ କମିଟି ତୁରନ୍ତ ଭାଙ୍ଗିବାକୁ ଦାବି

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ଏକ ଦେଶ,ଏକ ନିର୍ବାଚନ ପରିକଳ୍ପନା କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରିଛନ୍ତି। କିନ୍ତୁ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏକ ଦେଶ ଏକ ନିର୍ବାଚନ ପରିକଳ୍ପନାକୁ ଦୃଢ ବିରୋଧ କରିଛନ୍ତି। ଏହି ପରିକଳ୍ପନା ସଂଘୀୟ ବ୍ୟବସ୍ଥା ଏବଂ ସମ୍ବିଧାନର ଘୋର ବିରୋଧୀ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସଂଘୀୟ ବ୍ୟବସ୍ଥାରେ ଦେଶବାସୀଙ୍କୁ ଯେଉଁ ଅଧିକାର ମିଳୁଛି ତାହା କ୍ଷୁଣ୍ଣ ହେବ ବୋଲି ଖଡ଼ଗେ କହିଛନ୍ତି। ଏକ ଦେଶ,ଏକ ନିର୍ବାଚନ ପରିକଳ୍ପନାର ବିଚାର ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା ବେଳେ ଏହାକୁ ତୁରନ୍ତ ଭାଙ୍ଗି ଦେବାକୁ ସେ ସଂପୃକ୍ତ କମିଟି



ସଚିବ ନୀତୀନ ଚନ୍ଦ୍ରାଙ୍କୁ ପତ୍ର ଲେଖିଛନ୍ତି। ଏଥିସହିତ ସେ ରାମନାଥ କୋବିନ୍ଦଙ୍କୁ ମଧ୍ୟ ଅନୁରୋଧ ଜଣାଇ ଏହି ପ୍ରସଙ୍ଗରେ ଆଉ ଆଗକୁ ନଯିବା ଲାଗି କହିଛନ୍ତି।

## ସରକାରୀ ବଙ୍ଗଳା ଖାଲିକଲେ ମହୁଆ



**ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି):** ଟିଏମ୍‌ସିର ପୂର୍ବତନ ସାଂସଦ ମହୁଆ ମୋଇତ୍ର ନିଜ ସରକାରୀ ବାସଭବନ ହରାଇଛନ୍ତି। ଦିଲ୍ଲୀର ଟେଲିଗ୍ରାଫ ଲେନ୍‌ରେ ଥିବା ୯ବି ନଂ ବାସଭବନକୁ ଶୁକ୍ରବାର ଖାଲି କରିଛନ୍ତି। ମହୁଆଙ୍କ ଓକିଲ ବଙ୍ଗଳା ଖାଲି କରାଇବାକୁ ଆସିଥିବା ଡାଇରେକ୍ଟୋରେଟ ଅଫ୍ ଇଷ୍ଟେଟ୍‌ସ (ଡିଓଇ) କର୍ମଚାରୀଙ୍କୁ ଏହାର ଚାବି ପ୍ରଦାନ କରିଛନ୍ତି। ବେଦଖଲର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ଡିସେମ୍ବର ୮ରେ ମହୁଆଙ୍କୁ ଲୋକସଭାରୁ ବହିଷ୍କାର କରିଦିଆଯାଇଥିଲା। ଏହା ପରେ ବଙ୍ଗଳା ଖାଲି କରିବାକୁ ନେଇ ଡିଓଇ ମହୁଆଙ୍କୁ ତିନି ଥର ନୋଟିସ ଜାରି କରିଥିଲେ। କିନ୍ତୁ ସେ ଏହାର ଜବାବ ଦେଇ ନ ଥିଲେ। ଗତ ୧୬ ତାରିଖର ଜାରି ନୋଟିସକୁ ବିରୋଧ କରି ମହୁଆ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ହାଇକୋର୍ଟ ଗୁରୁବାର ମାମଲାକୁ ଖାରଜ କରିଦେଇଥିଲେ।

## ଏୟାର ଇଣ୍ଡିଆ କ୍ରୁ ସଦସ୍ୟଙ୍କୁ ଗୁଳିକରି ହତ୍ୟା

**ନୋଏଡ଼ା, ୧୯।୧ (ଏଜେନ୍ସି):** ଉତ୍ତର ପ୍ରଦେଶ ନୋଏଡ଼ାରେ ଦିନ ଦ୍ୱିପହରେ ହତ୍ୟାକାଣ୍ଡ ଘଟିଛି। ଏୟାର ଇଣ୍ଡିଆର କ୍ରୁ ସଦସ୍ୟ ସୁରଜଭାନଙ୍କୁ ଶୁକ୍ରବାର ଗୁଳି ମାରି ହତ୍ୟା କରାଯାଇଛି। ଏହି ସମୟରେ ସେ ଜିମ୍‌କୁ ଆସିଥିଲେ। ଫେରିବା ପାଇଁ କାର୍ ଷ୍ଟାର୍ଟ କରି ପ୍ରୋଟିନ ସେକ୍ ପିଉଥିଲେ। ହଠାତ୍ ୨ ବାଇକରେ ୫ ଅପରାଧୀ ଆସିଥିଲେ। ୩ ଜଣ ସୁରଜଭାନଙ୍କ ଉପରେ ୯ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଏଥିରୁ ୫ଟି ଗୁଳି ତାଙ୍କ ଦେହରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସିସିଟିଭି ଫୁଟେଜ ଆଧାରରେ ମାମଲାର ତଦନ୍ତ କରୁଛି। ବିମାନ ସେବାରେ ନିୟୋଜିତ ଥିବା ସୁରଜଭାନଙ୍କ ସହ କାହାର ଶତ୍ରୁତା ନଥିବା ବେଳେ କିଏ ତାଙ୍କୁ ଏବଂ କାହିଁକି ହତ୍ୟା କଲା ତାହା ଏବେ ଆଲୋଚନାର ବିଷୟ ହୋଇଛି।



■ ଷ୍ଟାଚ୍ୟୁ ଅଫ୍ ସୋସିଆଲ ଜଷ୍ଟିସ୍

## ବିଶ୍ୱର ସର୍ବୋଚ୍ଚ ଆମ୍ବେଦକର ପ୍ରତିମୂର୍ତ୍ତି ଉଦ୍‌ଘାଟିତ



**ବିଜୟୱାଡ଼ା, ୧୯।୧ (ଏଜେନ୍ସି):** ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଦକରଙ୍କ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଉଦ୍‌ଘାଟିତ ହୋଇଯାଇଛି। ଏହାର ଉଚ୍ଚତା ୨୦୬ ଫୁଟ। ଏହି ପ୍ରତିମୂର୍ତ୍ତିର ନାମ 'ଷ୍ଟାଚ୍ୟୁ ଅଫ୍ ସୋସିଆଲ ଜଷ୍ଟିସ' ରଖାଯାଇଛି।

**ଉଚ୍ଚତା ୨୦୬ ଫୁଟ୍**

ଏହା ବିଶ୍ୱର ସବୁଠାରୁ ଉଚ୍ଚ ୫୦ ମୂର୍ତ୍ତି ମଧ୍ୟରେ ସାମିଲ ହେବ। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରେ ଥିବା ଏହି ମୂର୍ତ୍ତିକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ୱାଇଏସ ଜଗନମୋହନ ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି। ଏହା କେବଳ ରାଜ୍ୟର ନୁହେଁ, ବରଂ ଦେଶର ଏକ ପ୍ରତୀକ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ୧୮.୮୧ ଏକରର ପରିସର ଭିତରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହାର ଆଖପାଖର ସୌନ୍ଦର୍ଯ୍ୟକରଣ କରାଯାଇଛି। ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭୂମିଠାରୁ ୨୦୬ ଫୁଟ ଉଚ୍ଚରେ ରହିଛି। ତେବେ ପ୍ରକୃତ ପ୍ରତିମୂର୍ତ୍ତିର ଉଚ୍ଚତା ୧୨୬ ଫୁଟ ରହିଛି। ଏହାକୁ ନିର୍ମାଣ କରିବା ପାଇଁ ୪୦୪.୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ଏହାକୁ ନିର୍ମାଣ କରାଯାଇଛି। ଏଥିପାଇଁ ୪୦୦ ଟନ୍ ଷ୍ଟିଲ୍ ବ୍ୟବହାର କରାଯାଇଛି। ଆମ୍ବେଦକରଙ୍କ ଜୀବନୀକୁ ଦେଖାଇବା ପାଇଁ ପରିସରରେ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇଛି। ୨୦୦୦ ଲୋକ ବସିବା ଭଳି ଏକ ସମ୍ମିଳନୀ କକ୍ଷ ଏବଂ ୮ ହଜାର ବର୍ଗଫୁଟର ଫୁଡ୍ କୋର୍ଟ ବନାଯାଇଛି।

■ ସୁପ୍ରିମକୋର୍ଟ ଇତିହାସରେ ପ୍ରଥମ

## ଦିନକରେ ୧୧ ମହିଳାଙ୍କ ସହ ୫୬ଜଣଙ୍କୁ ବରିଷ୍ଠ ଆଇନଜୀବୀ ଭାବେ ମିଳିଲା ସ୍ୱୀକୃତି

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ୫୬ ଜଣ ଆଇନଜୀବୀଙ୍କୁ ବରିଷ୍ଠ ଆଇନଜୀବୀ ଭାବେ ସ୍ୱୀକୃତି ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୧୧ ଜଣ ମହିଳା ଆଇନଜୀବୀ ରହିଥିବା ବେଳେ ୩୪ ଜଣ ପ୍ରଥମ ପିଢିର ଆଇନଜୀବୀ ରହିଛନ୍ତି। ତେବେ ଗୋଟିଏ ଦିନରେ ୧୧ ମହିଳାଙ୍କୁ ବରିଷ୍ଠ ଆଇନଜୀବୀ ଭାବେ ସ୍ୱୀକୃତି ମିଳିବା ସୁପ୍ରିମକୋର୍ଟ ଇତିହାସରେ ପ୍ରଥମ। କାରଣ ବର୍ତ୍ତମାନ ସୁଦ୍ଧା ସୁପ୍ରିମକୋର୍ଟରେ କେବଳ ୧୨ ଜଣ ମହିଳା ଆଇନଜୀବୀଙ୍କୁ ବରିଷ୍ଠ ଆଇନଜୀବୀର ମାନ୍ୟତା ମିଳିପାରିଛି। ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଏହି ଆଇନଜୀବୀଙ୍କୁ ସ୍ୱୀକୃତି ଦିଆଯାଇଥିବାରୁ ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏହାଦ୍ୱାରା ମହିଳାମାନଙ୍କୁ ନ୍ୟାୟ ଦିଆଯିବା ସହିତ ସେମାନଙ୍କ କାର୍ଯ୍ୟ ଏବଂ ଦକ୍ଷତାକୁ ମଧ୍ୟ ସମ୍ମାନିତ କରାଯାଇଛି ବୋଲି କୁହାଯାଇଛି।

**ବିଲ୍‌କିସ୍ ବାନୋ ମାମଲାରେ ୧୧ ଦୋଷୀଙ୍କୁ 'ସୁପ୍ରିମ' ଝଟକା**

# ୨୧ ସୁଦ୍ଧା ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି)**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଲକିସ୍ ବାନୋ ମାମଲାରେ ଜେଲରୁ ମୁକ୍ତି ପାଇଥିବା ୧୧ ଦୋଷୀ ଚଳିତ ମାସ ୨୧ ତାରିଖ ସୁଦ୍ଧା ଆତ୍ମ ସମର୍ପଣ କରି ପୁଣି ଜେଲକୁ ଫେରିବା କଥା। କିନ୍ତୁ ଆତ୍ମ ସମର୍ପଣ ପାଇଁ ଏହି ୧୧ ଦୋଷୀ ଆଉ କିଛି ସମୟ ମାଗି ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ତେବେ ସୁପ୍ରିମକୋର୍ଟ ଏହି ଆବେଦନକୁ ଶୁକ୍ରବାର ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ସବୁ ଆବେଦନକୁ ଅଗ୍ରାହ୍ୟ କରି ସୁପ୍ରିମକୋର୍ଟ ଯେଉଁ ସମୟ ଅବଧିରେ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଛନ୍ତି ତାହା କରିବାକୁ ପଡ଼ିବ ବୋଲି କହିଛନ୍ତି । ସେମାନଙ୍କ ଆବେଦନକୁ ନିରାଧାର ଦର୍ଶାଇ ଆତ୍ମ ସମର୍ପଣ ଲାଗି ଅଧିକ ସମୟ ଦିଆଯାଇପାରିବନି ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏହି ୧୧ ଦୋଷୀ ନିଜର ସ୍ୱାସ୍ଥ୍ୟ, ବୃଦ୍ଧ ପିତାମାତା ଏବଂ ଅନ୍ୟ ପାରିବାରିକ ଦାୟିତ୍ୱର ବାହାନା କରି ଆତ୍ମସମର୍ପଣ ତାରିଖ ବଢାଇବାକୁ ନିବେଦନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୦୨ ଗୁଜରାଟ ଦଙ୍ଗା ସମୟରେ ବିଲକିସ୍ ବାନୋଙ୍କ ସହ ଗଣ ଦୁଷ୍କର୍ମ ସହିତ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। କିନ୍ତୁ ଦଣ୍ଡ ଅବଧି ପୂର୍ବରୁ ଗୁଜରାଟ ସରକାର ସେମାନଙ୍କୁ କ୍ଷମା ଦେଇ ୨୦୨୨ରେ ଜେଲରୁ ମୁକ୍ତ କରିଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିଲକିସ୍ ବାନୋ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।



### ଅଯଥା ପିଆଇଏଲ ପାଇଁ ଆଇନଜୀବୀଙ୍କୁ ଏକ ଲକ୍ଷର ଦଣ୍ଡ

ସୁପ୍ରିମକୋର୍ଟରେ ଏକ ଅର୍ଥହୀନ ଜନସ୍ୱାର୍ଥ ମାମଲା ଦାଏର କରିଥିବାରୁ ସୁପ୍ରିମକୋର୍ଟ ଜଣେ ଆଇନଜୀବୀଙ୍କ ଉପରେ ଏକ ଲକ୍ଷ ଟଙ୍କାର ଜୋରିମାନା ଲଗାଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟତା ରଦ୍ଦ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ସେ ପୁଣି ତାଙ୍କ ସଦସ୍ୟତା ଫେରି ପାଇଥିଲେ। କିନ୍ତୁ ଲକ୍ଷ୍ନୌର ଜଣେ ଆଇନଜୀବୀ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। କିନ୍ତୁ ଜଷ୍ଟିସ୍ ବି ଆର ଗଭାଇ ଏବଂ ଜଷ୍ଟିସ୍ ସନ୍ଦୀପ ମେହଟ୍ଟା ଏହି ମାମଲାର ଶୁଣାଣି ବେଳେ ଏହାକୁ ଏକ ଅଯଥା ମାମଲା ବୋଲି କହିବା ସହିତ ଏଭଳି ମାମଲା ରୁଜୁ କରାଯାଇ କେବଳ ଅଦାଲତ ସମୟ ନଷ୍ଟ କରାଯାଉଛି ବୋଲି କହିଥିଲେ। ଏହି ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ଆଇନଜୀବୀ ଅଶୋକ ପାଣ୍ଡେଙ୍କୁ ଖଣ୍ଡପୀଠ ଭର୍ତ୍ସନା କରିବା ସହିତ ଅଯଥାରେ କୋର୍ଟ ସମୟ ନଷ୍ଟ କରିଥିବାରୁ ଏକ ଲକ୍ଷ ଟଙ୍କାର ଦଣ୍ଡଦେବାକୁ ନିର୍ଦ୍ଦେଶ ଦେଇଥିଲେ।

**ଲାଲୁଙ୍କ ଘରେ ଇଡି ଅଧିକାରୀ**

## ଦୁର୍ନୀତି ମାମଲାରେ ହାଜର ହେବାକୁ ନିର୍ଦ୍ଦେଶ

**ପାଟନା, ୧୯।୧ (ଏଜେନ୍ସି):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ଅଧିକାରୀ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଘରେ ପହଞ୍ଚି ଯାଇଛନ୍ତି। ଜମି ନେଇ ଚାକିରି ଦେବା ମାମଲାରେ ଲାଲୁ ଯାଦବ ଏବଂ ତାଙ୍କ ପୁଅ ତଥା ବିହାର ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ



ଯାଦବଙ୍କୁ ସମନ ଜାରି କରିଛନ୍ତି। ଲାଲୁଙ୍କୁ ୨୯ରେ ଏବଂ ତେଜସ୍ୱୀଙ୍କୁ ୩୦ ତାରିଖରେ ଜେରା ପାଇଁ ପାଟନା ସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ସେହିପରି ଇଡିର ଆଉ ଏକ ଟିମ୍ ଲାଲୁଙ୍କ ପତ୍ନୀ ରାବ୍ରୀ ଦେବୀଙ୍କ ବାସଭବନରେ ପହଞ୍ଚି ସମନ ଦେଇଛି। ଏହା ପୂର୍ବରୁ ବାପା-ପୁଅ ଇଡି ନିକଟରେ ହାଜର ହୋଇ ନ ଥିଲେ। ୟୁପିଏ-୧ ସରକାର ସମୟରେ ଏହି ଦୁର୍ନୀତି ହୋଇଥିଲା। ସେତେବେଳେ ଲାଲୁ ରେଳମନ୍ତ୍ରୀ ଥିଲେ। ଅନ୍ୟପକ୍ଷରେ ରାଉଜ ଆଭିନ୍ୟୁ କୋର୍ଟ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି।

### ଶରଦ ପାୱାରଙ୍କ ପୁତୁରାଙ୍କୁ ଇଡି ସମନ



**ମୁମ୍ବାଇ, ୧୯।୧ (ଏଜେନ୍ସି):** ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ପୁତୁରା ତଥା ବିଧାୟକ ରୋହିତ ପାୱାରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ମହାରାଷ୍ଟ୍ର ଷ୍ଟେଟ କୋଅପରେଟିବ ବ୍ୟାଙ୍କ (ଏମ୍‌ଏସ୍‌ସିବି) ଦୁର୍ନୀତି ମାମଲାରେ ଜେରା ପାଇଁ ତାଙ୍କୁ ୨୪ ତାରିଖରେ ହାଜର ହେବାକୁ କୁହାଯାଇଛି। ଗତ ୫ ତାରିଖରେ ଇଡି ଏହି ମାମଲାରେ ରୋହିତଙ୍କ କମ୍ପାନୀ 'ବାରାମତି ଆଗ୍ରୋ' ର ପୁଣେ, ଔରଙ୍ଗାବାଦ ସହିତ ଅନ୍ୟ ଠିକଣାରେ ଚଢ଼ଉ କରିଥିଲା। ମହାରାଷ୍ଟ୍ର ପୁଲିସର ଆର୍ଥିକ ଅପରାଧ ଶାଖା ୨୦୧୯ ଅଗଷ୍ଟରେ ଏହି ଦୁର୍ନୀତି ମାମଲା ରୁଜୁ କରିଥିଲା। ପରେ ଏହା ଇଡି ହାତକୁ ଯାଇଥିଲା। ୩୮ ବର୍ଷୀୟ ରୋହିତ ଶରଦ ପାୱାରଙ୍କ ଏନ୍‌ସିପି ଗୋଷ୍ଠୀରେ ସାମିଲ ଅଛନ୍ତି। ଏହି ସମନକୁ ନେଇ ସେ ବିଜେପିକୁ ନିଶାଣ କରିଛନ୍ତି। ପାୱାର ଗୋଷ୍ଠୀର 'ଯୁବ ସଂଘର୍ଷ ଯାତ୍ରା'ରେ ବିଜେପି ଭୟଭୀତ ହୋଇଯାଇଛି।

### ରାଞ୍ଚିରେ ଇଡି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ

ଜମି ଦୁର୍ନୀତି ମାମଲାରେ ଇଡି ଶନିବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜେରା କରିବାକୁ ଯାଉଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏଜେନ୍ସିର କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଆଦିବାସୀ ରାସ୍ତାକୁ ଓହ୍ଲାଇଛନ୍ତି। କେନ୍ଦ୍ରୀୟ ସରନା ସମିତି ପକ୍ଷରୁ ରାଞ୍ଚିର ରାଜଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯଦି ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରତି ଇଡିର ଆଭିମୁଖ୍ୟ ଠିକ୍ ନ ରହିବ ତେବେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘର ସଭାପତି ଅଜୟ ତିର୍କି କହିଛନ୍ତି। କେନ୍ଦ୍ର ବିରୋଧରେ ଝାଡ଼ଖଣ୍ଡ ବନ୍ଦ କରାଯିବ।

■ ଘରୋଇ ଅନାଥ ଆଶ୍ରମରେ ଅକଥନୀୟ ନିର୍ଯାତନା

## ପିଲାଙ୍କୁ ଓଲଟା ଟାଙ୍ଗି ଦିଆଯାଉଛି ଲଙ୍କା ଧୂଆଁ

**ଭୋପାଲ,୧୯।୧(ଏଜେନ୍ସି)**

ମଧ୍ୟପ୍ରଦେଶ ଇନ୍ଦୋରସ୍ଥିତ ଏକ ଘରୋଇ ଅନାଥ ଆଶ୍ରମରେ ପିଲାମାନଙ୍କୁ କିଭଳି ଅକଥନୀୟ ନିର୍ଯାତନା ଦିଆଯାଉଛି ତାହାର ଛବି ସାମ୍ନାକୁ ଆସିଛି। ଏହି ଅନାଥ ଆଶ୍ରମ ସମ୍ପର୍କରେ କିଛି ଖବର ବାହାରକୁ ଆସିବା ପରେ ରାଜ୍ୟ ଶିଶୁ କଲ୍ୟାଣ କମିଟି ପକ୍ଷରୁ ଯାଞ୍ଚ କରାଯାଇଥିଲା। ତେବେ ଯାଞ୍ଚ ସମୟରେ ଯାହାକିଛି ଜଣାପଡ଼ିଛି ତାହା ବିଭିନ୍ନ ମହଲରେ ଗଭୀର ଉଦବେଗ ସୃଷ୍ଟି କରିଛି। ମିଳିଥିବା ଖବର ଅନୁସାରେ ଇନ୍ଦୋରରେ ବାତ୍ସଲ୍ୟପୁରମ ଜୈନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏକ ଅନାଥ ଆଶ୍ରମ ରହିଛି। ଏହି ଟ୍ରଷ୍ଟ ଦ୍ୱାରା ଇନ୍ଦୋର ବ୍ୟତୀତ ବେଙ୍ଗାଲୁରୁ,ଯୋଧପୁର, କୋଲକାତା ଏବଂ ଅନ୍ୟ କେତେକ ସ୍ଥାନରେ ୧୩ଟି ଅନାଥ ଆଶ୍ରମ କାର୍ଯ୍ୟ କରୁଛି। କିନ୍ତୁ ଇନ୍ଦୋର ଅନାଥ ଆଶ୍ରମରେ ୨୧ ଛୋଟ ପିଲା ରହିଥିବା ବେଳେ ଏଠାରେ ସାମାନ୍ୟ ଭୁଲ ପାଇଁ ସେମାନଙ୍କୁ ଦଣ୍ଡ ସ୍ୱରୂପ କଠୋର ନିର୍ଯାତନା ଦିଆଯାଉଛି। ପିଲାମାନେ ଶିଶୁ କଲ୍ୟାଣ କମିଟି ନିକଟରେ କରିଥିବା ଅଭିଯୋଗ ଅନୁସାରେ, ସେମାନଙ୍କୁ ଓଲଟା ଟାଙ୍ଗି ଦିଆଯାଇ ଲଙ୍କା ଧୂଆଁ ଦିଆଯାଉଛି। ଲୁହାକୁ ତତାଇ ଚେଙ୍କ ଦିଆଯିବା ସହିତ ଖାଲି ଦେହରେ ସେମାନଙ୍କ ଫଟୋ ମଧ୍ୟ ନିଆଯାଉଛି। ଗତ ସପ୍ତାହରେ ଶିଶୁ କଲ୍ୟାଣ କମିଟିର ଏକ ଟିମ୍ ଏହି ଅନାଥ ଆଶ୍ରମ ପରିଦର୍ଶନରେ ଯାଇଥିବା ବେଳେ ପିଲାମାନଙ୍କ ଠାରୁ ଏକଥା ଶୁଣି ହତାବାକ୍ ହୋଇପଡ଼ିଛି। ବର୍ତ୍ତମାନ ପୁଲିସ ପକ୍ଷରୁ ଘଟଣାର ଯାଞ୍ଚ ଆରମ୍ଭ କରାଯାଇଥିବା




ବେଳେ ଏହି ଆଶ୍ରମର ୫ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଜଣେ ଚାରି ବର୍ଷର ଶିଶୁ ପ୍ୟାଣ୍ଟରେ ମଳତ୍ୟାଗ କରିଦେଇଥିବାରୁ ତାକୁ ଖାଇବାକୁ ଦିଆନଯାଇ ବାଥରୁମରେ ଦୁଇ ଦିନ ପର୍ଯ୍ୟନ୍ତ ବନ୍ଦ କରି ରଖାଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଏହି ଅନାଥ ଆଶ୍ରମରେ ମଧ୍ୟପ୍ରଦେଶ ଛଡ଼ା ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ ଏବଂ ଓଡ଼ିଶାରପିଲାମାନେରହିଥିବାକୁହାଯାଇଛି।

**ନାସାକୁ ମିଳିଲା ବଡ଼ ସଫଳତା**

# ପୁଣି କାମକଲା ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର

**ୱାଶିଂଟନ, ୧୯।୧ (ଏଜେନ୍ସି)**

ପୁଣି ନୂଆ ଆଶା ସଞ୍ଚାର ହୋଇଛି। ଚନ୍ଦ୍ରରେ ଥିବା ଭାରତର ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର (ବିକ୍ରମ) ପୁଣି କାର୍ଯ୍ୟକ୍ଷମ ହୋଇଛି। ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାକୁ ଏହି ବଡ଼ ସଫଳତା ମିଳିଛି। ଏଜେନ୍ସି ବିକ୍ରମ ସହ ଯୋଗାଯୋଗ ସ୍ଥାପନ କରିବାରେ ସଫଳ ହୋଇଛି।

- **ଦଶନ୍ଧି ପର୍ଯ୍ୟନ୍ତ କାର୍ଯ୍ୟ କରିବ**
- **ବିଶ୍ୱର ଚନ୍ଦ୍ର ଅଭିଯାନକୁ ମାର୍ଗ ଦେଖାଇବ**

ଏବେ ବିକ୍ରମରେ ଲାଗିଥିବା ଲେଜର ରିଫ୍ଲେକ୍ଟର ଆରେ (ଏଲଆରଏ) ବିଶ୍ୱର ଅନ୍ୟ ଚନ୍ଦ୍ର ଅଭିଯାନ ପାଇଁ ମାର୍ଗଦର୍ଶକ ପାଲଟି ଯାଇଛି। ସୂଚନା ଅନୁଯାୟୀ ଚନ୍ଦ୍ରକୁ ପ୍ରଥମ ଥର ପାଇଁ ପରିକ୍ରମା କରୁଥିବା ନାସାର ଏକ ମହାକାଶ ଯାନ ବିକ୍ରମ ଉପରେ ଲେଜର ପକାଇ ଥିଲା। ପରେ ଏହା ପ୍ରତିଫଳନ ହୋଇ ମହାକାଶ ଯାନକୁ ସଙ୍କେତ ଦେଇଥିଲା। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ



(ଇସ୍ରୋ) ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି।

ନାସାର ଲୁନାର ଅର୍ବିଟର (ଏଲଆରଓ) ଡିସେମ୍ବର ୧୨ ତାରିଖରେ ବିକ୍ରମର ରିଫ୍ଲେକଟର ଦେଇଥିବା ସିଗ୍‌ନାଲକୁ ଗ୍ରହଣ କରିଥିଲା। ଏଲ୍‌ଆରଓ ଏହାକୁ ବ୍ୟବହାର କରି ଲେଜର ରେଞ୍ଜ୍ ହାସଲ କରିଥିଲା। ଚନ୍ଦ୍ରରେ ରାତି ହୋଇଥିବାବେଳେ ଏହି ପରୀକ୍ଷଣ କରାଯାଇଥିଲା। ଏହି ସମୟରେ ଏଲଆରଓ ଚନ୍ଦ୍ରଯାନ-୩ ଅଭିମୁଖେ ବଢୁଥିଲା। ସୂଚନାଯୋଗ୍ୟ ଯେ ଉତ୍‌କ୍ଷେପଣ ପୂର୍ବରୁ ଚନ୍ଦ୍ରଯାନ-୩ରେ ନାସାର ଏଲ୍‌ଆରଏ ଲଗା ଯାଇଥିଲା। ୨୦ ଗ୍ରାମ ଓଜନର ଏହି ଲେଜର ରେଟ୍ରୋରିଫ୍ଲେକର ଅର୍ଦ୍ଧଗୋଲାକାର। ଏହାର ୮ଟି କୋଣ ରହିଛି। ଏହା ଚନ୍ଦ୍ରକୁ ପରିକ୍ରମା କରୁଥିବା ଯେକୌଣସି ଯାନକୁ ଅଲଗା ଅଲଗା ଦିଗରୁ ଲେଜର ମାଧ୍ୟମରେ ସିଗ୍‌ନାଲ ପଠାଉଛି। ଇସ୍ରୋ ପକ୍ଷରୁ କୁହାଯାଇଛି ଯେ ଏଲ୍‌ଆରଏ ଦୀର୍ଘଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏହାକୁ ଭୌଗଳିକ ଷ୍ଟେସନ ଏବଂ ଚନ୍ଦ୍ରପୃଷ୍ଠର ମାର୍ଗଦର୍ଶକ ଭାବେ ବ୍ୟବହାର କରାଯିବ। ଏଲ୍‌ଆରଏ ପଠାଉଥିବା ତଥ୍ୟ ସଠିକ୍ ଦିଗ ନିର୍ଣ୍ଣୟରେ ସହାୟକ ହେବ। ଏହା ସହିତ ଚନ୍ଦ୍ରର ଗତି, ଗଠନ ଏବଂ ମାଧ୍ୟାକର୍ଷଣ ଶକ୍ତି ବିଷୟରେ ମଧ୍ୟ ସୂଚନା ଦେବ।

## ଜାପାନକୁ ସଫଳତା: ଚନ୍ଦ୍ରରେ ଅବତରଣ କଲା 'ସ୍ଲିମ୍'

**ଟୋକିଓ, ୧୯।୧ (ଏଜେନ୍ସି)**

ଜାପାନକୁ ବଡ଼ ସଫଳତା ମିଳିଛି। ଆମେରିକା, ରୁଷ୍, ଚୀନ୍ ଏବଂ ଭାରତ ପରେ ବିଶ୍ୱର ପଞ୍ଚମ ଦେଶ ଭାବେ ଜାପାନ ଚନ୍ଦ୍ରରେ ପହଞ୍ଚିଛି। ମହାକାଶ ଯାନ 'ମୁନ୍ ସ୍ନାଇପର'ର ଲ୍ୟାଣ୍ଡର (ସ୍ଲିମ୍) ଶୁକ୍ରବାର ରାତିରେ ଚନ୍ଦ୍ରପୃଷ୍ଠରେ ସହଜରେ (ସଫ୍ଟ ଲ୍ୟାଣ୍ଡିଂ) ଅବତରଣ କରିଛି। ଏହାକୁ ନେଇ ବୈଜ୍ଞାନିକମାନେ ଉତ୍ସବ ମନାଉଛନ୍ତି। ସମସ୍ତେ ସ୍ଲିମ୍‌ର ସିଗ୍‌ନାଲକୁ ଅପେକ୍ଷା କରିଛନ୍ତି। ଲ୍ୟାଣ୍ଡର ଶହେ ମିଟର ଉଚ୍ଚରୁ ଧାର୍ଯ୍ୟ ସ୍ଥାନରେ ଅବତରଣ କରିଥିଲେ। ତେବେ ସ୍ଲିମ୍ ସଠିକ୍ ସ୍ଥାନରେ ଅବତରଣ କରିଛି କି ନାହିଁ ତାହା ଜାଣିବା ଲାଗି ମାସେ ସମୟ ଲାଗିବ ବୋଲି ଜାପାନ ମହାକାଶ ଏଜେନ୍ସି ଜାକ୍ସା ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ ସ୍ନାଇପର ଡିସେମ୍ବର ୨୫ ତାରିଖରେ ଚନ୍ଦ୍ର କକ୍ଷରେ ପହଞ୍ଚି ଥିଲା। ଏହି ଯାନରେ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ରାଡାର ସହିତ ଯାଇଥିବା ସ୍ଲିମ୍ ଲ୍ୟାଣ୍ଡର ଚନ୍ଦ୍ରର ଭୂମଧ୍ୟ ରେଖାରେ ଅବତରଣ କରିଛି। ଏହି ଯାନ ଚନ୍ଦ୍ରରେ ଥିବା ଖାଲ ଉପରେ ଅଧ୍ୟୟନ କରିବ। ବୈଜ୍ଞାନିକଙ୍କ ଅନୁଯାୟୀ ଆଗ୍ନେୟଗିରି ଉଦ୍‌ଗୀରଣ ଯୋଗୁଁ ଚନ୍ଦ୍ରରେ ଏହି ଖାଲ ସୃଷ୍ଟି



ହୋଇଥିଲା। ଚନ୍ଦ୍ରର ଗଠନ ବିଷୟରେ ମଧ୍ୟ ସ୍ନାଇପର ଯାଞ୍ଚ କରିବ। ଏହା ଖଣିଜ ଦ୍ରବ୍ୟ ଅନୁସନ୍ଧାନ କରି ପୃଷ୍ଠରେ ଥିବା ପଦାର୍ଥର ସୂଚନା ଦେବ। ଜାପାନ ଏହି ଅଭିଯାନ ପାଇଁ ପ୍ରାୟ ୧୦୨ ମିଲିୟନ ଡଲାର ଖର୍ଚ୍ଚ କରିଥିବା ଜଣାପଡ଼ିଛି।

ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

## ଅଯୋଧ୍ୟା ମାମଲାରେ ରାୟ ଶୁଣାଇଥିବା ବିଚାରପତିଙ୍କୁ ଆମନ୍ତ୍ରଣ

**ନୂଆଦିଲ୍ଲୀ,୧୯।୧(ଏଜେନ୍ସି):** ରାମ ଜନ୍ମଭୂମି ମାମଲାରେ ରାୟ ଶୁଣାଇଥିବା ସୁପ୍ରିମକୋର୍ଟର ୫ ବିଚାରପତିଙ୍କୁ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଆମନ୍ତ୍ରଣ କରାଯାଇଛି। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ସମେତ ପୂର୍ବତନ ସିଜେଆଇ ଜଷ୍ଟିସ୍ ଏସଏ ବୋୱଡେ, ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଜଷ୍ଟିସ୍ ଅବଦୁଲ ନଜିର ୨୦୧୯ ନଭେମ୍ବର ୯ ତାରିଖରେ ଏହି ରାୟ ପ୍ରକାଶ କରିଥିଲେ। ଏହି ୫ ବିଚାରପତିଙ୍କ ବ୍ୟତୀତ ସାରା ଦେଶରୁ ୫୦ ବିଚାରପତି ଏବଂ ବରିଷ୍ଠ ଆଇନଜୀବୀଙ୍କୁ ମଧ୍ୟ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଆମନ୍ତ୍ରଣ କରାଯାଇଛି।

■ ସରିଲା ଓଏସ୍ଏସ୍‌ଟିଇଟି ପରୀକ୍ଷା

# ୧୬୫ କେନ୍ଦ୍ରରେ ପରୀକ୍ଷା ଦେଲେ ୪୭ ୭୮୪ ପରୀକ୍ଷାର୍ଥୀ



କଟକ, ୧୯ ।୧(ସମିସ): ଓଡ଼ିଶା ମାଧ୍ୟମିକ ଶି କ୍ଷା ପରିଷଦ(ବୋର୍ଡ) ପକ୍ଷରୁ ରାଜ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ୪୭ହଜାର ୭୪୪ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୧୬୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା । ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ପେପର-୧ ଏବଂ ଅପରାହ୍ନ ୧ଟା ୩୦ମିନିଟରୁ ୪ଟା ପର୍ଯ୍ୟନ୍ତ ପେପର-୨ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ । ତେବେ ସୂଚାରୁରୂପେ ପରୀକ୍ଷା ଶେଷ ହୋଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି ।


ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-206 ◆BHUBANESWAR ◆SATURDAY ◆20 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୬ ◆ଭୁବନେଶ୍ୱର ◆ଶନିବାର ◆୨୦ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଝାରସୁଗୁଡ଼ାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଉଦ୍‌ଘାଟିତ

# ୨୩ ହଜାର କୋଟିର ନିବେଶ ପ୍ରତିଶ୍ରୁତି



■ ଝାରସୁଗୁଡ଼ା, ୧୯।୧ (ସମିସ): ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ଚାପ୍ଟର ପକ୍ଷରୁ ଓଡ଼ିଶା ସରକାରଙ୍କ ସହଯୋଗରେ ପ୍ରଥମଥର ପାଇଁ ଝାରସୁଗୁଡ଼ାରେ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସହ ୨୩, ୩୮୯.୪୩ କୋଟି ଟଙ୍କା ପୁଞ୍ଜିନିବେଶ ପ୍ରତିଶ୍ରୁତି ଥିବା ୧୧ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୫, ୧୬୮ ଜଣ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ସମ୍ମିଳନୀରେ ଦୁଇଦିନ ମଧ୍ୟରେ ବହୁସଂଖ୍ୟାରେ ଜି୨ବି ଓ ବି୨ବି ବୈଠକ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ପୁଞ୍ଜିନିବେଶ ପ୍ରସ୍ତାବ ପରିମାଣ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି ।

୨୦୨୪ ଜାନୁଆରୀ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୪ତମ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୪କୁ ଝାରସୁଗୁଡ଼ାର ପ୍ରଦର୍ଶନୀ ପଡ଼ିଆରେ ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ ଶିଳ୍ପ ବିକାଶକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାର ପ୍ରମାଣ ହେଉଛି ଏହି କାର୍ଯ୍ୟକ୍ରମ । ଏହାଦ୍ୱାରା ରାଜ୍ୟରେ ଅନ୍ତର ଦୂର ହେବ ଏବଂ ଅଭିବୃଦ୍ଧି ଆହୁରି ସୁଦୃଢ଼ ହେବ । ଝାରସୁଗୁଡ଼ା, ▸ପୃଷ୍ଠା-୯

**ଓଡ଼ିଶା ସରକାରଙ୍କ ସହ ୧୧ ଏମ୍‌ଓୟୁ ସ୍ୱାକ୍ଷର**

**ସୃଷ୍ଟି ହେବ ୧୫, ୧୬୮ ନିଯୁକ୍ତି ସୁଯୋଗ**

**ରାଜ୍ୟରେ ଭିତ୍ତିଭୂମିରେ ଜିଏସ୍‌ଡିପି ନିବେଶ ୭.୫-୮ ପ୍ରତିଶତ ବୃଦ୍ଧି ପାଇବ: ମୁଖ୍ୟ ସଚିବ**

**ଝାରସୁଗୁଡ଼ା ଓଡ଼ିଶା ଶିଳ୍ପାୟନର ପ୍ରତିନିଧିତ୍ୱ କରୁଛି: ହେମନ୍ତ ଶର୍ମା**

**ଶିଳ୍ପ ପ୍ରଦର୍ଶନୀରେ ୧୦୦ରୁ ଅଧିକ ପ୍ରଦର୍ଶନକାରୀଙ୍କ ଅଂଶଗ୍ରହଣ**

# ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ

**ଯାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଗଲା**

**ମହାପ୍ରଭୁଙ୍କୁ ଦର୍ଶନ କଲେ, ପରିକ୍ରମା ପ୍ରକଳ୍ପ ବୁଲିଲେ**

**ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ଯାତ୍ରୀ**



■ ପୁରୀ, ୧୯।୧(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିବା ଏଣିକି ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ସହଜ ହୋଇଗଲା । ଶ୍ରୀକ୍ଷେତ୍ର ପୁରୀକୁ ଆସିବା ପାଇଁ ସେମାନଙ୍କୁ ଆଉ ଭାବିବାକୁ ପଡ଼ିବନି କି କେମିତି ପହଞ୍ଚିବେ, ସେ ଚିନ୍ତା କରିବାକୁ ହେବନି । କାରଣ ଏବେ ରାଜ୍ୟର ସବୁ ଜିଲ୍ଲାରୁ ପୁରୀକୁ ଗଡ଼ିବ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ । ଏହି କ୍ରମରେ ୧୨ଟି ଜିଲ୍ଲାରୁ ଯାତ୍ରୀଙ୍କୁ ଧରି ଆସିଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଶୁକ୍ରବାର ସକାଳେ ପୁରୀରେ ପହଞ୍ଚିଛି । ଏଠାରେ ପହଞ୍ଚିବା ପରେ ଯାତ୍ରୀଙ୍କୁ କରାଯାଇଛି ଉଚ୍ଛ୍ୱସିତ ସ୍ୱାଗତ । ଫୁଲ, ଚନ୍ଦନ ଲଗାଇ ସେମାନଙ୍କୁ ଶ୍ରୀକ୍ଷେତ୍ର ମାଟିକୁ ସ୍ୱାଗତ କରିଛି ପରିବହନ ବିଭାଗ ।

ସବୁ ବର୍ଗର ଲୋକଙ୍କୁ ଆରାମଦାୟକ ଯାତ୍ରା ନିମନ୍ତେ ପ୍ରତି ଜିଲ୍ଲା ସଦର ମହକୁମାରୁ ପୁରୀ ଆସିବା ଲାଗି ଗୁରୁବାର 'ଲକ୍ଷ୍ମୀ' ବସ୍ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନୟକ ଆରମ୍ଭ କରିଥିଲେ 'ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍' । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ବସ୍ ଚଳାଚଳ ସେବାକୁ ଶୁଭାରମ୍ଭ କରିବା ପରେ ସନ୍ଧ୍ୟାରେ ରାଜ୍ୟର ୧୨ଟି ଜିଲ୍ଲା ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡା, ବଲାଙ୍ଗୀର, ଭବାନୀପାଟଣା, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, ଭଞ୍ଜନଗର (ଗଞ୍ଜାମ) ରୁ ପୁରୀ ଅଭିମୁଖେ ବାହାରିଥିଲା ଏହି ବସ୍ । ଶୁକ୍ରବାର ସକାଳେ ପର୍ଯ୍ୟାୟକ୍ରମେ ବସ୍‌ଗୁଡ଼ିକ ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା । ପରିବହନ ବିଭାଗ ଅଧିକାରୀ ବସ୍‌ଷ୍ଟାଣ୍ଡରେ ଉପସ୍ଥିତ ରହି ଯାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ ଯାତ୍ରୀମାନେ ଆରାମଦାୟକ ଯାତ୍ରା କରି ପୁରୀରେ ପହଞ୍ଚିଥିଲେ । ୧୨/୧୪ ଘଣ୍ଟା ଯାତ୍ରା କରିଥିଲେ ମଧ୍ୟ ଏହି ବିଳାସପୂର୍ଣ୍ଣ ଭଲ୍‌ଭୋ ବସ୍‌ରେ ସେମାନେ କୌଣସି ପ୍ରକାର କ୍ଳାନ୍ତ ଅନୁଭବ କରି ନଥିଲେ । ପରେ ନିଜ ନିଜର ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ । ଏହି ଯାତ୍ରୀଙ୍କ ମଧ୍ୟରୁ ସିଂହଭାଗ ଯାତ୍ରୀ ମହାପ୍ରଭୁଙ୍କ ଦର୍ଶନ ଏବଂ ପରିକ୍ରମା ପ୍ରକଳ୍ପ କିପରି ହୋଇଛି, ତାହା ଦେଖିବାକୁ ଆସିଥିଲେ । ସେମାନେ ଶ୍ରୀମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପର ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ । ଏହି ବସ୍ ସେବା ପାଇଁ ଯାତ୍ରୀମାନେ ଲକ୍ଷ୍ମୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ । ବସ୍‌ଷ୍ଟାଣ୍ଡରେ ଓଏସ୍‌ଆରଟିସିର ଜେନେରାଲ ମ୍ୟାନେଜର (ପ୍ରଶାସକ) ବିଶିକେଶନ ଦେହୁରୀ, ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ରବୀନ ପଟ୍ଟନାୟକ, ପରିବହନ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଓଏସ୍‌ଆରଟିସିର ପୁରୀ ଜିଲ୍ଲା ମ୍ୟାନେଜର ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ରହି ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ ।

ଆର୍‌ଟିଓ ରବୀନ ପଟ୍ଟନାୟକ କହିଛନ୍ତି, ଅନେକ ଜିଲ୍ଲାର ଲୋକେ ପୁରୀ ଆସିବାକୁ ହେଲେ ସେମାନଙ୍କୁ ଚିନ୍ତା କରିବାକୁ ପଡୁଥିଲା । ଏବେ ସେହି ଚିନ୍ତା ଦୂର ହେଲା । ଜଗନ୍ନାଥ ଏକ୍ସପ୍ରେସ୍‌ରେ ଆସି ସକାଳେ ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିପାରିବେ । ଯଦି ବି କେହି ଚାହାନ୍ତି, ସେହିଦିନ ସନ୍ଧ୍ୟାରେ ପୁଣି ଘରକୁ ଫେରିପାରିବେ । ଓଡ଼ିଶାର ସବୁ ଜିଲ୍ଲାରୁ ପୁରୀକୁ ପର୍ଯ୍ୟାୟକ୍ରମେ ୮୦ଟି ବସ୍ ଚଳାଚଳ କରିବ ।

ଓଏସ୍‌ଆରଟିସି ଅଧିକାରୀ ବିଶିକେଶନ ଦେହୁରୀ କହିଛନ୍ତି, ମହିଳା ଯାତ୍ରୀଙ୍କୁ ଏହାର ଅଧା ଭଡ଼ା ଦେବାକୁ ପଡ଼ିବ । ପୁରୀ ଆସି ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ବେଳାଭୂମି ବୁଲିପାରିବେ ଏବଂ ଆଖପାଖ ବିଭିନ୍ନ ଦର୍ଶନୀୟ ସ୍ଥାନ ମଧ୍ୟ ଦେଖିପାରିବେ ।

**ବସ୍‌ରେ ଉପଲବ୍ଧ ସୁବିଧା**

ମୁଖ୍ୟତଃ ଏହା ଭଲ୍‌ଭୋ ବସ୍ । ଏହି ବସ୍‌ରେ ଦୀର୍ଘ ସମୟ ଧରି ଯାତ୍ରା କଲେ, କେହି କ୍ଳାନ୍ତ ହେବେ ନାହିଁ । ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ବସ୍ ହେଉଛି ଧୂଳିରହିତ । ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇ ବସ୍‌ରେ ସିସିଟିଭି ଲଗାଯାଇଛି । ଯାତ୍ରୀଙ୍କ ଲଗେଜ୍ ରଖିବା ଲାଗି ପର୍ଯ୍ୟାପ୍ତ ସୁବିଧା ଅଛି । ମୋବାଇଲ ଫୋନ୍ ଚାର୍ଜ କରିବା ପାଇଁ ମଧ୍ୟ ସିଟ୍ ପାଖରେ ଚାର୍ଜିଂ ସୁବିଧା ରହିଛି । ନିଜେ ଚାହିଁଲେ ଜରୁରୀ ସମୟରେ ଏମର୍ଜେନ୍ସି ବେଲ୍ ମଧ୍ୟ ମାରିପାରିବେ ।







# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


## ଆହୁରି ୩ ଦିନ କଲବଲ କରିବ କୁହୁଡ଼ି

**ଭୁବନେଶ୍ୱର, ୧୯ ।୧(ସମିସ):** ରାଜ୍ୟରେ ଆହୁରି ତିନି ଦିନ କୁହୁଡ଼ି କଲବଲ କରିବ। ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ କୁହୁଡ଼ିର ପ୍ରକୋପ ଅଧିକ ରହିବ। ଏଥିଯୋଗୁଁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ହ୍ରାସ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସକାଳ ମଧ୍ୟରେ ୧୫ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ଥିବାରୁ ସେହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି। ସେହିପରି ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ସୋନପୁର, ବୌଦ୍ଧ, ଅନୁଗୁଳ ଓ ଢେଙ୍କାନାଳରେ ଘନ କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ପାଣିପାଗ କେନ୍ଦ୍ରର କୁହୁଡ଼ି ଜନିତ ସତର୍କ ସୂଚନାକୁ ଆଧାର କରି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏସ୍ଆରସି ସତର୍କ କରାଇଛନ୍ତି। ବିଶେଷ କରି ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ରାଜପଥରେ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏସ୍ଆରସି କହିଛନ୍ତି। ଅନ୍ୟପଟେ ରାଜ୍ୟ ଉପରେ ବର୍ତ୍ତମାନ ଏକ ଗୁରୁଚାପ ବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ କୋହଲା ସହ କିଛି କିଛି ସ୍ଥାନରେ ହାଲୁକା ବର୍ଷା ମଧ ହେଉଛି।


♦VOLUME- 41 ♦ISSUE-206 ♦BHUBANESWAR ♦SATURDAY ♦20 JANUARY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୦୬ ♦ଭୁବନେଶ୍ୱର ♦ଶନିବାର ♦୨୦ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







# ଦୁର୍ଘଟଣାରେ ଗଲା ୭ ଜୀବନ

**■ ସୋରଡ଼ା, ୧୯।୧ (ସମିସ):** ସୋରଡ଼ା ଥାନା ଅଧୀନ ବିରାଡ଼ି ନିକଟ ଡ୍ରାଫ୍ଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ୫ଜଣଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ରଜନୀ ଗୌଡ଼, ମହେନ୍ଦ୍ର ନାୟକ, ଜୟନ୍ତ ବାଡ଼ତ୍ୟା, ଶ୍ରୀକାନ୍ତ ଗୌଡ଼ ଓ ମନୋଜ ଡାକୁଆ। ରଜନୀ, ମହେନ୍ଦ୍ର ଓ ଜୟନ୍ତ ସୋରଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ଶ୍ରୀକାନ୍ତ ଓ ମନୋଜଙ୍କ ଘର ଯଥାକ୍ରମେ ଅସୁରବନ୍ଧ ଓ ଦୁଲାଡ଼ ଗାଁରେ। ସେହିପରି ଗୁରୁତରଜଣଙ୍କ ହେଲେ ଦୁଲାଡ଼ ଗ୍ରାମର ପୂର୍ଣ୍ଣ ଗୌଡ଼। ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

ସୂଚନାନୁସାରେ, ରଜନୀ, ମହେନ୍ଦ୍ର ଓ ଶ୍ରୀକାନ୍ତ ଗୋଟିଏ ସ୍କୁଟିରେ ପାଟପଲ୍ଲୀ ଛକରୁ ସୋରଡ଼ା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଅନ୍ୟ ୩ଜଣଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା



ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ିଦ୍ୱୟ ବହୁ ଦୂରକୁ ଛିଟିକି ପଡ଼ିବା ସହ ଘଟଣାସ୍ଥଳରେ ହିଁ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ସୋରଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ଜୟନ୍ତଙ୍କ ମୃତ୍ୟୁ ଘଟିଥିଲା। ପୂର୍ଣ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏହି ଆପଦ ପରିବାରଙ୍କୁ ସହାୟତା ପାଇଁ ସେମାନଙ୍କ ପରିବାରବର୍ଗ ନିବେଦନ କରିଛନ୍ତି।

ସେହିପରି ଅନ୍ୟ ଏକ ଘଟଣାକ୍ରମେ, ଗୁରୁବାର ସନ୍ଧ୍ୟାରେ ସୋରଡ଼ା ଗଣିଛକରେ ଜଣେ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଗାଡ଼ି ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ।

## ଟ୍ରକ୍ ପଛରେ ପିଟିହୋଇ ଦୁଇ ସାଙ୍ଗ ମୃତ

**■ ଦହମୁଣ୍ଡା, ୧୯।୧ (ସମିସ):** କୁହୁଡ଼ି ସାଜିଲା କାଳ, ନେଇଗଲା ୨ ସାଙ୍ଗଙ୍କ ଜୀବନ। ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ ଉଲୁଡ଼ା ଛକ ନିକଟରେ ଗତ ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ସାଙ୍ଗ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବସ୍ତା ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର ବିଶ୍ୱ ବିକାଶ ପରିଡ଼ା ଏବଂ ବାହାର୍ଦ୍ଦା ଗ୍ରାମର ଆକାଶ ଭକ୍ତା। ଗୁରୁତର ବୃନ୍ଦାବନପୁର ଗ୍ରାମର ସୁନୀଲ ବେହେରାଙ୍କୁ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି

**କୁହୁଡ଼ି ସାଜିଲା କାଳ**



କରାଯାଇଛି। ଗତକାଲି ୩ ସାଙ୍ଗ ଗୋଟିଏ ବାଇକ୍‌ରେ ତାଳସାରୀ ବେଳାଭୂମି ବୁଲିବାକୁ ଯାଇଥିଲେ। ସେଠାରୁ ଫେରୁଫେରୁ ରାତି ହୋଇଯାଇଥିଲା। କୁହୁଡ଼ି ଯୋଗୁଁ ରାସ୍ତାଘାଟ ଭଲରେ ଦିଶୁ ନଥିଲା। ଏହି ସମୟରେ ଉଲୁଡ଼ା ଛକ ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ସେମାନେ ଦେଖିନପାରି ପଛପଟୁ ଧକ୍କା ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ବିଶ୍ୱ ଓ ଆକାଶଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ସୁନୀଲଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କମର୍ଦ୍ଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀ ମୃତ

### ମଦ ପାଇଁ ଗଲା ଆଉ ଗୋଟିଏ ଜୀବନ

**■ ମାଥିଲି, ୧୯।୧ (ସମିସ):** ମଦ ନିଶାରେ ନିଜ ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ମାଥିଲି ଥାନା ମାଡ଼କାପଦର ପଞ୍ଚାୟତ ସିନ୍ଧିଗୁଡ଼ା ଗ୍ରାମରେ। ଗ୍ରାମର ଦନେଇ ମାଝୀ (୫୭)ଙ୍କୁ ତାଙ୍କ ସ୍ୱାମୀ ମଙ୍ଗଳା ମାଝୀ ଛୁରୀ ଭୁସି ହତ୍ୟା କରିଛି। ମୃତ ଦନେଇଙ୍କ ସମ୍ପର୍କୀୟ ମଙ୍ଗଳା ମୁଦୁଲିଙ୍କ ଲିଖିତ ଅଭିଯୋଗ ଆଧାରରେ



ମାଥିଲି ପୁଲିସ ଅଭିଯୁକ୍ତ ସ୍ୱାମୀ ମଙ୍ଗଳାକୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ନମ୍ବର ୨୫/ ୨୪ରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ଗାଁରେ ପରବ ଚାଲିଥିବା ବେଳେ ମଦ ପିଇ ଘରକୁ ଫେରିଥିଲା ମଙ୍ଗଳା। କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ମଙ୍ଗଳା ରାଗିଯାଇ ଘରେ ଥିବା ପରିବାକଟା ଛୁରୀରେ ଦନେଇଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ମଙ୍ଗଳାକୁ ଅଟକ ରଖିବା ସହ ଦନେଇଙ୍କ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ସମ୍ପର୍କୀୟ ମଙ୍ଗଳା ମୁଦୁଲିଙ୍କ ଲିଖିତ ଅଭିଯୋଗ ପରେ ମାଥିଲି ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମଙ୍ଗଳାକୁ ଗିରଫ କରିଥିଲା।




ODISHA NEW OPPORTUNITIES

CII Confederation of Indian Industry

# Strengthening MSME Ecosystem



CII 24th

# enterprise Odisha

19 - 21 January 2024 | Jharsuguda, Odisha

Venue: Circuit House Road, Jharsuguda, Odisha

## HIGHLIGHTS:

- 2 Days Conference
- 3 Days Exhibition
- 700+ Companies
- B2B and B2G Meetings
- 100+ CEOs & 300+ CXOs
- 1000+ Opportunities
- B2B Interaction

## UNLOCK AND EXPLORE MULTITUDE OF OPPORTUNITIES:

1. Discover Ideal Partners: Ranging from job work and contract manufacturing to technology solutions and logistics services
2. Engage with Purchase Managers: Connect with over 100 Purchase Managers to secure business
3. Global Presence: Benefit from partners from Australia, Myanmar, and Bangladesh

## FOCUS SECTORS:

TECHNOLOGY PROVIDERS, IT/ITES | SUSTAINABILITY | RENEWABLE ENERGY | LOGISTICS & INFRASTRUCTURE

SAFETY SOLUTIONS | MANUFACTURING | DEFENCE & RAILWAYS | FOOD PROCESSING

Event Sponsor

MCL

Co-Event Sponsor: vedanta transforming for good

Lead Industry Partners: IFFCO — पूर्णत: सहकारी स्वामित्व, Wholly owned by Cooperatives; IndianOil

Sustainability Partner: TATA STEEL #WeAlsoMakeTomorrow

Platinum Sponsors: ADITYA BIRLA HINDALCO; JSL JINDAL STAINLESS; SHIVA A SUBSIDIARY OF JSW Cement; JSW Better Everyday; ऑयल इंडिया लिमिटेड Oil India Limited; पावरग्रिड POWERGRID

Diamond Sponsor: सेल SAIL

Gold Sponsors: Engeotech; FALCON GROUP; NAV DURGA GROUP; SES; SHYAM METALICS ORE TO METAL; SNM Group; MGM MINERALS LTD.; नालको NALCO; WCS; LYFE HOTELS; WSC

Silver Sponsors: Apollo HOSPITALS; Bharat Petroleum; COLD CHAIN SOLUTION; epsilon; msc; SARVESH; Startup Odisha; TM; यूनियन बैंक Union Bank of India; VSL RE POWER

Bronze Sponsors: ANNAPURNA FINANCE; AM/NS INDIA; BULKTAINER; GCL; Himadri; KALYANI; Lift & Shift; OSL GROUP; pwc; RAMAN ROADWAYS; RIPLEY; SBI; SCIPL; SOUL; M/S TARINI PRASAD MOHANTY; WC

For details, please contact: +91 7815031826

www.ciienterpriseodisha.com

Follow on social media:

CII Eastern Region | @cii4er | CII Eastern Region

ସକାଳ THE SAKALA



## ଲକ୍ଷ୍ମୀପୁରରେ ବିଦେଶୀ ପକ୍ଷୀଙ୍କୁ ନେଇ ଚର୍ଚ୍ଚା

**ଲକ୍ଷ୍ମୀପୁର,୧୯।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ କିଛି ଦିନ ହେବ ବିଦେଶୀ ପକ୍ଷୀଙ୍କ ସମାଗମକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏକ ପ୍ରଜାତିର ବିଦେଶୀ ପକ୍ଷୀ ଦଳ ଅଞ୍ଚଳର ଶୀତୁଆ ପାଣିପାଗ ପ୍ରତି ଆକୃଷ୍ଟ ହୋଇ ଆସିଥିବା ଅନୁମାନ କରାଯାଉଛି। ଲକ୍ଷ୍ମୀପୁର ବ୍ଲକସଦରର ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଥିବା ଆମ୍ବ ଗଛ ଏବଂ ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ ପାଖରେ ଥିବା ଆମ୍ବ ଗଛ ଡାଳ ଉପରେ ଏହି ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ତେବେ ଏହା କେଉଁ ପ୍ରଜାତିର ସ୍ପଷ୍ଟ ହୋଇ ନଥିବା ବେଳେ ଏପରି କେତେ ପକ୍ଷୀ ଆସିଛନ୍ତି ତାହାର ଅନୁଧ୍ୟାନ କରାଯାଉଥିବା ଲକ୍ଷ୍ମୀପୁର ବନ ଉପଖଣ୍ଡ ଅଧିକରୀ କୁମାର ଖରା କହିଛନ୍ତି।

## ଜନସଂଘର ଦୁଇ ପ୍ରତିଷ୍ଠାତା ସଦସ୍ୟଙ୍କୁ ସମ୍ବର୍ଦ୍ଧନା



**ଜୟପୁର, ୧୯।୧ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ପୁରାତନ ରାଜନୈତିକ ଜନସଂଘର ପ୍ରତିଷ୍ଠାତା ସଦସ୍ୟ ଜଗଦିଶ ପ୍ରସାଦ ସାହା ଓ ମୂଳଚାନ୍ଦ ପ୍ରଜାପତିଙ୍କୁ ଉପଢ଼ୌକନ ସହିତ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସ୍ଥାନୀୟ ବିଶ୍ୱହିନ୍ଦୁ ପରିଷଦ ଓ ବିଜେପିର ସୁଧାଂଶୁଶେଖର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜୟପୁର ସହରରେ ଜନସଂଘ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୫ ଜଣ ପ୍ରତିଷ୍ଠାତା ସଦସ୍ୟଙ୍କ ମଧ୍ୟରୁ ଅନ୍ୟ ୩ ଜଣ ପୂର୍ବତନ ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ କାଉନସିଲର ସ୍ୱର୍ଗତ ମନୋହରଲାଲ୍ ଆହୁଜା, ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଏମ୍ ଉପେନ୍ଦ୍ର ରାଓ ଏବଂ ସ୍ୱର୍ଗତ ଜେଠମଲଜୀ ଗୁଜୁରାଟୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହିତ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ବିଜେପିର ବରିଷ୍ଠ ସଦସ୍ୟ ଅମର ଲାଲ ଆହୁଜା, ଗୌରହରି ଦାଶ, ରମେଶ ବିଶୋଇ, ଏ ଦୁର୍ଗା ପ୍ରସାଦ, ଲକ୍ଷ୍ମୀନାରାୟଣ ପାଢ଼ୀ ଓ ନବୀନ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ୪୦ କେଜି ଗଞ୍ଜେଇ ଜବତ; ୨ ଗିରଫ





**ମାଥିଲି,୧୯।୧(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ପୁଲିସକୁ ମିଳିଛି ବଡ଼ ସଫଳତା। ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପୃଥକ ପୃଥକ ସ୍ଥାନରୁ ଦୁଇ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିବା ସହିତ ଦୁଇ ବାଇକ୍ ସହ ୪୦ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି ମାଥିଲି ପୁଲିସ।

ସୂଚନା ଅନୁଯାୟୀ, ସବ୍ ଇନ୍ସପେକ୍ଟର ଅଶ୍ୱିନୀ କୁମାର ପ୍ରଧାନ ଓ ଅନ୍ୟ ପୁଲିସ କର୍ମଚାରୀ ଛତିଶଗଡ଼ ସୀମାନ୍ତ ମୁଣ୍ଡାଗୁଡ଼ା ଫାଣ୍ଡି ଅଞ୍ଚଳରେ ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବାବେଳେ ଗୋଟିଏ ମୋଟର ସାଇକଲ୍ (ଓଆର-୩୪-୮୭୭୫) ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ ସମୟରେ ବସ୍ତାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିବା ସହିତ ଗଞ୍ଜେଇ ଓ ବାଇକକୁ ଜବତ କରି ମାଥିଲି ଥାନାକୁ ଆଣିଥିଲେ। ଗଞ୍ଜେଇ ଚାଲାଣକାରୀ ଜଣକ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଥାନା କୁସୁମୀ ଗ୍ରାମର ବୈଦ୍ୟନାଥ ରାଜଗଣ୍ଡ ବୋଲି ଜଣାପଡ଼ିଛି। ସେ ମାଲକାନଗିରି ଜିଲ୍ଲା ମାଥିଲି ଅଞ୍ଚଳରୁ ୩୦ କେଜି ଗଞ୍ଜେଇ ନେଇ କିଆଙ୍ଗ, ସାଲିମି ମହୁପଦର ରାସ୍ତାରେ ଛତିଶଗଡ଼ ଚାଲାଣ କରୁଥିବାବେଳେ ମାଥିଲି ପୁଲିସ ତାକୁ ମୁଣ୍ଡାଗୁଡ଼ା ଫାଣ୍ଡି ନିକଟରେ ଗିରଫ କରିବାରେ ସଫଳ ହୋଇଛି। ସେହିପରି ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ସବ୍ ଇନ୍ସପେକ୍ଟର ବିଘ୍ନ କିଶୋର ଡାଲ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଗୁରୁବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ୪୦ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ସହ ଗୋଟିଏ ମୋଟର ସାଇକଲ ଓ ଗୋଟିଏ ସ୍ମାର୍ଟ ମୋବାଇଲ୍ ଫୋନ୍ ଜବତ କରିଛି। ଅନ୍ୟ ଜଣେ ହେଲା ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅନ୍ତର୍ଗତ ପାଣିଘାଟ ଗ୍ରାମର ମାଧବ ଫଟକା। ବୈଦ୍ୟନାଥ ଓ ମାଧବ ନାମରେ ଦୁଇଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ପୁଲିସ। ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ଦୁଇ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

## 'ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ କଳାକାର ପ୍ରୟୋଗ' କର୍ମଶାଳା



**ନନ୍ଦପୁର,୧୯।୧(ସମିସ):** 'ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ କଳାକାର ପ୍ରୟୋଗ' ଉପରେ ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସହିଦ ଲକ୍ଷ୍ମଣ ନାୟକ ସଭାଗୃହ ପରିସରରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବ୍ଲକର ୨୩ଟି ଗ୍ରାମ ପଞ୍ଚାୟତର ପଞ୍ଜୀକୃତ କଳାକାରମାନଙ୍କୁ ନେଇ ଆୟୋଜିତ ହୋଇଥିବା ଦୁଇ ଦିନିଆ କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା ସ୍ୱାସ୍ଥ୍ୟବୀମା, ବିଜୁ ପକ୍କା ଘର, ମୋ-ବ୍ୟାଙ୍କ ସେବା, ମୋ-ସେବା କେନ୍ଦ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା, ମିଶନ ଶକ୍ତି, ମଧୁବାବୁ ପେନ୍ସନ୍ ଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଜନ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଥିପାଇଁ ବ୍ଲକର କଳାକାରମାନେ ନାଚ ଗୀତ ମାଧ୍ୟମରେ ପଞ୍ଚାୟତର ଗାଁ ଗାଁ ବୁଲି ସଚେତନତା କରିବେ। ସେନେଇ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଶତାଧିକ କଳାକାରଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଇଇ ଯଶକେତନ ବେହେରା, ଜିପିଓ ବେଦାନ୍ତ କୁମାର ମାଝୀ, ଓଡ଼ିଶା ଜୀବିକା ମିଶନ ବିପିଏମ୍ ବିଚିତ୍ରାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅର୍ଜୁନ ମାଝୀ ପରିଚାଳନା କରିଥିଲେ।

## ପିସିସିଏଫ୍‌ଙ୍କ ଦ୍ୱାରା ୪ ଇକୋ ରିସର୍ଟ ଉଦ୍‌ଘାଟିତ

**ମାଲକାନଗିରି,୧୯।୧(ସମିସ)**

ମାଲକାନଗିରି ଜିଲ୍ଲା ଗସ୍ତରେ ଓଡ଼ିଶାର ପିସିସିଏଫ ଦେବଦତ୍ତ ବିଶ୍ୱାଳ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଗସ୍ତରେ ଶ୍ରୀ ବିଶ୍ୱାଳଙ୍କ ସହ ଆରସିଏଫ ପ୍ରଶାନ୍ତ କୁମାର ବେହେରା ମଧ୍ୟ ସାମିଲ ଥିଲେ। ଶ୍ରୀ ବିଶ୍ୱାଳ ଏବଂ ଶ୍ରୀ ବେହେରା ଶୁକ୍ରବାର ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲିଠାରେ ପହଞ୍ଚିବା ପରେ ମାଲକାନଗିରି ଡିଏଫଓ ପ୍ରତାପ କୋଟାପାଲି ଓ ମାଥିଲି ରେଞ୍ଜର ବାସୁଦେବ ନାୟକ ପିସିସିଏଫଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ଶ୍ରୀ ବିଶ୍ୱାଳ ମାଲକାନଗିରି ସହର ଉପକଣ୍ଠରେ ଥିବା ସତୀଗୁଡ଼ା ଜଳଭଣ୍ଡାରରେ ପର୍ଯ୍ୟଟକଙ୍କ ସୁବିଧା ଲାଗି ସେଠାରେ ନବନିର୍ମିତ ଚାରୋଟି ଇକୋ ରିସର୍ଟକୁ ଉଦଘାଟନ କରିଥିଲେ। ଏହାଦ୍ୱାରା ଏଠାକୁ ଆସୁଥିବା ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ଶତାଧିକ ପର୍ଯ୍ୟଟକଙ୍କ ପାଇଁ ଏହା ବେଶ୍ ସହାୟକ ହେବ ଏବଂ ଅଧିକରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସିବେ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। ପରେ ସେଠାରୁ ବାହାରି ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ରରେ ହୋଇଥିବା ବଟାନିକାଲ ଗାର୍ଡେନର ମଧ୍ୟ ଶୁଭ ଉଦଘାଟନ କରିଛନ୍ତି। ଏହାପରେ ସେ ଚିତ୍ରକୋଣ୍ଡାରେ ହୋଇଥିବା ପ୍ରକୃତି ଇକୋ କଟେଜର ଉଦଘାଟନ କରିଥିଲେ। ମାଲକାନଗିରି ଜିଲ୍ଲା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହୋଇଥିବାବେଳେ ପ୍ରକୃତି ଏଠି ଅନେକ କିଛି ଦେଇଛି। ତେଣୁ ଏହାକୁ ଗୁରୁତ୍ୱ ଦେଇ ପର୍ଯ୍ୟଟନର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଥିବା ସମସ୍ତ ସୁବିଧାସୁଯୋଗ ମାଲକାନଗିରି ଜିଲ୍ଲାକୁ ପ୍ରଦାନ କରାଯିବ ବୋଲି ପିସିସିଏଫ ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ମାଲକାନଗିରି ଏସିଏଫଓ ଲିଲି ଅମାନତ୍ୟ, ମାଲକାନଗିରି ରେଞ୍ଜର ଜଗନ୍ନାଥ ବିଶୋଇ ଓ ଅନ୍ୟାନ୍ୟ ବନ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



■ **ବିବାଦରେ ଜିଲ୍ଲା ଖଣି ଅଧିକାରୀ**

## ଫାଇଦାରେ ମାଫିଆ; ରାଜସ୍ୱ ହରାଉଛନ୍ତି ସରକାର

**ଗୁଣୁପୁର,୧୯।୧(ସମିସ)**



ରାୟଗଡ଼ା ଜିଲ୍ଲା ଖଣି ଅଧିକାରୀ ପର୍ଶୁରାମ ପ୍ରଧାନ ତାଙ୍କ ବନ୍ଧୁ ତଥା ଜଣେ ସରକାରୀ ଶିକ୍ଷକଙ୍କୁ ସାଙ୍ଗରେ ବୁଲାଇବା ସହ ନିଜ କାମରେ ନିୟୋଜିତ କରି ବିବାଦରେ ଛନ୍ଦି ହୋଇଛନ୍ତି। ସୂଚନାନୁଯାୟୀ, ଚଳିତ ମାସ ୭ ତାରିଖରେ ଗୁଣୁପୁର ବାଇପାସ୍ ରୋଡ଼ରେ ଖଣି ଅଧିକାରୀ ଏବଂ ଶିକ୍ଷକ ଜଣକ ଖଣି ଅଧିକାରି ବୋଲି ପରିଚୟ ଦେଇ ବାଲି ଓ ପଥର ବୋଝାଇ ଗାଡ଼ିଗୁଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରୁଥିବାବେଳେ ସ୍ଥାନୀୟ ଲୋକେ ନକଲି ଖଣି ଅଧିକାରୀ ଜାଣିବା ପରେ ବିରୋଧ କରିଥିଲେ। ପରେ ସୂଚନା ମିଳିଥିଲା ଯେ, ଶିକ୍ଷକ ଜଣଙ୍କ ବିଷମକଟକ ବ୍ଲକ୍ ଅନ୍ତର୍ଗତ କୁମାର ଢ଼ାମୁଣି କ୍ଲଷ୍ଟର ସିଆରସିସି ଦେମୂର୍ତ୍ତୀ ପାତିକା ବୋଲି ଜଣାପଡ଼ିଛି। ଏହିଘଟଣା ପରଠାରୁ ଜିଲ୍ଲା ଖଣି ଅଧିକାରୀ ପର୍ଶୁରାମ ପ୍ରଧାନ ଗୁଣୁପୁର ଅଞ୍ଚଳକୁ ଆସୁନାହାନ୍ତି। ଫଳରେ ବାଲି, ଗୋଡ଼ି ଓ ପଥର ମାଫିଆମାନେ ସକ୍ରିୟ ହୋଇ ଦିନ ଓ ରାତି ଏକ କରି ଖଣିଜ ସମ୍ପଦ ଲୁଟ୍ କରୁଛନ୍ତି। ଫଳରେ ରାଜ୍ୟ ସରକାରଙ୍କ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ରାୟଗଡ଼ା ଜିଲ୍ଲାକୁ ଜଣେ ମାତ୍ର ଖଣି ଅଧିକାରୀ ନିଯୁକ୍ତି ହୋଇଥିବାବେଳେ ସେ ମଧ୍ୟ ବିବାଦରେ ଛନ୍ଦି ହୋଇଛନ୍ତି। ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଘାଟଗୁଡ଼ା ଛକରୁ ଦାମନଯୋଡ଼ି ରାସ୍ତା ମରାମତି ଓ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଦାବି

**କୋରାପୁଟ,୧୯।୧(ସମିସ):** ଦେଶର ନବରତ୍ନ କମ୍ପାନୀ ହେଉଛି ନାଲକୋ। ଦାମନଯୋଡ଼ିରେ ରହିଛି ଏହାର ବିଶୋଧନାଗାର ପ୍ରକଳ୍ପ। ଘାଟଗୁଡ଼ା ଛକଠାରୁ ଦାମନଯୋଡ଼ିକୁ ପ୍ରତିଦିନ ଶହ ଶହ ଗାଡ଼ି ଯିବାଆସିବା କରୁଛି। ଘାଟଗୁଡ଼ା ଛକଠାରୁ ଦାମନଯୋଡ଼ି ମାତ୍ର ୧୦ କିଲୋମିଟର। କିନ୍ତୁ ଏହି ରାସ୍ତା ଶୋଚନୀୟ ଭାବରେ ରହିଥିବାରୁ ଯିବାଆସିବା କରିବା କଷ୍ଟକର ହୋଇପଡୁଛି। ଦାମନଯୋଡ଼ି ଗଲାବେଳକୁ ମା' କଣ୍ଟା ବାଉଁଶୁଣୀ ମନ୍ଦିର ପଡ଼େ। ଏହି ମନ୍ଦିରକୁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ପୂଜାର୍ଚ୍ଚନା କରନ୍ତି। ଖାଲି କୋରାପୁଟ ଜିଲ୍ଲା ନୁହେଁ ବାହାର ଜିଲ୍ଲାର ଶ୍ରଦ୍ଧାଳୁମାନେ ମଧ୍ୟ ଆସନ୍ତି। ଘାଟଗୁଡ଼ା ଛକରୁ ଦାମନଯୋଡ଼ି ପର୍ଯ୍ୟନ୍ତ ରାସ୍ତା ମରାମତି ସହ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରି ସମ୍ପୂର୍ଣ୍ଣ ରାସ୍ତାକୁ ଆଲୋକମୟ କରିବାକୁ କୋରାପୁଟ ପ୍ରେସ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର ଦାବି କରିଛନ୍ତି। କୋରାପୁଟ ବିଡିଓଙ୍କ ସହ ଆଲୋଚନା କରାଯାଇ ରାସ୍ତା ମରାମତି ଓ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯିବ ବୋଲି ଉପଜିଲ୍ଲାପାଳ ବେଣୁଧର ଶବର ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କିତ କର୍ମଶାଳା

**ନବରଙ୍ଗପୁର,୧୯।୧(ସମିସ):** ନବରଙ୍ଗପୁର ସର୍କିଟ ହାଉସଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାରେ ବିଭିନ୍ନ କୌଳିକ ବୃତ୍ତି ଆପଣେଇ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଯେଉଁ ସୁବିଧା ସୁଯୋଗ କେନ୍ଦ୍ର ସରକାରଙ୍କ ତରଫରୁ କରାଯାଇଛି ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହାର ଲାଭ ଯେପରି ଅଧିକରୁ ଅଧିକ ହିତାଧିକାରୀ ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଓଡ଼ିଶା ରାଜ୍ୟ ବିଶ୍ୱକର୍ମା ଯୋଜନା ସଂଯୋଜକ ସମୀର ମହାନ୍ତି ଆହ୍ୱାନ ଦେଇଥିଲେ। ଏହି କର୍ମଶାଳାରେ ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ସଭାପତି ଜଗଦୀଶ ବିଷୋୟୀ, ରାଜ୍ୟ ସମ୍ପାଦକ ରମେଶ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝୀ ସହ ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଜନଜାତି ଉତ୍ସବ



**ଗୁଡ଼ାରୀ,୧୯।୧(ସମିସ):** ଗୁଡ଼ାରୀ ନୂଆ ବସଷ୍ଟାଣ୍ଡସ୍ଥିତ ବ୍ଲକସ୍ତରୀୟ ଜନଜାତି ଉତ୍ସବ ଗୋଷ୍ଠୀ ଉନ୍ନୟନ ଅଧିକାରି ଅନିସା ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରାଜ୍ୟ ସରକାରଙ୍କ ଜନଜାତି ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣୁପୁର ବିଧାୟକ ରାଘୁନାଥ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଅନୁସୂୟା ମାଝି, ଚନ୍ଦ୍ରପୁର ଜି.ପ ସଭ୍ୟ ସୁଜିତ ବ୍ରିଡେକା, ଜିଲ୍ଲା ଜେଡ୍.ପି ଅଧକ୍ଷା ସରସ୍ୱତୀ ମାଝି, ଜିଲ୍ଲା ନବୀନ-ଓ ସୁପରଭାଇଜର ଗୌରିଶଙ୍କର ରାଓ, କୋଲନରା ଜି.ପ ସଭ୍ୟ ଶ୍ରୀନାଇଡୁ, ଗୁଡାରୀ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ଶବର, ଏନ୍‌ଏସି ଭାଇସ ଚେୟାରମ୍ୟାନ ଡି.ଓ ଗେଷା ଓ ବିଜେଡି ଜିଲ୍ଲା ଉପସଭାପତି ଗୋଦାବରୀ ଭାଇ ମଞ୍ଚାସୀନ ଥିଲେ। ମନ୍ତ୍ରୀ ଶ୍ରୀ ସାରକା ସଂସ୍କୃତି, ସଭ୍ୟତା ଓ ସମାଜକୁ ସମ୍ମାନ ଦେଲେ ରାଜ୍ୟ ଏବଂ ଦେଶର ଉନ୍ନତି ହୁଏ ବୋଲି କହିଥିଲେ। ଉନ୍ନୟନ ପରିଷଦର ଅଧକ୍ଷା ଶ୍ରୀମତି ମାଝି ମଧ୍ୟ ନିଜ ମନ୍ତବ୍ୟରେ ସରକାରଙ୍କ ଉନ୍ନୟନ ପରିଷଦର ମାଧ୍ୟମରେ ଆଜିର ଜନଜାତି ସମସ୍ତ କ୍ଷେତ୍ରରେ ଅଗ୍ରଗତି କରିବା ଆବଶ୍ୟକ ବୋଲି ନିଜ ମତ ପ୍ରକାଶ କରିଥିଲେ। ଶେଷରେ ବିଧାୟକ ରଘୁନାଥ ଗମାଙ୍ଗ ମଧ୍ୟ ଜନଜାତିମାନଙ୍କ ପାଇଁ ସାଂସ୍କୃତିକ ଉତ୍ସବ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯେଉଁ ଅଭିନବ ପ୍ରୟାସକୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଗୁଡ଼ାରୀ ଏନ୍‌ଏସି ତଥା ବ୍ଲକରେ ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଗାଁଗାଁକୁ ସଡ଼କ ନିର୍ମାଣ ତଥା ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ରାଜ୍ୟ ସରକାରଙ୍କ ପାଇଁ ସମ୍ଭବ ହୋଇଛି ବୋଲି କହିଥିଲେ। ପରେ କଦମା ହାଇସ୍କୁଲ ଏବଂ ଗୁଡ଼ାରୀ ଏସଏସଡି ହାଇସ୍କୁଲ ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଡ଼ାରୀ ବିଜେଡି ଜିଲ୍ଲା ଉପସଭାପତି ସନ୍ତୋଷ ମହାନ୍ତି, ଜିଲ୍ଲା ଆୟୁକ୍ତ ଉପସଭାପତି କେଦାର ସାହୁ, ଜିଲ୍ଲା ସମ୍ପାଦକ ଏମ.ପ୍ରସାଦ ବାବୁ, ସାଧାରଣ ସମ୍ପାଦକ ସୁବାସ ଗୌଡ଼ ଏହି ଉତ୍ସବରେ ଯୋଗଦେଇଥିଲେ। ବିଦିସା ଶତପଥି, ବିପିଏମ ମାନସ ବାରିକ କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ସହ ଶେଷରେ ଗୁଡ଼ାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିସା ଦାସ ସହଯୋଗ କରିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଓ ସୃଜନଶୀଳତା ବିକାଶ କାର୍ଯ୍ୟକ୍ରମ

**ମାଲକାନଗିରି,୧୯।୧(ସମିସ):** ମାଲକାନଗିରି ଜିଲ୍ଲା ସଦର ବ୍ଲକ ଶିଖପାଲୀ ସଦର ପଞ୍ଚାୟତ ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଓ ସୃଜନଶୀଳତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪ଟି କ୍ଲବ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ ସଭ୍ୟ/ସଭ୍ୟା ବିଭିନ୍ନ ସୃଜନଶୀଳତା ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ବିଦ୍ୟାଳୟ ଶିକ୍ଷକ ଦୀନବନ୍ଧୁ ବପେକ, ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ନିରଞ୍ଜନ ମହାପାତ୍ର, ସଭାର ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ରମେଶ ମହାରଣା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍ବି ୧୯ ଗ୍ରାମର ମୁଖ୍ୟ ଚିକିତ୍ସାଧିକାରୀ ତନ୍ମୟ ତନୟ ଖମାରୀ, ମୁଖ୍ୟବକ୍ତା ଭାବେ ଏମ୍ବି ୧୭ ଗ୍ରାମର ଷ୍ଟେଟ ବ୍ୟାଙ୍କ ପରିଚାଳକ ସୁମନ ମଜୁମଦାର, ସମ୍ମାନିତ ଅତିଥି ଭାବେ ଶିଖପାଲୀ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୋମନାଥ ମାଡକାମି, ମୁଡ଼ା ପେଦା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ଯମୁନା ରାୟଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟା, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଏଥିରେ ପ୍ରତି କ୍ଲବର ପାଇଲଟ ଓ କୋ-ପାଇଲଟମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ରମେଶ ଚନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଗାଡ଼ିରେ ଅଧିକାରୀଙ୍କ ବଦଳରେ ବୁଲୁଛି କୁକୁର

**ମାଲକାନଗିରି,୧୯।୧(ସମିସ)**



ସରକାରୀ ଗାଡ଼ିରେ ସରକାରୀ ଅଧିକାରୀଙ୍କ ବଦଳରେ ବୁଲୁଛି କୁକୁର। ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସଦରରେ। ଏପରି ଘଟଣା ଦିନେ କି ଦୁଇ ଦିନର ନୁହେଁ, ଦୀର୍ଘ ଦିନ ଧରି କୁଆଡ଼େ ଏହି ସରକାରୀ ଗାଡ଼ିରେ ଏପରି ଭାବେ କୁକୁର ବୁଲିବା ସହ କୁକୁରଟିର ସ୍ୱାସ୍ଥ୍ୟ ଖରାପ ଯୋଗୁଁ ତାକୁ ଚିକିତ୍ସା ପାଇଁ ନିଆଯାଉଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାରେ ଥିବା ଉଠା ଜଳସେଚନ ପ୍ରକଳ୍ପରେ ନିୟୋଜିତ ହୋଇଥିବା ଏକ ବୋଲେରୋ ଗାଡ଼ି ସରକାରୀ କାର୍ଯ୍ୟର ତଦାରଖ କରିବା ଲାଗି ରହିଛି। ତେବେ ଏହି ଗାଡ଼ିରେ ସରକାରୀ ଅଧିକାରୀଙ୍କ ବଦଳରେ କୁକୁର ବୁହା ହେଉଥିବା ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ଏହି ବୋଲେରୋ ଗାଡ଼ିର ବୈଧ ବୀମା ଏବଂ ଫିଟନେସ ସାର୍ଟିଫିକେଟ, ବୈଧ ପରମିଟ ମଧ୍ୟ ନ ଥିବା ସୂଚନା ମିଳିଛି। ଗୋଟିଏ ଗାଡ଼ିର କାଗଜ ପତ୍ର ଠିକ୍ ନ ଥାଇ ତାହା କିପରି ଦୀର୍ଘ ୩ ବର୍ଷ ଧରି ଏହି ଉଠା ଜଳସେଚନ ବିଭାଗରେ ଲଗାଯାଇଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସରକାରୀ ଗାଡ଼ିରେ ଏହି ପୋଷା କୁକୁରକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଗାଡ଼ିଚାଳକ ଜଣକ ଗାଡ଼ିରେ ଲାଗିଥିବା ସରକାରୀ ବୋର୍ଡକୁ କାଢ଼ି ନେଉଥିବାବେଳେ କୁକୁରଟି ଗାଡ଼ି ମଧ୍ୟରେ ବସି ରହିଥିଲା। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ତାପସ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ ସେ ନୂଆ ନୂଆ କାର୍ଯ୍ୟରେ ଯୋଗ ଦେଇଛନ୍ତି ଏବଂ ବର୍ତ୍ତମାନ ଜିଲ୍ଲାରେ ନାହାନ୍ତି। ତେବେ ସେ ଫେରିଲେ ଘଟଣାର ତଦନ୍ତ କରିବେ ଏବଂ ଉଚିତ୍ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ କୁକୁରର ମାଲିକ କିଏ ତାହା ସ୍ପଷ୍ଟ ହୋଇନାହିଁ।

# ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମାଲକାନଗିରି,୧୯।୧(ସମିସ):** ମାଲକାନଗିରି ଜିଲ୍ଲା ଶିଖପାଲ୍ଲୀ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ମନୋରମା ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଦେଶ ଗଠନରେ ନାରୀମାନଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ରୀମାନଙ୍କୁ ନିଷ୍ଠା ଓ ଏକାଗ୍ରତା ସହିତ ଲକ୍ଷ୍ୟ ହାସଲ କରିବା ପାଇଁ ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ମାଲକାନଗିରି ଆଦିବାସୀ ଉନ୍ନୟନ ସଂସ୍ଥା ସହକାରୀ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ନାଥ କର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ, ଅବସରପ୍ରାପ୍ତ ଶିକ୍ଷକ ଭ୍ରମରବର ମଲ୍ଲିକ, ଆଶ୍ରମ ବିଦ୍ୟାଳୟ ଶିଖପାଲ୍ଲୀର ପ୍ରଧାନଶିକ୍ଷକ ନିରଞ୍ଜନ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଦିବାକର ମହାନ୍ତି, ଉପସଭାପତି ରାଜା ମାଡ଼ି ଓ ମୁଡ଼ା ମାଡ଼କାମୀ, ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ଶିଖପାଲ୍ଲୀର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପଠନ କରିଥିବାବେଳେ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ହିନ୍ଦୀ ଶିକ୍ଷୟିତ୍ରୀ ଝରଣା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ କାଳନ୍ଦୀ ଚରଣ ବରିଶଲ
ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୮.୧୨.୧୯୩୬
ସର୍ଗାରୋହଣ: ୧୬.୦୧.୨୦୧୯
ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ଏହା ହିଁ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗିନୀ ପତ୍ନୀ- ବିଷ୍ଣୁପ୍ରିୟା, ବନ୍ଧୁ,
ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବରିଶଲ ପରିବାରବର୍ଗ

# ମାଲକାନଗିରିରେ ବିଏସ୍‌ଏଫ୍ ଆଇଜିଙ୍କ ସୁରକ୍ଷା ସମୀକ୍ଷା

ମାଲକାନଗିରି,୧୯।୧(ସମିସ)



ମାଲକାନଗିରି ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସି ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି ବିଏସ୍‌ଏଫ୍ ଆଇଜି କୈଳାଶ ଚନ୍ଦ୍ର ଜଟ୍। ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ ଜିଲ୍ଲାରେ ପହଞ୍ଚିଥିବାବେଳେ ତାଙ୍କ ସହ ଡିଆଇଜି ଅପରେସନ୍ ଧିରେନ୍ଦ୍ର କୁମାର, ଡିଆଇଜି ଗୁଇନ୍ଦା ବିଭାଗର ସଞ୍ଜୀବ କୁମାର, ମାଲକାନଗିରି ଡିଆଇଜି ଶୈଲେନ୍ଦ୍ର କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସେ କାଲିମେଳା ବ୍ଲକ୍ ଅନ୍ତର୍ଗତ ଭେଜାଙ୍ଗିବାଡ଼ା ସଂରକ୍ଷଣ ଜଙ୍ଗଲ, ଗୋମ୍ପାକୋଣ୍ଡା ଜଙ୍ଗଲ ଗସ୍ତ କରି ସେଠାକାର ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ପରେ ସେ ବଡ଼ିଗେଟା, ଏମଭି ୭୨ ଓ ଏମ୍‌ଭି ୭୯ ବିଏସ୍‌ଏଫ୍ କ୍ୟାମ୍ପ ଗସ୍ତ କରି ସମୀକ୍ଷା କରିଥିଲେ। ଦ୍ୱିତୀୟ ଦିନରେ ସେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଜାନବାଇ, ବଡ଼ପଡ଼ା, ଜନ୍ତାପାଇ, ଜଡ଼ାମ୍ବ ଓ ହନ୍ତାଲଗୁଡ଼ା ଗସ୍ତ କରି ବିଏସଏଫ ବାହିନୀଙ୍କ ସହିତ ସମୀକ୍ଷା କରିବା ସହ ସେଠାକାର ସୁରକ୍ଷା ଓ ପରିସ୍ଥିତି ସମ୍ବନ୍ଧରେ ପଚାରି ବୁଝିଥିଲେ। ଏଥିସହ ବିଏସ୍‌ଏଫ ସୁରକ୍ଷା କର୍ମୀଙ୍କ କମ୍ବି ଅପରେସନ୍, ଓଡ଼ିଶା ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଛତିଶଗଡ଼ ମିଳିତ ଭାବେ କରୁଥିବା କମ୍ବି ଅପରେସନ ସମ୍ବନ୍ଧରେ ପଚାରି ବୁଝିବା ସହ ଯବାନମାନଙ୍କୁ ତାଙ୍କ ସାହସିକତାର ପ୍ରଶଂସା କରିଥିଲେ। ଏଥିସହ ଯେଉଁ ସ୍ଥାନଗୁଡ଼ିକରେ ବିଏସ୍‌ଏଫ କ୍ୟାମ୍ପ ରହିଛି ଉକ୍ତ ସ୍ଥାନର ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସହ ବିଏସ୍‌ଏଫ ସମ୍ପର୍କ ରଖି ସେମାନଙ୍କ ହୃଦୟକୁ ଜିତିବା, ସେମାନଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଦେବା, ଜନସାଧାରଣଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିବା, ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ଥିବା ଗ୍ରାମଗୁଡ଼ିକର ଉନ୍ନତିରେ ସହାୟକ ହେବା ସମ୍ବନ୍ଧରେ ଜାଣି ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ଏପରି କରିବା ଦ୍ୱାରା ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ଫେରିବେ ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶାରେ ପ୍ରଥମେ ୨୦୧୦ ମସିହାରେ ବିଏସ୍‌ଏଫ ବାହିନୀ ଯୋଗଦେଲା ପରେ ମାଓବାଦୀମାନଙ୍କ କବଳରୁ ଓଡ଼ିଶାକୁ ରକ୍ଷା କରିବାରେ ସଫଳ ହୋଇଛନ୍ତି ଏହି ବାହିନୀ ବୋଲି ସେ ପ୍ରକାଶ କରିଥିଲେ। ବିଶେଷ କରି ମାଲକାନଗିରି ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ସୁରକ୍ଷା ଦେବା ଫଳରେ ବର୍ତ୍ତମାନ ଉକ୍ତ ଗ୍ରାମବାସୀ ମାଓ କବଳରୁ ମୁକ୍ତ ହୋଇଥିବାରୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ମଧ୍ୟ ବିଏସ୍‌ଏଫ ସଦାସର୍ବଦା ଆଭ୍ୟନ୍ତରୀଣ ଅଞ୍ଚଳର ପ୍ରଗତି ଓ ଗ୍ରାମବାସୀଙ୍କୁ ସୁରକ୍ଷା ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

## ସାମ୍ବାଦିକ ଗଜମୋହନଙ୍କ ଅକାଳ ବିୟୋଗ

ରାୟଗଡ଼ା,୧୯।୧(ସମିସ):




ରାୟଗଡ଼ା ଜିଲ୍ଲାରେ ପରିଚିତ ଯୁବ ସାମ୍ବାଦିକ ତଥା ଘରୋଇ ଟିଭି ଗଣମାଧ୍ୟମରେ ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟରତ ସାମ୍ବାଦିକ ଗଜମୋହନ ଗରଡ଼ିଆ(୩୯)ଙ୍କ ବିଶାଖାପାଟଣାସ୍ଥିତ ଏକ ଘରୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ କିଛିଦିନ ହେବ ସେ ହୃଦରୋଗରେ ପୀଡ଼ିତ ହୋଇ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗୁରୁବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିଲ୍ଲାରେ ଏହି ଖବର ପ୍ରସାରିତ ହେବା ପରେ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମର ଶରୀରକୁ ପୈତୃକ ଗ୍ରାମ କଲ୍ୟାଣସିଂହପୁରକୁ ଅଣାଯାଇ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷ ଦର୍ଶନ ଲାଗି ସ୍ଥାନୀୟ ଅଞ୍ଚଳର ସହସ୍ରାଧିକ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସ୍ୱର୍ଗତ ଗରଡ଼ିଆ ଜଣେ ଦକ୍ଷ ସାମ୍ବାଦିକ ହେବା ସହ ସମାଜସେବୀ, ମେଳାପୀ, ମିଷ୍ଟ ଭାଷୀ, ସ୍ନେହୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଗଜମୋହନ ଦୀର୍ଘ ବର୍ଷ ଧରି ସାମ୍ବାଦିକ ଭାବେ ବିଭିନ୍ନ ବୈଦ୍ୟୁତିକ ତଥା ଛାପା ଗଣମାଧ୍ୟମରେ କାର୍ଯ୍ୟ କରିବା ସହ ନିର୍ଭୀକ ଓ ନିରପେକ୍ଷ ଭାବେ ଖବର ସଂଗ୍ରହ କରି ସେ ବିଭିନ୍ନ ସମୟରେ ପ୍ରଶଂସିତ ହୋଇଥିଲେ। ରାଜନୈତିକ ଦଳ ତଥା ପ୍ରଶାସନିକ ଅଧିକାରୀଙ୍କ କୌଣସି ଚାପରେ ଭୟଭିତ ନହୋଇ ସେ ତୃଣମୂଳସ୍ତରରେ ଖବର ସଂଗ୍ରହ ଓ ନିରପେକ୍ଷ ଭାବେ ଖବର ପରିବେଷଣ କରି ସେ ଅଳ୍ପଦିନରେ ଜିଲ୍ଲାରେ ପରିଚିତ ହୋଇଥିଲେ। ତାଙ୍କ ବିୟୋଗରେ ଜିଲ୍ଲାରେ ସାମ୍ବାଦିକଙ୍କ ମହଲରେ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି।

## ପେପର ବିତରକଙ୍କ ପରଲୋକ

**ଟିକିରି,୧୯।୧(ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ଅଞ୍ଚଳର ପେପର ବିତରକ ଭାବେ ଜଣାଶୁଣା ବ୍ୟକ୍ତି ସୁଦର୍ଶନ ବେହେରାଙ୍କ ଶୁକ୍ରବାର ବ୍ରହ୍ମପୁର ଏମକେସିଜି ହସ୍ପିଟାଲରେ ମୃତ୍ୟୁ ଘଟିଛି।



ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ପ୍ରଥମେ ଉଷାପଡ଼ା ଉତ୍କଳ ହସ୍ପିଟାଲ ଓ ପରେ ବ୍ରହ୍ମପୁର ଏମକେସିଜି ହସ୍ପିଟାଲରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ପ୍ରାୟ ୨୫ ବର୍ଷ ହେବ ଟିକିରି ଅଞ୍ଚଳରେ ଖବରକାଗଜ ବିକ୍ରି କରୁଥିଲେ। ଏଭଳି ଖବର ପାଇ ଟିକିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲ୍ଲାସ୍ତରୀୟ 'ନୂଆ-ଓ' କ୍ରୀଡ଼ା ଉତ୍ସବ ଶୁଭାରମ୍ଭ କଲେ ମନ୍ତ୍ରୀ

ରାୟଗଡ଼ା, ୧୯।୧(ସମିସ)




ରାୟଗଡ଼ା ଜିଲ୍ଲାସ୍ତରୀୟ 'ନୂଆ-ଓ' କ୍ରୀଡ଼ା ଉତ୍ସବ ତିନିଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମ ସ୍ଥାନୀୟ ଜିସିଡିପଡ଼ିଆରେ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ବିକାଶ, ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କ୍ରୀଡ଼ାବିତମାନଙ୍କୁ ମନ୍ତ୍ରୀ ଉତ୍ସାହିତ କରିଥିଲେ। ସେହିପରି ବିଧାୟକ ମକରନ୍ଦ ମୁଦୁଲି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଅନୁସୂୟା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଓବିସି ଉପଦେଷ୍ଟା ପୃଥ୍ୱୀରାଜ ସାହୁ, 'ନୂଆ-ଓ' ଉପଦେଷ୍ଟା ପି. ଗୌରୀ ଶଙ୍କର ରାଓ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିହାର ରଞ୍ଜନ କହଁର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଆଲେନୁର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଉତ୍ସବରେ ଜିଲ୍ଲାର ୧୧ଟି ବ୍ଲକ୍ ଓ ତିନିଟି ସହରାଞ୍ଚଳର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଏହି ଖେଳ ୬ଟି ବିଭାଗରେ ଯଥା କ୍ରିକେଟ୍, ଭଲିବଲ୍, କବାଡ଼ି, ଖୋଖୋ, ହକି ଓ ଫୁଟବଲ୍ ଖେଳ ତିନିଦିନ ଧରି ଅନୁଷ୍ଠିତ ହେବ। ରାୟଗଡ଼ା ସହରର ଜିସିଡି ଉଚ୍ଚ ବିଦ୍ୟାଳୟ ପଡ଼ିଆ ଓ ରେଲୱେ ପଡ଼ିଆରେ ଏହି ଖେଳ ଅନୁଷ୍ଠିତ ହେଉଛି। ଶନିବାର କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ଖେଳ ହେବାକୁ ଥିବାବେଳେ ଆସନ୍ତା ୨୧ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲାର ୧୫ଶହ କ୍ରୀଡ଼ାବିତ ସାମିଲ ହୋଇଥିଲେ। ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବିଶେଷ କରି ଓରମାସ ଡେପୁଟି ସିଓ ମନୋଜ ପତ୍ର, ରଶ୍ମିରଞ୍ଜନ ପରିଡ଼ା, ପ୍ରଭାତ ଲେଙ୍କା, ଅଜାତଶତ୍ରୁ ରାଉତ, ବିଜେତା ପାଢ଼ୀ, ବିଡିଓ ଅମୂଲ୍ୟ ସାହୁ, ଅତିରକ୍ତ ବିଡିଓ କାଳୁଚରଣ ନାୟକ, ଜିସିଡି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୁନୀଲ କୁମାର ମହନ୍ତ ଓ ଅନ୍ୟ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଖେଳକୁ ପରିଚାଳନା କରିଥିଲେ।

## ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇଲା ସରପଞ୍ଚ ସଂଘ



ବୋରିଗୁମ୍ମା,୧୯।୧(ସମିସ)

ବୋରିଗୁମ୍ମା ବ୍ଲକର ୩୧ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯଥା- ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟମାନେ ୧୦ ଦଫା ଦାବି ନେଇ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ସେମାନେ ନିର୍ବାଚିତ ହୋଇ ଦୀର୍ଘ ୨ ବର୍ଷ ହେବାକୁ ଯାଉଛି। କିନ୍ତୁ ବ୍ଲକ ପ୍ରଶାସନର ମନୋମୁଖୀ କାର୍ଯ୍ୟ ଯୋଗୁଁ ସେମାନେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିପାରୁନାହାନ୍ତି। ଏଣୁ ବ୍ଲକର ୩୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡ ସଭ୍ୟସଭ୍ୟାମାନେ ସେମାନଙ୍କ ଦାବି ପୂରଣ ନେଇ ବ୍ଲକ୍ କାର୍ଯ୍ୟାଳୟରେ କିଛି ସମୟ ପାଇଁ ତାଲା ପକାଇଥିଲେ। ୧୦ ଦଫା ଦାବିରେ ଉଲ୍ଲେଖ କରିଛନ୍ତି ଯେ, ପଲ୍ଲିସଭା ଓ ଗ୍ରାମସଭା ମାଧ୍ୟମରେ ଅନୁମୋଦନ ହେଉଥିବା ଆକ୍ସନ ପ୍ଲାନର କାର୍ଯ୍ୟଗୁଡ଼ିକ ହୋଇପାରୁନାହିଁ। ପଞ୍ଚାୟତ ସମିତିର ଅନୁଦାନ ପଞ୍ଚାୟତକୁ ଦିଆଯାଉନାହିଁ। ମନରେଗା ଯୋଜନାରେ ପଞ୍ଚାୟତସ୍ତରରେ ଦୀର୍ଘ ଦୁଇ ବର୍ଷ ହେଲା କାମ ସାରିଗଲାଣି କିନ୍ତୁ ଏ ପର୍ଯ୍ୟନ୍ତ ଟିଏସ୍ ହୋଇପାରୁନାହିଁ। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ମାସ ମାସ ଧରି ପଞ୍ଚାୟତ ଆସୁନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଘରର କିସ୍ତି ଟଙ୍କା ହିତାଧିକାରୀମାନେ ଠିକ ସମୟରେ ପାଉନାହାନ୍ତି। ଏନେଇ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ବିଡିଓ ବିକ୍ରମ କୁମାର ଦୋରାଙ୍କ ସହ ଆଲୋଚନା କରିଥିଲେ। ବିଡିଓ ଶ୍ରୀ ଦୋରା ଶନିବାର ଏକ ବୈଠକରେ ଦାବି ନେଇ ଆଲୋଚନା କରିବା ପାଇଁ କହିବା ପରେ ସରପଞ୍ଚମାନେ ଆନ୍ଦୋଳନରୁ ଓହରିଥିଲେ। ଏହି ଆନ୍ଦୋଳନରେ ସରପଞ୍ଚ ଦାଶରଥି ମାଝୀ, ତୁଷାରକାନ୍ତ କୁମ୍ଭିକା, ଭାଗିରଥି ମୁଦୁଲି, ରୋହିଣୀ ଦିଶାରୀ, ମାଳାବତୀ ଗଦବା, ଧନମତି ପୂଜାରୀ, ନିଳାବତୀ ଯାନୀ, ବାସନ୍ତୀ ଯାନୀ ପ୍ରମୁଖ ସାମିଲ ଥିଲେ।

■ ବିଦ୍ୟୁତ୍ ବିଭାଗ ଇଞ୍ଜିନିୟରଙ୍କ ମହାନତା

## ଅସହାୟ ମହିଳାଙ୍କୁ ଥାନା ଜିମା

ନନ୍ଦପୁର,୧୯।୧(ସମିସ)

ଜଣେ ଅସହାୟ ମହିଳାଙ୍କୁ ସହନାଭୂତି ଦେଖାଇ ନିଜ ବ୍ୟକ୍ତିଗତ ଗାଡ଼ିରେ ଆଣି ଥାନାର ଜିମା ଦେଇ ମହାନତା ଦେଖାଇଛନ୍ତି ବିଦ୍ୟୁତ ବିଭାଗର ଜଣେ ଇଞ୍ଜିନିୟର। ସେ ହେଲେ ନନ୍ଦପୁର ବ୍ଲକ ବିଦ୍ୟୁତ୍ ବିଭାଗ ଇଞ୍ଜିନିୟର ବିକାଶ ଚୌଧୁରୀ। ମହିଳା ଜଣକ ମହିଳା ଜଣକ ଇଂରାଜୀ ଓ ହିନ୍ଦୀ ଭାଷାରେ କଥା ହେଉଥିବାବେଳେ ମାନସିକ ବିକାରଗ୍ରସ୍ତ ଥିବା ଜାଣି ତାଙ୍କୁ କୋରାପୁଟ ସିଡିପିଓଙ୍କ ସହ ଯୋଗାଯୋଗ ପରେ ସୁପରଭାଇଜର କନକଲତା ନାୟକଙ୍କ ସହ ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପରାମର୍ଶ ସେବା ନିମନ୍ତେ ସ୍ଥାନାନ୍ତରିତ କରାଯାଇଥିବା ଆଇଆଇସି



ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିବା ସହ ମାନସିକ ବିକାରଗ୍ରସ୍ତ ଥିବା କୁହାଯାଉଛି। ତେବେ ଥାନାର ଜିମା ଦେବା ପରେ ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଓ ଆଇଆଇସି ଆଶ୍ରିତା ଖୋଲକୋ ସମସ୍ତ ଘଟଣା ଉପରେ ଅନୁଧ୍ୟାନ କରିବା ପରେ ନନ୍ଦପୁର ସିଡିପିଓ ମିନତିବାଳା ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ଆଶ୍ରିତା ଖାଲକୋ ସୂଚନା ଦେଇଛନ୍ତି। ଗତ ୧୭ ତାରିଖରେ ସେମିଳିଗୁଡ଼ା ଅଞ୍ଚଳରେ ମହିଳା ଜଣକ ସକାଳୁ ବୁଲୁଥିବା ଦେଖିବାକୁ ମିଳିଥିବାବେଳେ ଶୁକ୍ରବାର ସନ୍ଧ୍ୟା ସମୟରେ ଉକ୍ତ ମହିଳା ଜଣକ ଚାଲି ଚାଲି ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଖୁର୍ଜି ଗ୍ରାମ ପଞ୍ଚାୟତର ଗାଲଗାଡ଼ା ରୋଡକୁ ଆସି ବୁଲୁଥିଲେ।

## ବ୍ଲକ୍ ସ୍ୱତନ୍ତ୍ର ଉନ୍ନୟନ କାଉନସିଲର ସାଂସ୍କୃତିକ କାର୍ଯ୍ୟକ୍ରମ



**ଜୟପୁର,୧୯।୧(ସମିସ):** କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସଡିସି) ଦ୍ୱାରା ଜୟପୁର ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ଦଶହରା ପଡ଼ିଆଠାରେ ଶୁକ୍ରବାର ଆୟୋଜିତ ହୋଇଥିଲା। ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ରହିଥିବା ୧୨ଟି ଆଦିବାସୀ ଜନଜାତି ଲୋକଙ୍କ ଆର୍ଥିକ, ସାମାଜିକ ଓ ଶିକ୍ଷାଗତ ବିକାଶ ହେଲେ ପ୍ରକୃତରେ ଜିଲ୍ଲାର ବିକାଶ ହୋଇପାରିବ ବୋଲି କହିଥିଲେ। କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ନିଜ ବକ୍ତବ୍ୟରେ ଜିଲ୍ଲାର ଆଦିବାସୀମାନଙ୍କ ପରମ୍ପରା, ସଂସ୍କୃତି, ପୁନର୍ବାର ଉଜ୍ଜିବିତ କରିବା ଏବଂ ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାକୁ କେବଳ ରାଜ୍ୟସ୍ତରୀୟ ନୁହେଁ ଦେଶ ଓ ବିଦେଶରେ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟ ଏବଂ ଆଦିବାସୀ ଜିଲ୍ଲାଗୁଡ଼ିକରେ ଏସଡିସି ଗଠନ କରିବା ସହିତ ଏମାନଙ୍କ ଉନ୍ନତି ପାଇଁ ଶହ ଶହ କୋଟି ମଞ୍ଜୁର କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସଂକୀର୍ତ୍ତନମଣ୍ଡଳୀକୁ ହାରମୋନିୟମ, ମୃଦଙ୍ଗ, ଗିନି, ଝାଞ୍ଜ, ପୋଷାକ ପ୍ରଭୃତି ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ୬ଟି ଗ୍ରାମ ପଞ୍ଚାୟତ ୪ଟି ମହିଳା ଓ ୨ଟି ପୁରୁଷ ୧୫ ଜଣିଆ ସଦସ୍ୟ ବିଶିଷ୍ଟ ଆଦିବାସୀ ଢେମସା ନୃତ୍ୟ ଦଳକୁ ପାରମ୍ପରିକ ଆଦିବାସୀ ନୃତ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି କିଛି ଆଦିବାସୀ ବରିଷ୍ଠ ନାଗରିକ, ନାଟ୍ୟଗୁରୁ, ସଂକୀର୍ତ୍ତନ ଗୁରୁମାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଆଦିବାସୀ ନୃତ୍ୟ ଦଳଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ଏବଂ ବାଜାବାଜଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଜୟପୁର ବ୍ଲକ ସଦସ୍ୟ ବୈଦ୍ୟନାଥ ନାୟକ, ଟଙ୍କଧର ଜାନୀ, ଉପଦେଷ୍ଟା ସୂର୍ଯ୍ୟନାରାୟଣ ରଥ, ବ୍ଲକ୍ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲୀ, ପୌର ଉପାଧ୍ୟକ୍ଷା ବି. ସୁନୀତା, ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ଆସ୍ତା ନାୟକ, ରଶ୍ମି ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଜୟପୁର ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ବିଡିଓ ଶକ୍ତି ମହାପାତ୍ର ଉପସ୍ଥିତ ଥିଲେ ଏବଂ ଜୟନ୍ତ ପଟ୍ଟନାୟକ ଆଦିବାସୀ ଭାଷାରେ ଉଦଘୋଷକ ଭାବେ ପରିଚାଳନା କରିଥିଲେ।

## ବିଜେପିରେ ଯୋଗଦେଲେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି

**ଜୟପୁର,୧୯।୧(ସମିସ):** କୋରାପୁଟ ଜିଲ୍ଲା ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ଯୁବ ସଂଗଠନର ଆବାହକ ରବିନ୍ଦ୍ର ମହାପାତ୍ର ବିଜେପିରେ ଯୋଗଦେଇଛନ୍ତି। ଭୁବନେଶ୍ୱର ସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ



କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିଧାୟକ ତଥା ଉପାଧ୍ୟକ୍ଷ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରବି ନାୟକ ଦଳୀୟ ଟୋପି ଓ ଉପଢୌକନ ପିନ୍ଧାଇ ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଯୁବ ସଂଗଠନର ଆବାହକ ଶ୍ରୀ ମହାପାତ୍ରଙ୍କ ସମେତ ତାଙ୍କର କିଛି ସମର୍ଥକ ମଧ୍ୟ ବିଜେପିରେ ଯୋଗଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଶ୍ରୀ ମହାପାତ୍ର ପୂର୍ବରୁ ବଜେପିରେ ଯୋଗଦେଇ ପୁଣି ପରେ ତେଲଙ୍ଗାନା ରାଷ୍ଟ୍ର ସମିତିରେ ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସହିତ ଯୋଗଦେଇଥିଲେ।

## ବିଜେଡି କର୍ମୀଙ୍କ ପିତୃ ବିୟୋଗ

**ପାପଡ଼ାହାଣ୍ଡି,୧୯।୧(ସମିସ):** ଶୁକ୍ରବାର ସକାଳ ୧୦ଟା ସମୟରେ ବରିଷ୍ଠ ବିଜେଡି କର୍ମୀ ଯୁଗଳ ବିଷୋୟୀଙ୍କ ପିତା ଜଗନ୍ନାଥ ବିଷୋୟୀଙ୍କ ବିୟୋଗ ହୋଇଯାଇଛି। ଏହି ଖବର ପ୍ରସାର ହେବା ପରେ ଯୁଗଳ ବିଷୋୟୀଙ୍କ ବାସଭବନରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ଜଗନ୍ନାଥ ବିଷୋୟୀଙ୍କ ଶେଷ ଦର୍ଶନ କରିଛନ୍ତି। ଯୁଗଳ ବିଷୋୟୀ ଜିଲ୍ଲା ଯୁବ ବିଜେଡିର ଉପସଭାପତି ଅଛନ୍ତି। ସ୍ୱର୍ଗତ ଜଗନ୍ନାଥ ବିଷୋୟୀ ଜଣେ ମେଳାପୀ, ମିଷ୍ଟଭାଷୀ, ସମାଜସେବୀ ଏବଂ ଜଗନ୍ନାଥପ୍ରେମୀ ଥିଲେ। ଏହି ଖବର ପ୍ରସାର ହେବା ପରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ମୋକିଆ ସରପଞ୍ଚ ଜଗଜୀବନ ନାୟକ, ତ୍ରିନାଥ ମଣ୍ଡଳ, ପାପଡ଼ାହାଣ୍ଡି ବ୍ଲକ ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ଅଗ୍ରୱାଲ, ଅଭିମନ୍ୟୁ ପଣ୍ଡା, ବିମଳ ଜୈନ, ପରେଶ ଜେନା, ପ୍ରବୀଣ ସତନାମୀ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗତଙ୍କ ଆତ୍ମାର ସଦଗତି କାମନା କରିଥିଲେ।

## ଗୋଚର ଓ ଅନାବାଦୀ ଜାଗାରେ ନିର୍ମାଣ କାର୍ଯ୍ୟ ବନ୍ଦ ଦାବି



କୋରାପୁଟ,୧୯।୧(ସମିସ)

କୋରାପୁଟ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର-୧୭ ରଙ୍ଗବାଲି କୁମ୍ଭା ଗ୍ରାମର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଗାଁ ନିକଟସ୍ଥ ପାହାଡ଼, ଗୋଚର ଓ ଅନାବାଦୀ ଜାଗା ପ୍ରାୟ ୮ ଏକର ଜମିକୁ ରାଜସ୍ୱ କର୍ମଚାରୀମାନେ ଦୁଇ ଦିନ ଧରି ମାପଚୁପ କରୁଥିବାରୁ ଏହି କାର୍ଯ୍ୟକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ସେମାନେ ଦାବି କରିଛନ୍ତି। ପୂର୍ବରୁ ରଙ୍ଗବାଲି କୁମ୍ଭା ଗ୍ରାମ ନିକଟସ୍ଥ ପାହାଡ଼ରେ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ ହସ୍ପିଟାଲ, କ୍ୟାନସର ମେଡିକାଲ ଓ ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲୁଛି। ପୁଣି ଥରେ ଅଳ୍ପ ପଡ଼ିଆ ପଡ଼ିଥିବା ସରକାରୀ ଅନାବାଦୀ ଜାଗା ଓ ଗୋଚର ଜମିକୁ ସରକାରୀ କର୍ମଚାରୀମାନେ ମାପଚୁପ ଆରମ୍ଭ କରିଥିବାରୁ ଗ୍ରାମବାସୀଙ୍କ ଚିନ୍ତା ବଢ଼ି ଯାଇଛି। ସେମାନଙ୍କର ଗାଈଗୋରୁ ଚରିବା, ପିଲା ଖେଳିବା, ଯାନିଯାତ୍ରା ପର୍ବପର୍ବାଣୀ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଖୋଲା ଜାଗା ନ ଥିବାରୁ ପୁଣି ଥରେ ସରକାରୀ କୋଠା କିମ୍ବା ସରକାରୀ ନିର୍ମାଣ କାର୍ଯ୍ୟରେ ବ୍ୟବହାର କଲେ ଆଗକୁ ଅସୁବିଧାର ସମ୍ମୁଖିନ ହେବ ବୋଲି ଗ୍ରାମବାସୀମାନେ କହିଛନ୍ତି। ତୁରନ୍ତ ଜମି ଅଧିଗ୍ରହଣ ଏବଂ ମାପଚୁପ ବନ୍ଦ ନ କଲେ ଆଗାମୀ ଦିନରେ ଆନ୍ଦୋଳନା ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ ସମୟରେ ରଘୁ ପରଜା, ତଇଲ ପରଜା, ରାମଚନ୍ଦ୍ର ପରଜା, ମଦନ ମାଝୀ ଓ ଲାଛମା ଜାନୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

# ନାଲ୍‌କୋ ଜମି କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ତ୍ରିପାକ୍ଷିକ ବୈଠକ



କୋରାପୁଟ,୧୯।୧(ସମିସ)

ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ନାଲକୋ ପାଇଁ ଜମି କ୍ଷତିଗ୍ରସ୍ତଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଜିଲ୍ଲାପାଳ ବେଣୁଧର ଶବର, ନାଲକୋର ବରିଷ୍ଠ ଅଧିକାରୀ, ସୁନାବେଡ଼ା ପୁଲିସଙ୍କ ସହ ନାଲକୋ ଆଂଶିକ ଜମିହରା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ି ପହଞ୍ଚି ନାଲକୋ କର୍ତ୍ତୃପକ୍ଷ ଓ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ତେବେ ସଂଘ ତରଫରୁ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନାଲକୋ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏହାକୁ ଏଡ଼ାଇବା ପାଇଁ ସଂଘର କର୍ମକର୍ତ୍ତାଙ୍କୁ ନେଇ ପ୍ରଶାସନ ଓ ନାଲକୋ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୈଠକ ହୋଇଥିଲା। ବୈଠକରେ ଆସନ୍ତା ୩୧ ତାରିଖ ସୁଦ୍ଧା ନାଲକୋ କର୍ତ୍ତୃପକ୍ଷ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଆବଶ୍ୟକୀୟ କାଗଜ ପତ୍ର ପ୍ରସ୍ତୁତ ସହ ପ୍ରଶାସନକୁ ଅବଗତ କରାଇବାକୁ ନିଷ୍ପତ୍ତି ହୋଇଥିଲା। ପଟ୍ଟାଙ୍ଗି ବିଧାୟକ ଶ୍ରୀ ପାଢ଼ି ଏକ ତୃତୀୟାଂଶ ଜମି କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଆଗରୁ ଯେଉଁ ସର୍ତ୍ତାବଳିରେ ଚାକିରି ଦିଆଯାଇଛି ବଳକା ପରିବାରକୁ ମଧ୍ୟ ଖୁବଶୀଘ୍ର ସେହି ଅନୁସାରେ ଚାକିରି ଦିଆଯିବା ପାଇଁ ନାଲକୋ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଯାହାକୁ ନାଲକୋ କର୍ତ୍ତୃପକ୍ଷ ଓ କ୍ଷତିଗ୍ରସ୍ତ ସଂଘ ମାନିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ନାଲକୋ ପ୍ରତିଷ୍ଠା ସମୟରେ କ୍ଷତିଗ୍ରସ୍ତଙ୍କ ଏକର ଏକର ଚାଷଜମି ଅଧିଗ୍ରହଣ କରାଯାଇଥିଲା। ସେହି ସମୟରେ ଜିଲ୍ଲା ପ୍ରଶାସନ, ନାଲକୋ କର୍ତ୍ତୃପକ୍ଷ ଆଂଶିକ ଜମି କ୍ଷତିଗ୍ରସ୍ତ ଓ ସମ୍ପୂର୍ଣ୍ଣ ଜମି କ୍ଷତିଗ୍ରସ୍ତଙ୍କ ଦାବିକୁ ମାନି ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟ ସଂଘର କିଛି ଜଣଙ୍କୁ ଚାକିରି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରି ପାତରଅନ୍ତର ନୀତି ପରିପୋଷଣ କରୁଥିବା ସଂଘ ଅଭିଯୋଗ କରିବା ସହ ବାରମ୍ବାର ଆନ୍ଦୋଳନ କରିଆସୁଛି।

ସମୟ ସମସ୍ତଙ୍କର ସବୁଠାରୁ ବଡ଼ ଓ ଭଲ ଉପଦେଷ୍ଟା
-ପେରିକ୍ଲିସ୍



# ମହିଳାଙ୍କ ପୂର୍ଣ୍ଣ ସଶକ୍ତୀକରଣ



**ଅମାତ୍ୟ କୁମାର ପ୍ରଧାନ**
ସୁନ୍ଦରଗଡ଼, ମୋ: ୯୪୩୭୨୧୯୬୧୩

ଅନେକ ପ୍ରତିଭାବାନ ମହିଳା ଆଜି ସଫଳତାର ଶୀର୍ଷ ସୋପାନରେ, ନିଷ୍ପତ୍ତି ନେବା ପଦବୀରେ ଆସୀନ। କିନ୍ତୁ ଅଧିକାଂଶ କ୍ଷେତ୍ରରେ(ବିଶେଷକରି ତୃଣମୂଳ ରାଜନୀତି ଓ ଆର୍ଥିକ ନିଷ୍ପତ୍ତି କ୍ଷେତ୍ରରେ) ମହିଳାମାନଙ୍କ ନିଷ୍ପତ୍ତି ଉପରେ ପୁରୁଷମାନଙ୍କ ନିଷ୍ପତ୍ତି ଆଧିପତ୍ୟ ବିସ୍ତାର କରୁଥିବା ଦେଖାଯାଉଛି। ଏଇ ପୃଷ୍ଠଭୂମିରେ ମହିଳାମାନଙ୍କ ସଶକ୍ତୀକରଣ ପାଇଁ ଆମେ ରାଜନୀତି, ଅର୍ଥନୀତି, କର୍ମସଂସ୍ଥାନମାନଙ୍କରେ ଯେତେ ସଂରକ୍ଷଣ ବ୍ୟବସ୍ଥା କଲେ ମଧ୍ୟ ଅସଲରେ ଆମ ପିତୃତ୍ୱବାଦୀ ମାନସିକତା ଲିଙ୍ଗଗତ ବୈଷମ୍ୟକୁ ଦୂର କରିବାରେ ସହାୟକ ହୋଇପାରିବ ନାହିଁ।

ଲିଙ୍ଗଗତ ସମାନତା କେବଳ ଏକ ସଭ୍ୟ ସମାଜର ଅଧା ଜନସଂଖ୍ୟାର ଅଧିକାରରେ ସୀମିତ ନୁହେଁ, ବରଂ ରାଜ୍ୟର ଓ ଦେଶର ଅର୍ଥନୈତିକ ପ୍ରଗତି ତଥା ଗରିବୀ ଦୂରୀକରଣ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ ଉପାଦାନ ମଧ୍ୟ। କୌଣସି ସମାଜ ନିଜର ଅଧା ଜନସଂଖ୍ୟାକୁ ନିଷ୍କ୍ରିୟ ରଖି ପ୍ରଗତି ହାସଲ କରିପାରିବ ନାହିଁ। ଯେଉଁ ଦେଶ ଆଜି ଉନ୍ନତ, ସେହି ଦେଶମାନଙ୍କରେ ମହିଳାମାନେ ପୁରୁଷମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ପ୍ରଗତିରେ ଯୋଗଦାନ ଦେଇଛନ୍ତି। କିନ୍ତୁ ଆମର ରୁଢ଼ିବାଦୀ ମାନସିକତା, ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ଭାବେ ଚିହ୍ନିତ କାର୍ଯ୍ୟକ୍ଷେତ୍ର ନିର୍ଦ୍ଧାରଣ କରୁଥିବା ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାମାନଙ୍କ ଯୋଗଦାନକୁ ନିରୁତ୍ସାହିତ କରୁଛି।

ମହିଳାମାନଙ୍କୁ କେବଳ ଘରୋଇ କାମ, ରନ୍ଧାବଢ଼ା, ଶିଶୁ ଲାଳନପାଳନରେ ସୀମିତ ରଖିବା ମନୋବୃତ୍ତି ଏବେ ମଧ୍ୟ ଆମ ଭିତରେ ବସା ବାନ୍ଧି ରହିଛି। ଏହାସତ୍ତ୍ୱେ ମହିଳାମାନେ ସ୍ୱରୋଜଗାରକ୍ଷମ ହେବା ପାଇଁ ଉଦ୍ୟମ କରୁଥିବା ପ୍ରଶଂସନୀୟ। ତେବେ କର୍ମଜୀବୀ ମହିଳା ଓ ଉପାର୍ଜନକ୍ଷମ ମହିଳା ଭିତରେ ଥିବା ସୂକ୍ଷ୍ମ ପ୍ରଭେଦ ସମ୍ପର୍କରେ ଆମକୁ ଅବଗତ ହେବାକୁ ପଡ଼ିବ। ଲୌକିକ ଅର୍ଥରେ କର୍ମଜୀବୀ ମହିଳା କହିଲେ ଆମେ ସରକାରୀ/ସେସରକାରୀ କ୍ଷେତ୍ରରେ ନିଯୁକ୍ତ ଓ ଉପାର୍ଜନକ୍ଷମ ମହିଳାଙ୍କୁ କହିଥାଉ। କର୍ମଜୀବୀ ମହିଳା ଅର୍ଥାତ ଯେଉଁମାନେ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନା କରିବାରେ ସମର୍ଥ, ସେମାନେ ଉପାର୍ଜନ କରନ୍ତୁ ବା ନ କରନ୍ତୁ। ଗୃହିଣୀମାନେ ସବୁବେଳେ ଘରର ଯାବତୀୟ କାର୍ଯ୍ୟ ଯଥା ରାନ୍ଧିବା, ଘର ଓଳାଇବା, ବାସନ ଧୋଇବା, କପଡ଼ା ସଫା କରିବା, ଶିଶୁକୁ ଲାଳନପାଳନ କରିବାକୁ ଅତି କୁଶଳୀ ଭାବେ ସମ୍ପାଦନା କରିଥା'ନ୍ତି, ଯାହାର କି ଆର୍ଥିକ ମୂଲ୍ୟାୟନ ହୋଇ ନ ଥାଏ। ଏହି ଯାବତୀୟ ଘରୋଇ କାମ ପାଇଁ ଯଦି ଆମେ ପାରିଶ୍ରମିକ ଦେଇ ସମ୍ପାଦନ କରିବା ତେବେ ତାହାର ମୂଲ୍ୟ କେତେ ଯେ ହେବ ତାହା ଆକଳନ କରିବା କଷ୍ଟକର। ଗୃହିଣୀମାନଙ୍କ ପାରିବାରିକ ସ୍ନେହ, ପ୍ରେମ, ଶ୍ରଦ୍ଧା ଭଳି ମାନବୀୟ ଗୁଣର ମୂଲ୍ୟ ଆକଳନ କରିବା ଅସମ୍ଭବ। ଦେଶର ମୋଟ ଘରୋଇ ଶାନ୍ତି ସୂଚକାଙ୍କରେ ଏହି ଅଣସଂଗଠିତ, ଉପାର୍ଜନରହିତ ମହିଳାମାନଙ୍କ ଯୋଗଦାନ ପ୍ରୟ ଅଧା। ମହିଳାମାନଙ୍କ ଅନୁପସ୍ଥିତିରେ ସେମାନେ କରୁଥିବା କାର୍ଯ୍ୟ ସମ୍ପାଦନା କଲେ ଜଣାପଡ଼ିବ ଯେ ସେମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ କେତେ ଅମୂଲ୍ୟ। ଏହିସବୁ ଅଣସଂଗଠିତ କାର୍ଯ୍ୟକ୍ଷେତ୍ରରେ ଆର୍ଥିକ ମୂଲ୍ୟାୟନ ନ ହେବା ଦ୍ୱାରା ସେମାନଙ୍କ ଯୋଗଦାନ ନ୍ୟୂନ ହୋଇଯାଉଛି।

ଅପରପକ୍ଷରେ ଉପାର୍ଜନକ୍ଷମ ମହିଳା କହିଲେ, କୌଣସି ସଂଗଠିତ କ୍ଷେତ୍ରରେ ନିଯୁକ୍ତ ହୋଇ ଅର୍ଥ ରୋଜଗାର କରିପାରୁଥିବା ମହିଳାବିଶେଷଙ୍କୁ ବୁଝାଯାଏ। ତେବେ ପିତୃସତ୍ତା(ପୁରୁଷ ପ୍ରଧାନ) ମାନସିକତା ଆଧାରିତ ସମାଜରେ ଲିଙ୍ଗଗତ ସାମ୍ୟତା ପାଇଁ ଉପାର୍ଜନକ୍ଷମ ମହିଳାମାନଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ଏହିଭଳି ସମାଜରେ ଆମେ ମଧ୍ୟ ଅଣସଂଗଠିତ କ୍ଷେତ୍ରର ମହିଳାମାନଙ୍କ ଦ୍ୱାରା ସମ୍ପାଦିତ ହେଉଥିବା ଆର୍ଥିକ ମୂଲ୍ୟାୟନ କଲେ କେତେ ହେବ ସେ ସମ୍ପର୍କରେ ଇଙ୍ଗିତ କରିବା ସହ ସମ୍ପୃକ୍ତ ପୁରୁଷପ୍ରଧାନ ମାନସିକତା ଦ୍ୱାରା ଆକ୍ରାନ୍ତ ସମାଜକୁ ସଚେତନ କରିବାକୁ ପଡ଼ିବ। ଲିଙ୍ଗଗତ ତାରତମ୍ୟ କେବଳ ପୁରୁଷ ବା ସ୍ତ୍ରୀର ଶାରୀରିକ ଗଠନ କିମ୍ବା ତା'ର ପ୍ରଭେଦକୁ ବୁଝାଏ ନାହିଁ। ପୁରୁଷ ବା ମହିଳା ହୋଇ ଜନ୍ମ ହେଲେ ଆମେ ପୋଷଣ କରିଥିବା ଧାରଣା ଓ ଆର୍ଥିକ, ସାମାଜିକ, ସାଂସ୍କୃତିକ ସୁବିଧା ସୁଯୋଗ ଲିଙ୍ଗ ଅନୁଯାୟୀ ପ୍ରଚଳିତ ବ୍ୟବସ୍ଥା କ'ଣ ପ୍ରଦାନ କରେ ବା କ'ଣ ତାଙ୍କଠାରୁ ଆଶାପୋଷଣ କରିଥାଏ, ତା'କୁ ହିଁ ଦର୍ଶାଏ। ଜଣେ ଝିଅର ପିନ୍ଧିବା, ବସିବା, ହସିବା ଓ ବୁଲିବା ଆଦିକୁ ସମାଜ ନିର୍ଦ୍ଧାରଣ କରିଥାଏ।

ଏହି ପ୍ରସଙ୍ଗରେ ଲିଙ୍ଗଗତ ସମାନତା, ଲିଙ୍ଗଗତ ନିରପେକ୍ଷତା ଓ ମହିଳା ସଶକ୍ତୀକରଣ ମଧ୍ୟରେ ଏକ ସୂକ୍ଷ୍ମ ପ୍ରଭେଦକୁ ବୁଝିବାକୁ ହେବ। ପୁରୁଷ ଓ ମହିଳା ନିର୍ବିଶେଷରେ ସମାନ ବ୍ୟବହାର ବା ସମାନ ସୁଯୋଗ ଦେବା ହେଉଛି ଲିଙ୍ଗଗତ ସମାନତା। ଲିଙ୍ଗଗତ ନିରପେକ୍ଷତା ଅର୍ଥ ପୁରୁଷ ଓ ମହିଳାମାନଙ୍କ ଅବଶ୍ୟକତା ଅନୁଯାୟୀ ସମାନୁପାତିକ ବା ନ୍ୟାୟସଂଗତ ସୁଯୋଗ ଉପଲବ୍ଧ କରିବା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁଠି ଲିଙ୍ଗଗତ ବୈଷମ୍ୟ ଥାଏ ସେଇଠି ମହିଳାମାନେ ହିଁ ସାମାଜିକ ମୂଲ୍ୟବୋଧ, ଆର୍ଥିକ ସମ୍ବଳ ଉପଯୋଗ, ସାଂସ୍କୃତିକ ଅନ୍ତର୍ଭୁକ୍ତୀକରଣ ତଥା ଅନ୍ୟାନ୍ୟ ନିଷ୍ପତ୍ତି ନେବାରୁ ବଞ୍ଚିତ ହୋଇଥା'ନ୍ତି। ଯେହେତୁ ପୁରୁଷକେନ୍ଦ୍ରିକ ସମାଜ ମହିଳାମାନଙ୍କୁ ବିଭିନ୍ନ ସାମାଜିକ ଅଙ୍ଗରୁ ଯୁଗ ଯୁଗ ଧରି ବଞ୍ଚିତ ରଖିବା ପ୍ରକ୍ରିୟା ଜାରି ରଖିଛି, ସେମାନଙ୍କ ସହଭାଗିତାକୁ ସୁନିଶ୍ଚିତ କରିବାକୁ, ସେମାନଙ୍କ ଉତ୍ପାଦନ ସାମର୍ଥ୍ୟକୁ ସମାଜର ମୁଖ୍ୟସ୍ରୋତରେ ଯୋଡ଼ିବା କ୍ଷେତ୍ରରେ ମହିଳା ସଶକ୍ତୀକରଣ ଆବଶ୍ୟକ। ବଞ୍ଚିତ ବର୍ଗଙ୍କୁ ସୁବିଧା, ସୁଯୋଗ ଦେବା ବେଳେ ଦେବା ସପକ୍ଷରେ ଥିବା ଲୋକ ସେମାନଙ୍କର ଅଧିକାର ଭାବେ ବିବେଚନା ନକରି ବହୁତ ଦେଇ ଦେଲୁନି ବୋଲି ଭାବେ। ଠିକ ସେହିଭଳି ଲାଭାର୍ଥୀ ଆଶାଠାରୁ ଅଧିକ ପ୍ରାପ୍ତ ହେଲା ବୋଲି ଅଧିକାର ସାବ୍ୟସ୍ତ କରିବାରୁ କ୍ଷାନ୍ତ ରହିଥାଏ।

ମହିଳାମାନଙ୍କ ପ୍ରତିଭାର ପୂର୍ଣ୍ଣ ଉପଯୋଗ ପାଇଁ ଆମେ ଯଦି ସୁଯୋଗ ସୃଷ୍ଟି ନ କରିବା ତେବେ ସେମାନଙ୍କର ବ୍ୟକ୍ତିଗତ କ୍ଷତି ହେବା ସହିତ ସମଗ୍ର ସମାଜ ସମ୍ଭାବ୍ୟ ଉତ୍ପାଦନ କ୍ଷମତାରୁ ବଞ୍ଚିତ ରହିବ। ମହିଳାମାନଙ୍କୁ ଆର୍ଥିକ ସମ୍ବଳର ବିକାଶ, ରାଜନୈତିକ କ୍ଷେତ୍ରରେ ସାମିଲ, ବିଭିନ୍ନ ନିଷ୍ପତ୍ତି ନେବାରେ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନୁହେଁ ବରଂ ଏକ ପ୍ରକ୍ରିୟା। ଏହି ଗୁରୁତ୍ୱକୁ ଉପଲବ୍ଧି କରି ସଂରକ୍ଷଣ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପ୍ରତିନିଧିତ୍ୱକୁ କେତେକାଂଶରେ ସୁନିଶ୍ଚିତ କରାଯାଇଛି, କିନ୍ତୁ ପୁରୁଷକେନ୍ଦ୍ରିକ ମାନସିକତା ଯୋଗୁଁ ସେମାନେ ଛାୟା ବା ରବର ଷ୍ଟାମ୍ପ ଭାବେ ପ୍ରମାଣିତ ହେଉଛନ୍ତି।

ଏବେ ସମୟ ଆସିଛି ମହିଳାମାନଙ୍କ ସହଭାଗିତା ଓ ସହଯୋଗିତାକୁ ପ୍ରକୃତରେ ସବୁକ୍ଷେତ୍ରରେ ସୁନିଶ୍ଚିତ କରିବାକୁ ଆହୁରି ସମ୍ବେଦନଶୀଳ ପ୍ରୟାସ ଆବଶ୍ୟକ। ଲିଙ୍ଗଗତ ସମାନୁପାତିକତା ଯେ କେବଳ ମହିଳାମାନଙ୍କ ପାଇଁ କଲ୍ୟାଣକାରୀ, ତାହା ନୁହେଁ। ଏହାଦ୍ୱାରା ପୁରୁଷମାନଙ୍କ କଲ୍ୟାଣ ହେବା ସହ ସମଗ୍ର ସମାଜ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ପୂର୍ବରୁ ପ୍ରଚଳିତ ଧରାବନ୍ଧ ଧାରଣା ସ୍ୱରୂପ ପୁରୁଷମାନେ ପରିବାର ପାଇଁ ଭୌତିକ ବ୍ୟବସ୍ଥାର ସଂଯୋଜନାକାରୀ କିମ୍ବା ବିପଦ ସମୟର ସୁରକ୍ଷା ପ୍ରଦାନକାରୀ ନ ହୋଇ ଶିଶୁ ଲାଳନ ପାଳନ, ପାରିବାରିକ ସ୍ନେହ ମମତା ଭଳି କୋମଳ ଉପାଦାନରେ ନିଜର ଯୋଗଦାନ ଦେଲେ ଯାବତୀୟ ଉଦ୍‌ବିଗ୍ନରୁ ମୁକ୍ତ ରହିପାରିବେ।

ମହିଳା ସହଭାଗିତାକୁ ସୁନିଶ୍ଚିତ କରିବା ସେମାନଙ୍କ ସଶକ୍ତୀକରଣର ପ୍ରଥମ ପଦକ୍ଷେପ। ତେଣୁ ଆମକୁ ବର୍ତ୍ତମାନ ଦ୍ୱିତୀୟ ସୋପାନ ଅତିକ୍ରମ କରିବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ସୁଖ, ଆନନ୍ଦ ଓ ଆଶ୍ୱାସନାର ବିଷୟ ଯେ ଆମ ରାଜ୍ୟ ସରକାର ମହିଳା ସଶକ୍ତୀକରଣ କ୍ଷେତ୍ରରେ ସାରା ଦେଶରେ ଉଦାହରଣ ସୃଷ୍ଟି କରିଛି। ଏ କ୍ଷେତ୍ରରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସବୁବେଳେ ଗୋଟିଏ ପାଦ ଆଗରେ ରହିଛି। ମହିଳାମାନେ ପ୍ରତ୍ୟେକ କ୍ଷେତ୍ର ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ପୁଲିସ, ଯାନବାହନ ଚାଳନା, ବ୍ୟାଙ୍କିଙ୍ଗ ସେବା, ପ୍ରଶାସନ, ରାଜନୀତି, ପ୍ରତିରକ୍ଷା କ୍ଷେତ୍ରରେ ପୁରୁଷମାନଙ୍କ ସହିତ ସମାସ୍କନ୍ଧ ଭାବରେ କାର୍ଯ୍ୟ ସମ୍ପାଦନା କରୁଛନ୍ତି। ମହିଳାମାନେ ଅସୁରକ୍ଷିତ ବୋଲି ଆମ ସମାଜ ଏକଦା ଝିଅମାନଙ୍କୁ ଅସମୟରେ ବାହାରକୁ ଯିବାରୁ ବଞ୍ଚି ରଖୁଥିଲା, ଏବେ ସେହି ମହିଳାମାନେ ଆମକୁ ସୁରକ୍ଷା ଦେବା ଦାୟିତ୍ୱରେ।

ଆମ ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତୀକରଣ କ୍ଷେତ୍ରରେ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଛି। ନିରକ୍ଷର ଗାଉଁଲି ମହିଳା ବ୍ୟାଙ୍କିଙ୍ଗ ସେବାରେ ଯୋଡ଼ି ହୋଇ, ଉପାର୍ଜନକ୍ଷମ ହେବା ଦ୍ୱାରା ସେମାନେ ସେମାନଙ୍କ ପତିମାନଙ୍କ ଦ୍ୱାରା ଶୋଷିତ ଓ ଅବହେଳିତ ହେବାରୁ ମୁକ୍ତ। ଏହାର ସତ୍ୟତା ଜାଣିବା ବା ପ୍ରମାଣ ଖୋଜିବା ପାଇଁ ଅନେକ କିଛି ଗବେଷଣା ଦରକାର ନାହିଁ। ଓଡ଼ିଶାର ଯେଉଁ ଗାଁକୁ ଗଲେ ମଧ୍ୟ ଖୋଲା ଆଖିରେ ଏହାର ଚାକ୍ଷୁସ ପ୍ରମାଣ ଦେଖିବାକୁ ମିଳିବ। ଓଡ଼ିଶାର ପ୍ରମୁଖ ନିୟମ ପ୍ରଣୟନ ସଂସ୍ଥାରେ ମହିଳାମାନଙ୍କ ଉପସ୍ଥତି ଏକ ଶୁଭସୂଚନା। ତେବେ ଆମେ ସେମାନଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରି ବସିଗଲେ ତାହା ଫଳପ୍ରସୂ ହେବ ନାହିଁ ବରଂ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ସବୁକ୍ଷେତ୍ରରେ ମହିଳାମାନେ ଯେପରି ନିର୍ଭୟରେ ନିଷ୍ପତ୍ତି ନେଇପାରିବେ, ତାହା ସୁନିଶ୍ଚିତ କରିବାକୁ ପଡ଼ିବ। ମହିଳା ପ୍ରତିନିଧି ସମୂହଙ୍କ ଅଧିକାର ତଥା ନିଷ୍ପତ୍ତି ନେବାର କ୍ଷମତାକୁ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ହେବା ଉଚିତ। ତୃଣମୂଳସ୍ତରରେ ମହିଳାମାନଙ୍କ ପତିମାନଙ୍କ ଦ୍ୱାରା କ୍ଷମତାର ଅପବ୍ୟବହାରର ନିରାକରଣ ଓ ପ୍ରତିକାର ପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ। ଓଡ଼ିଶା ଏ କ୍ଷେତ୍ରରେ ନୂଆ ବାଟ ଦେଖାଇ ଦେଶରେ ଆଉ ଏକ ଉଦାହରଣ ସୃଷ୍ଟି କରୁ ବୋଲି ଆଶା। ●

ସକାଳ
THE SAKALA

## ପଶ୍ଚିମ-ଏସିଆରେ ଅସ୍ଥିରତା ବଢ଼ୁଛି

# ଭାରତ ପ୍ରଭାବିତ ହୋଇପାରେ

ପଶ୍ଚିମ-ଏସିଆ ବିଶ୍ୱର ଏକ ପ୍ରମୁଖ ଅସ୍ଥିର ଅଞ୍ଚଳ। ତୈଳ ସମୃଦ୍ଧ ଏହି ଅଞ୍ଚଳ ଏବେ ଇସ୍ରାଏଲ୍-ହମାସ ଯୁଦ୍ଧ ପାଇଁ ଅଶାନ୍ତ ରହିଥିବାବେଳେ ଲୋହିତ ସାଗରର ଆନ୍ତର୍ଜାତିକ ବାଣିଜ୍ୟ କାରବାରକୁ ବିଘ୍ନିତ କରିବାକୁ ହାଉଥି ବିଦ୍ରୋହୀମାନେ କିଛି ଦେଶଙ୍କ ସହାୟତାରେ ବିଭିନ୍ନ ଜାହାଜ ଉପରେ ଆକ୍ରମଣ କରୁଛନ୍ତି। ଇରାନ୍, ଇରାକର କୁର୍ଦ୍ଦ ବହୁଳ ଅଞ୍ଚଳରେ ଥିବା ଇସ୍ରାଏଲ୍‌ର ଏକ ଗୁଇନ୍ଦା ଘାଟି ଉପରେ କ୍ଷେପଣାସ୍ତ୍ର ପ୍ରହାର କରିବା ସହିତ ବୁଧବାର ପାକିସ୍ତାନର ବେଲୁଚିସ୍ତାନରେ ଥିବା ଇସଲାମୀୟ ବିଦ୍ରୋହୀ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାର ଜବାବ ମଧ୍ୟ ପାକିସ୍ତାନ କ୍ଷେପଣାସ୍ତ୍ର ମାଧ୍ୟମରେ ଦେଇ ଗୁରୁବାର ସମଗ୍ର ଅଞ୍ଚଳର ପରିସ୍ଥିତି ଓ ପରିବେଶକୁ ଅଧିକ ଉତ୍ତେଜିତ କରିଛି।

ଏହି କ୍ଷେପଣାସ୍ତ୍ର ଆକ୍ରମଣ ଓ ପ୍ରତିଆକ୍ରମଣ ପରସ୍ପରର ବିଦ୍ରୋହୀ ଓ ଗୁଇନ୍ଦା ଘାଟି ପାଇଁ ପ୍ରଯୁଜ୍ୟ ହୋଇଥିଲେ ହେଁ ଏହାର ଏକ ଅନ୍ତର୍ନିହିତ ସ୍ୱର ସ୍ପଷ୍ଟ ବାରି ହୋଇପଡୁଛି। ଏହା ସମଗ୍ର ପଶ୍ଚିମ ଏସିଆର ଅସ୍ଥିର ସ୍ଥିତି ଓ ଯୁଦ୍ଧ ଦାବାନଳକୁ ଇନ୍ଧନ ସିନା ଯୋଗାଇବ, ଏହାକୁ ପ୍ରଶମିତ କରିବାରେ ଆଦୌ ସହାୟକ ହେବ ନାହିଁ। ଇରାନ୍-ପାକିସ୍ତାନ ସମ୍ପର୍କ ତିକ୍ତ ହେବା ପଶ୍ଚିମ-ଏସିଆରେ ଆଉ ଏକ ନୂଆ ଯୁଦ୍ଧର ସୂତ୍ରପାତ କରିବାର ଆଶଙ୍କା ବଢ଼ାଇଛି। ଆର୍ଥିକ ଓ ଅନ୍ୟାନ୍ୟ ଦୃଷ୍ଟିରୁ ପାକିସ୍ତାନଠାରୁ ଇରାନ୍ ଶକ୍ତିଶାଳୀ ଥିଲେ ମଧ୍ୟ ଇସଲାମାବାଦ ଅଣୁଅସ୍ତ୍ରର ଅଧିକାରୀ ଏବଂ ସେଠାରେ ସାମରିକ ବାହିନୀ ଓ ମୁଲ୍ଲାଙ୍କ ପ୍ରଭାବ ଅଧିକ। ତେଣୁ ଖରାପ ଆର୍ଥିକ ସ୍ଥିତି ସତ୍ତ୍ୱେ ପାକିସ୍ତାନ ସହଜରେ ଇରାନ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ତେଣେ ଇରାନ ପଶ୍ଚିମ-ଏସିଆରେ ଏକ ନୂଆ ସାମରିକ-ଅର୍ଥନୈତିକ ଶକ୍ତିଭାବେ ମୁଣ୍ଡ ଟେକିବାକୁ ଉଦ୍ୟମ କରୁଛି ଏବଂ ଅନ୍ୟ ଦେଶରେ ଶରଣ ନେଇଥିବା ନିଜର ବିଦ୍ରୋହୀ ସାମରିକ ତଥା ଇସଲାମୀୟ ଗୋଷ୍ଠୀଙ୍କୁ ଜବତ କରିବାକୁ ଉଦ୍ୟମ କରୁଛି। ଏପରିକି ଇସଲାମୀୟ ମୈତ୍ରୀ ଆଳରେ ଇସ୍ରାଏଲ୍ ସହିତ ମଧ୍ୟ ଶତ୍ରୁତା ଦେଖାଉଛି।

ପଶ୍ଚିମ-ଏସିଆ ମୁସଲମାନ ବହୁଳ। ଏହାସତ୍ତ୍ୱେ ଏହି ଅଞ୍ଚଳ ସହିତ ଭାରତର ଅର୍ଥନୈତିକ ଓ ବାଣିଜ୍ୟିକ ସ୍ୱାର୍ଥ ଅଧିକ। ଉପସାଗରୀୟ ଅଞ୍ଚଳରେ ଲକ୍ଷ ଲକ୍ଷ ଭାରତୀୟ କାମ କରନ୍ତି। ଅନେକ ଭାରତୀୟ କମ୍ପାନୀ, ବ୍ୟାବସାୟିକ ସଂସ୍ଥା ସେଠାରେ ବିଭିନ୍ନ କାମରେ ନିଯୁକ୍ତ। ତୈଳ ଆମଦାନୀ ସହିତ ଭାରତର ପୁଞ୍ଜି ନିବେଶ ଆରବର ବିଭିନ୍ନ ଦେଶରେ ରହିଛି। ଭାରତର ବୈଦେଶିକ ବାଣିଜ୍ୟର ଏକ ବଡ଼ ଭାଗ ପଶ୍ଚିମ ଏସିଆ ସହିତ ହେଉଥିବା ବେଳେ ଏହି ପଥ ଦେଇ ୟୁରୋପ ଓ ଉତ୍ତର-ଆଫ୍ରିକାର ଅନେକ ଦେଶକୁ ଭାରତର ସାମଗ୍ରୀ ଯାଇଥାଏ। ତେଣୁ ସେ ଅଞ୍ଚଳରେ ବିବାଦ, ସଂଘର୍ଷ ଓ ଯୁଦ୍ଧ ବିଗ୍ରହ ବଢ଼ିଲେ ତାହାର ସିଧାସଳଖ ପ୍ରଭାବ ଭାରତ ଓ ଭାରତୀୟଙ୍କ ଉପରେ ପଡ଼ିବ। ଉପସାଗରୀୟ ଯୁଦ୍ଧ ବେଳେ ଭାରତ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା, ତାହାର ପୁନରାବୃତ୍ତି ଘଟିବ। ସାମ୍ପ୍ରତିକ ଘଟଣା ଭାରତର ଅର୍ଥନୀତି ଓ ସ୍ୱାର୍ଥ ପାଇଁ ନିଶ୍ଚିତ ଚିନ୍ତାଜନକ।

ଏଭଳି ପରିସ୍ଥିତିରେ ଭାରତ କ'ଣ କରିପାରିବ? ଆତଙ୍କବାଦକୁ ରୋକିବା ସହ ନିଜ ନିଜ ଭୂମିକୁ ଆତଙ୍କବାଦୀଙ୍କୁ କେହି ଯେପରି ନ ଦିଅନ୍ତି ତାହା ନିଶ୍ଚିତ ହେବା ଉଚିତ। ତେବେ ପରସ୍ପର ମଧ୍ୟରେ କ୍ଷେପଣାସ୍ତ୍ର ପ୍ରୟୋଗ କରି ଏହି ଆତଙ୍କବାଦକୁ ଏକତରଫା ଭାବେ ଲୋପ କରିହେବ ନାହିଁ। ସେଥିପାଇଁ ସମ୍ପୃକ୍ତ ରାଷ୍ଟ୍ରଙ୍କ ସହ ଭାରତ କୂଟନୀତିକ ସ୍ତରରେ ସମ୍ପର୍କ ରକ୍ଷା କରି ସମାଧାନ ବାଟ ବାହାର କରିବା ଉଚିତ। ଭାରତ ଆତଙ୍କବାଦର ଶିକାର ହୋଇଛି ଏବଂ ଯେଉଁମାନେ ଏହାକୁ ପ୍ରାୟୋଜିତ କରୁଥିଲେ, ଏବେ ସେମାନେ ନିଜେ ତାହାର ପରିଣାମ ଭୋଗୁଛନ୍ତି।

ଏଭଳି ସ୍ଥଳେ ନିଜ ନିଜ ମଧ୍ୟରେ ନ ଲଢ଼ି ମିଳିତ ଭାବେ ବୁଝାମଣା ଭିତରେ ଆତଙ୍କବାଦକୁ ନିଶାଣ କରିବାର ଆବଶ୍ୟକତା ରହିଛି। ପଶ୍ଚିମ-ଏସିଆର ଆଉ ଏକ ବଡ଼ ଅସୁବିଧା ହେଲା ସେଠାରେ ଗଣତନ୍ତ୍ରର ଉପସ୍ଥିତି ପ୍ରାୟ ନାହିଁ ଏବଂ ଧର୍ମ ଓ ମୌଳବାଦଭିତ୍ତିକ ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ। ଏଥିରେ ପୁଣି ସିଆ ଓ ସୁନ୍ନି ସମ୍ପ୍ରଦାୟବାଦକୁ ନେଇ ଦେଶ-ଦେଶ ମଧ୍ୟରେ ବିବାଦ ଏବଂ ଶତ୍ରୁତା। ଇରାନ୍ ପାଶ୍ଚାତ୍ୟ ବିରୋଧୀ। ପାକିସ୍ତାନ ଚୀନର ସମର୍ଥକ। ଏକଦା ସାଉଦି ଆରବ ଓ ଇରାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠାରେ ସଫଳ ହୋଇଥିବା ଚୀନ୍ ଏବେ ନିରବ ରହିଛି। ଇରାନ ଯଦି ଚୀନ୍ ଆଡ଼କୁ ଏହି ପ୍ରସଙ୍ଗରେ ଢଳେ ତେବେ ଆମେରିକା ଓ ବ୍ରିଟେନ୍ ଏଥିରେ ନିଜର ସ୍ୱାର୍ଥ ପାଇଁ ହସ୍ତକ୍ଷେପ କରିବାର ସମ୍ଭାବନା ଅଧିକ। ତଥାପି ଆମେରିକା, ବ୍ରିଟେନ୍ ଓ ପାକିସ୍ତାନରେ ଆଗକୁ ନିର୍ବାଚନ ରହିଛି। ଭାରତ ମଧ୍ୟ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବ। ଏଭଳି ସ୍ଥିତିରେ ପଶ୍ଚିମ-ଏସିଆର ଚୋରା ବାଲିରେ ତରବରରେ କେହି ଗୋଡ଼ ପୂରାଇବାକୁ ଉଚିତ ନ ମଣିବା ସ୍ୱାଭାବିକ।

ଭାରତ ପଶ୍ଚିମ-ଏସିଆର ସ୍ଥିତି ନେଇ ନିଜର ମନୋଭାବ ସ୍ପଷ୍ଟ କରିଦେଇଛି। ସେ ହଠାତ୍ ଏଥିରେ ହସ୍ତକ୍ଷେପ କରିବ ନାହିଁ ବୋଲି କହିଛି। ତେବେ ଇରାନ୍-ପାକିସ୍ତାନ ଏବେ ଯେଉଁ ମୁଦ୍ରାରେ ଅଛନ୍ତି, ସେଥିରେ ସେମାନେ ଭାରତର ହସ୍ତକ୍ଷେପ ଲୋଡ଼ିବା ସମ୍ଭାବନା କ୍ଷୀଣ। ତେଣୁ ଇରାନ୍ କିମ୍ବା ପାକିସ୍ତାନ କେହି ଭାରତ ପାଇଁ ଗ୍ରହଣୀୟ ନୁହନ୍ତି। ଏହି ପ୍ରସଙ୍ଗର ସମାଧାନ ପାଇଁ ଆମେରିକା ସମେତ ପାଶ୍ଚାତ୍ୟ ପ୍ରଭାବଶାଳୀ ରାଷ୍ଟ୍ରଙ୍କ ସହିତ ଭାରତ କଥାବାର୍ତ୍ତା କରି ସମାଧାନ ସୂତ୍ର ବାହାର କରିବା ଉଚିତ। ଆମର ଆଶା, ପାଶ୍ଚାତ୍ୟ ରାଷ୍ଟ୍ରଙ୍କର ପଶ୍ଚିମ-ଏସିଆରେ ଅର୍ଥନୈତିକ ଓ ବାଣିଜ୍ୟିକ ସ୍ୱାର୍ଥ ଥିବାରୁ ସେମାନେ ଭାରତ କଥା ଶୁଣିବେ। ●

# ସମୟ ସୁଅରେ ମଣିଷ



**ସଂଗ୍ରାମ କେଶରୀ ପୃଷ୍ଟି**
ଅନୁଗୋଳ, ମୋ: ୯୪୩୭୫୪୭୧୪୬

ସମୟ ଓ ଜୁଆର କାହାକୁ ଯେ ଅପେକ୍ଷା କରେ ନାହିଁ - ଏ କଥା ସହିତ ଆମେ ସମସ୍ତେ ଏକମତ ନିଶ୍ଚିତ। ସୁଖ-ଦୁଃଖ, ଆନନ୍ଦ-ବିଷାଦ, ହସ-କାନ୍ଦ, ମିଳନ-ବିଚ୍ଛେଦ, ପ୍ରାପ୍ତି-ଅପ୍ରାପ୍ତିର ସମଷ୍ଟି ହିଁ ଜୀବନ, ଯାହା ଆମ ଜୀବନଚର୍ଯ୍ୟାରେ ଆଣି ଦେଇଥାଏ ପରିବର୍ତ୍ତନ। ଚିରାଚରିତ ଧାରାରୁ ସାମୟିକ ଆଶ୍ୱସ୍ତି ଆଣିଦେଇଥାଏ ଏ ପରିବର୍ତ୍ତନର ଧାରା। ଆମ ଭୁଲ୍-ଠିକ୍‌ର ଆକଳନ କରିବାକୁ ଦେଇଥାଏ ପର୍ଯ୍ୟାପ୍ତ ସୁଯୋଗ। ନିଜକୁ ସମୀକ୍ଷା କରିବାର ଅବସର ମିଳେ। ସମୟ ସହିତ ତାଳ ଦେଇ ଆଗକୁ ବଢ଼ିବାର ସଂକଳ୍ପବଦ୍ଧତା ଆମ ପାଇଁ ଆଣି ଦେଇଥାଏ ସଫଳତା।

ଜୀବନ ସ୍ରୋତରେ ସମୟ ବୋହିଯାଇଥାଏ ଠିକ୍ ଏକ ଅଙ୍କାବଙ୍କା ନଈ ପରି। କଣ୍ଟା- ଝଣ୍ଟା, ଖାଲ-ଢିପ ନ ମାନି ନିର୍ଦ୍ୱନ୍ଦ୍ୱରେ ବୋହିଯିବା ଯେ ହିଁ ତା'ର ଧର୍ମ। ନିଜର ଧର୍ମ ରକ୍ଷା କରି ନିମ୍ନଭୂମିକୁ ଗତି କରିବା ହେଉଛି ତା' ପ୍ରକୃତି। ଏଥିରେ ବ୍ୟତିକ୍ରମ ଘଟିବା କେବେ ଲକ୍ଷ୍ୟ କରାଯାଇନି। ସମୟାନୁବର୍ତ୍ତିତାର ମହାନଗୁଣକୁ ଅନୁସରଣ କରି ଆଗେଇ ଚାଲିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଯେ ଅବଶମ୍ଭାବୀ, ଏକଥା ସମ୍ଭବତଃ ତା'କୁ ହିଁ ଜଣା। ଶେଷରେ ସେ ଯାଇ ସାଗରରେ ମିଶେ।

ମଣିଷ ଜୀବନଟା ଠିକ୍ ସେମିତିଆ। କାର୍ଯ୍ୟକୁ ସମ୍ପାଦନା କରି ଆମେ ଫଳ ଛାଡ଼ିଦେଉ ସମୟ ଉପରେ। କେବେକେବେ ଏମିତି ବି ହୋଇଥାଏ - ଆଶାନୁରୂପ କର୍ମ ନକରି ଆମେ ବିପୁଳ ପ୍ରାପ୍ତିକୁ ଚାହିଁ ରହିଥାଉ। ଫଳପ୍ରାପ୍ତି ନହେଲେ ସବୁ ଦୋଷ ଲଦି ଦେଇଥାଉ ସେହି ସମୟ ଉପରେ। ନତୁବା ଭାଗ୍ୟ ଉପରେ। କାର୍ଯ୍ୟରେ ଅନିୟମିତତା ଓ ଆତ୍ମସନ୍ତୋଷ ଯେଉଁଠି ମାନ୍ଦାବସ୍ଥା ଦେଖାଦିଏ, ସେ କ୍ଷେତ୍ରରେ ଫଳର ଆଶା କରିବା ବିଡ଼ମ୍ବନା ନିଶ୍ଚିତ। ଏକଥା ଜାଣି ସୁଦ୍ଧା କାର୍ଯ୍ୟ ପ୍ରତି ସମର୍ପିତ ଭାବନା ଆମ ମନରେ ଉଦୟ ହୋଇପାରି ନ ଥାଏ। ସୁତରାଂ ବିଫଳ ହେବା ହିଁ ସାର ହୋଇଥାଏ।

ନିଜର ବିଫଳତାକୁ ନେଇ ଅନେକ କହିଥା'ନ୍ତି ଯେ, ଏବେ ମୋର ଖରାପ ସମୟ ଚାଲିଛି। ଏବେ ପ୍ରଶ୍ନ ଉଠେ, ଖରାପ ସମୟ ବୋଲି କିଛି ଥାଏ କି, ଯେଉଁଠି ବ୍ୟକ୍ତିର ସଫଳତା ଆପଣାଛାଏଁ ହାର ମାନିଯାଏ କର୍ତ୍ତବ୍ୟ ଆଗରେ? ବାସ୍ତବରେ ସେମିତି କିଛି ହୋଇ ନ ଥାଏ। ସମୟ ଅନବରତ ଅବିରାମ ଗତିରେ ହିଁ ଚାଲୁଥାଏ। କିନ୍ତୁ ଆମେ ଆମର ବିଫଳତାକୁ ନେଇ ସେ ସମୟକୁ କଦର୍ଥ କରିପକାଉ। ସମୟ ଉପରେ ଦୋଷ ଲଦି ଦେଇ ଆଶ୍ୱସ୍ତି ଅନୁଭବ କରୁ। ସମୟ ଓ ପରିସ୍ଥିତି ବେଳେବେଳେ ମଣିଷକୁ ପକାଇ ଦେଇଥାଏ ଏକ ବିଷମ ପରିସ୍ଥିତିରେ। ସେତେବେଳେ ମଣିଷ ନା କିଛି କହିପାରେ ନା କିଛି ସହିପାରେ। କେବଳ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ହୋଇଥାଏ ଏକ ଭଲ ସମୟକୁ।

ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ସମ୍ପର୍କ। ଏହାର ସ୍ଥାୟିତ୍ୱ ନିର୍ଭର କରିଥାଏ ସମୟ ଉପରେ। ବେଳେବେଳେ ଏମିତି ବି ହୋଇଥାଏ ସମୟ ଅଭାବରୁ ସମ୍ପର୍କରେ ପଡ଼ିଯାଏ ଭଟ୍ଟା। ଶେଷକୁ ଆମ ଜୀବନରେ ପହଞ୍ଚିଯାଏ ଏମିତି ଏକ ସମୟ, ଯେତେବେଳେ କି ଆମ ପାଖରେ ସବୁକିଛି ଥିବ, ହେଲେ ନିଜ ଜୀବନଠୁ ଅଧିକ ଭଲ ପାଉଥିବା ମଣିଷଟି ଆମ ପାଖରେ ନଥିବ। ଭାରତର ପ୍ରାକ୍ତନ ରାଷ୍ଟ୍ରପତି ଡ. ଏ. ପି.ଜେ ଅବଦୁଲ୍ କଲାମ୍ ଯେତେବେଳେ ରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବାକୁ ଗଲେ ତାଙ୍କୁ କେଉଁ ଶୁଭ ବେଳରେ ଶପଥ କରିବାକୁ ଚାହୁଁଛନ୍ତି ବୋଲି ପଚରାଯାଇଥିଲା। ଉତ୍ତରରେ ସେ ଚମତ୍କାର କଥାଟିଏ କହିଥିଲେ। ସେ କହିଥିଲେ ଯେ, ୬୦ ସେକେଣ୍ଡରେ ଗୋଟିଏ ମିନିଟ୍ ହୁଏ। ୬୦ ମିନିଟରେ ଗୋଟିଏ ଘଣ୍ଟା, ୨୪ ଘଣ୍ଟାରେ ଗୋଟିଏ ଦିନ, ୩୦ ଦିନରେ ଗୋଟିଏ ମାସ, ୧୨ ମାସରେ ଗୋଟିଏ ବର୍ଷ ହୁଏ। ଏଣୁ ମୁହୂର୍ତ୍ତମାନଙ୍କର ସମଷ୍ଟି ଯଦି ସମୟ, ତେବେ ଏଥିରେ ଶୁଭ ଅଶୁଭର ବିଚାର କାହିଁକି?

ସମୟ ହାତରୁ ଚାଲିଗଲା ପରେ ତାକୁ ଯେତେ ଖୋଜିଲେ ମଧ୍ୟ ମିଳେ ନାହିଁ। ଆମ ହାତରୁ ସମୟ ଚାଲିଯିବାର ମୁଖ୍ୟ କାରଣ ହେଉଛି, ବର୍ତ୍ତମାନକୁ ଅଣଦେଖା କରି ଭବିଷ୍ୟତର ସ୍ୱପ୍ନ ଦେଖିବା। ଆମେ ସମୟର ମହତ୍ତ୍ୱକୁ ସେତେବେଳେ ଉପଲବ୍ଧି କରିଥାଉ, ଯେତେବେଳେ କି ଆମ ହାତରେ ସମୟ କମ୍ ଥାଏ। ସେହି ସମୟ ମଧ୍ୟରେ କାର୍ଯ୍ୟ କରିବାର ପ୍ରତିଶ୍ରୁତିବଦ୍ଧତା ଆମେ ହରାଇ ବସୁ ନିଜ ଅଜାଣତରେ। ଆମର ଦକ୍ଷତା ଥାଇ ସୁଦ୍ଧା ସମୟ ଅଭାବରୁ କାର୍ଯ୍ୟରେ ବିଘ୍ନ ଘଟେ। ଏହା ହିଁ ବିଡ଼ମ୍ବନା।

ଦୁନିଆର ସବୁଠୁ ବଡ଼ ଜାଦୁଗର ସମୟକୁ ହିଁ କୁହାଯାଇଥାଏ। କାରଣ ସେ ନିଜେ ବଦଳିବା ସହିତ ଆମକୁ ବି ବଦଳାଇ ଦେଇଥାଏ। ସମୟ ଆମ ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ। ଆମ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିଥାଏ। ସମସ୍ତ ପ୍ରକାର ବାଧାବିଘ୍ନକୁ ଏଡ଼ାଇଦେଇ ଏକ ସମର୍ପିତ ଭାବନା ନେଇ କାର୍ଯ୍ୟ କରିପାରିଲେ ଆମେ ନିଶ୍ଚିତ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା। ସମୟ ସାଥିରେ ବାଟଚାଲିଲେ ସେ ଯେ ଆମକୁ ହାତଛଡ଼ା କରିବ ନାହିଁ - ଏ ବିଶ୍ୱାସ ଟିକକ ଆମ ଭିତରେ ରହିବା ଏକାନ୍ତ ଆବଶ୍ୟକ। ●

## ଲୋକମତ

### ସ୍ୱେରେଜ୍ ସଫେଇ କାର୍ଯ୍ୟରେ ରୋବଟ୍

ସ୍ୱେରେଜ୍‌ଗୁଡ଼ିକରେ ରହିଥିବା ବିଷାକ୍ତ ଗ୍ୟାସ୍, ବିପଜ୍ଜନକ ପଦାର୍ଥ ଇତ୍ୟାଦି ଯୋଗୁଁ ଅନେକ ସମୟରେ ପରିମଳ ସଫେଇ କର୍ମଚାରୀଙ୍କ ମୃତାହତ ହେଉଥିବାର ଖବର ପ୍ରକାଶ ପାଉଛି। ଏହି ପରିପ୍ରେକ୍ଷୀରେ ରୋବୋଟ୍ ଜରିଆରେ ସ୍ୱେରେଜ୍ ସଫେଇ ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ ଏକ ଅଭିନବ ପଦକ୍ଷେପ। ସଫେଇ କର୍ମଚାରୀଙ୍କ ମ୍ୟାନହୋଲ୍‌ରେ ପ୍ରବେଶ ବିନା ଏହି ରୋବଟ୍ (ଭିଜନ୍ କ୍ୟାମେରା ଏବଂ ରୋବୋଟିକ୍ ବାହୁ ଇତ୍ୟାଦି ସହିତ ସଜ୍ଜିତ) ସମସ୍ତ କାର୍ଯ୍ୟ ଅନାୟାସରେ କରି ଦେଇଥାଏ। ଆମ ଦେଶରେ କିଛି ସହରରେ ସଫେଇ କ୍ଷେତ୍ରରେ ରୋବଟ୍‌କୁ କାର୍ଯ୍ୟକାରୀ କରାଯାଉଛି ଏବଂ ସୁଫଳ ପରିଲକ୍ଷିତ ହେଉଛି। ଯଦି ଭୁବନେଶ୍ୱର ମହାନଗର ନିଗମ ସ୍ୱେରେଜ୍ ସଫେଇ କାର୍ଯ୍ୟରେ ଏଭଳି ରୋବଟ୍ ବ୍ୟବସ୍ଥା ଉପଯୋଗ କରିପାରନ୍ତା ତେବେ ଡ୍ରେନ୍/ମ୍ୟାନହୋଲ୍ ସଫେଇ କାର୍ଯ୍ୟ ଦକ୍ଷତାର ସହିତ, କମ୍ ସମୟରେ ଓ ନିରାପଦରେ ସମ୍ପାଦନ ହୋଇପାରନ୍ତା। ●

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୩୮୮୮୩୬**

### ଗାଆଁ ଦାଣ୍ଡ ଧୂଳି ଆଉ ବାଟ ବରକୋଳି

ଉତ୍କଳୀୟ ସଂସ୍କୃତିରେ ଶାମ୍ବ ଦଶମୀ ଦିନ ପିଲାମାନଙ୍କ ପାଇଁ ସୂର୍ଯ୍ୟଦେବଙ୍କୁ ବିଭିନ୍ନ ଦ୍ରବ୍ୟ ଅର୍ପଣ କରାଯିବାର ପରମ୍ପରା ରହି ଆସିଛି। ବାପା ମା' ମାନେ ପିଲାମାନଙ୍କର ଶୁଭ ମନାସି ସେମାନେ ଭଲ ପାଉଥିବା ଫଳ, ମିଠା, ତରକାରୀ ଇତ୍ୟାଦି ପ୍ରସାଦ ସ୍ୱରୂପ ବାଣ୍ଟିବା ସହିତ ଉକ୍ତ ପର୍ବ ପାଳନ କରିଥା'ନ୍ତି। ସାଧାରଣତଃ ଯେଉଁମାନଙ୍କର ବିବାହର ଅନେକ ଦିନ ପରେ କିମ୍ବା ଅନେକ କଷ୍ଟ ପରେ ସନ୍ତାନସନ୍ତତି ହୁଅନ୍ତି ସେମାନଙ୍କ ପିଲାମାନଙ୍କ ଉପରେ କାଳେ କାହାର ନଜର ଲାଗିଯିବ, ତେଣୁ ସେମାନଙ୍କ ନାଁରେ ନିତିଦିନିଆ ସୁଖଦୁଃଖର ସାଥୀ ଦାଣ୍ଡ ଧୂଳି ଏବଂ ସର୍ବ ଶୁଭ ବାଟ ବରକୋଳିକୁ ଅର୍ପଣ କରାଯାଇଥାଏ। ବର୍ତ୍ତମାନ ପରିପ୍ରେକ୍ଷୀରେ ଗାଆଁ ଦାଣ୍ଡଗୁଡ଼ିକ କଂକ୍ରିଟ। ପିଲାମାନେ ଆଉ ଆଗ ଭଳି ନିଜ ନିଜ ଭିତରେ ଧୂଳି, ମାଟି ଓ ବାଲି ଆଦି ଖେଳ କୁଦରେ ମାତିବା କମି ଗଲାଣି। ଲହୁ ଲୁହାଣ ହେବା ଭୟରେ ବାପା ମା'ମାନେ ପିଲାମାନଙ୍କୁ ଆକଟ କରୁଛନ୍ତି। ଗାଆଁ ଦାଣ୍ଡ ଆଉ କାଦୁଅ ପଚପଚ ହେବାର ନାହିଁ। ଆମେ ସଭିଏଁ ଖୁସି। କିନ୍ତୁ ମାଟି ମା' ପାଖକୁ ବର୍ଷା ପାଣି ଟୋପେ ନଯିବା ଫଳରେ ତାହା ତାତି ଯାଉଛି। ଭୂଗର୍ଭ ଜଳ କ୍ରମଶଃ ତଳକୁ ଚାଲି ଯାଉଛି। ରଜ ଶେଷ ଦିନ ଭୂମି ଶୀତଳ କରିବାର ପରମ୍ପରା କେବଳ ନାମକୁ ମାତ୍ର ହେଉଛି ସିନା, ପ୍ରକୃତରେ ଆମେ କ'ଣ ପ୍ରକୃତ ମାଟି ମା'କୁ ଖୋଜୁଛନ୍ତି? କେବଳ କଂକ୍ରିଟ ଚଟାଣ ଉପରେ ତା'ର ଆରାଧନା କରୁଛନ୍ତି। ଅନ୍ୟପକ୍ଷରେ ବାଟ ବରକୋଳି ଆଜି ସାତ ସପନ। ରାସ୍ତା ଓସାର କରିବା ପାଇଁ ଆମେ ଗଛ ପତ୍ର ସଫା କରିଦେଲେ। ବଦଳରେ କିଛି ଜାଗାରେ ଶୀଘ୍ର ବଢୁଥିବା ଚାରା ଲଗାଇଲେ, ଯାହାଫଳରେ ରାସ୍ତାକଡ଼ରେ ମିଳୁଥିବା ବିଭିନ୍ନ କୋଳି ଓ ଫଳ ବର୍ତ୍ତମାନ ଆଉ ପ୍ରାୟତଃ ଉପଲବ୍ଧ ନୁହେଁ। ଆମ ପାଖରେ ପଇସା ଅଛି, ଏସବୁ କିଣି ଆଣିବା। କିନ୍ତୁ ମାଟି, ପାଣି, ପବନ, ପାହାଡ଼, ଜଙ୍ଗଲ, ନଦୀ ଆଦି ପ୍ରାକୃତିକ ଉତ୍ସ ନଷ୍ଟ ହୋଇଯିବା ପରେ ଆମେ କ'ଣ ସେଗୁଡ଼ିକୁ ପଇସା ଦେଇ କିଣି ପାରିବା? ସମସ୍ତ ପର୍ବପର୍ବାଣି ପାଳନ ପଛରେ ଥିବା ପ୍ରକୃତିକୁ ଭଲ ପାଇବାର ମନ୍ତ୍ର ସମସ୍ତଙ୍କ ମଧ୍ୟରେ ଗୁଞ୍ଜରିତ ହେଉ। ●

**ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

### ପରିକ୍ରମା ପ୍ରକଳ୍ପ: ଧର୍ମୀୟ ଧାରଣାର ପୁଣ୍ୟପୀଠ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବୈଦିକ ଦର୍ଶନର ଶାସ୍ତ୍ରୀୟ ସ୍ମୃତି ଓ ଶ୍ରୁତି ପରମ୍ପରାରେ ଉତ୍କଳୀୟ ସଂସ୍କୃତି ଅନୁପ୍ରାଣିତ। ଏହି ପୃଷ୍ଠଭୂମିରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ନବନିର୍ମିତ 'ପରିକ୍ରମା ମାର୍ଗ' ଏକ ଅଲୌକିକ ଶାସ୍ତ୍ରୀୟ ବିଚାରଧାରାରେ ଅନ୍ତର୍ମୁଖୀ ଚିନ୍ତନକୁ ଅନୁପ୍ରେରିତ କରେ। ପ୍ରଶାସନିକ କର୍ତ୍ତବ୍ୟ ସମ୍ପାଦନରେ ସ୍ୱଚ୍ଛତା ଓ ସଂସ୍କାରପୂର୍ଣ୍ଣ ସାଂସ୍କୃତିକ ଦିଗନ୍ତ, ସମର୍ପଣ, ସଂହତିର ମଧ୍ୟ ଏହା ଏକ ପରିଚାୟକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏହା ଅମର ହୋଇ ରହିବ। ପରିକ୍ରମା ପ୍ରକଳ୍ପ କେବଳ ପୁରୀବାସୀ କିମ୍ବା ଓଡ଼ିଶାବାସୀଙ୍କ ନିମନ୍ତେ ନୁହେଁ, ସାରା ବିଶ୍ୱବାସୀଙ୍କ ପାଇଁ ଧାର୍ମିକ ଓ ଆଧ୍ୟାତ୍ମିକ ପୁଣ୍ୟପୀଠର ଆସ୍ଥାଭୂମିତ ହେବ। ●

**ଅଶୋକ କୁମାର ଆଢ୍ୟ**
**ପୁରୀ, ମୋ: ୯୦୪୦୨ ୯୪୫୬୮**

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଅବଶିଷ୍ଟାଂଶ...

### ନିଆଁ ସହ ଖେଳିବା...

କଣ୍ଟକିତ ପଥ ଠାରୁ କିଛି କମ୍ ନଥିଲା। ଏପରିକି ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସିଥିବା ନବୀନ ପଟ୍ଟନାୟକଙ୍କ କ୍ୟାରିୟର୍ ବାଜିରେ ଲାଗିଥିଲା। ଯେତେବେଳେ ପରିକ୍ରମା ପ୍ରକଳ୍ପର ରୂପରେଖ ପ୍ରସ୍ତୁତି ଚାଲିଥିଲା, ସେତେବେଳେ କିଛି ପ୍ରଭାବଶାଳୀ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ସତର୍କ କରାଇ ଦେବା ସହ ଏହି କାର୍ଯ୍ୟରୁ ଓହରିଯିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ମନ୍ଦିର ସହିତ ରାଜ୍ୟବାସୀଙ୍କ ହୃଦୟର ସମ୍ପର୍କ ଏତେ ଦୃଢ଼ ଓ ଗଭୀର ଯେ ସାମାନ୍ୟତମ ତ୍ରୁଟି ତାଙ୍କ ରାଜନୈତିକ କ୍ୟାରିଅରକୁ ନଷ୍ଟ କରିଦେଇପାରେ ବୋଲି ସେମାନେ କହିଥିଲେ। ଏପରିକି କିଛି ବ୍ୟକ୍ତି ସରକାର ବଦଳିବାର ଆଶଙ୍କା ମଧ୍ୟ ବ୍ୟକ୍ତ କରିଥିଲେ। ତେଣୁ ଶ୍ରୀ ମନ୍ଦିର ପ୍ରକଳ୍ପ ପରିକଳ୍ପନାକୁ ବାଦ ଦେଇ ଅନ୍ୟ କୌଣସି ପ୍ରକଳ୍ପ ହାତକୁ ନେବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାବାସୀ ମୋତେ ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇଛନ୍ତି। ଓଡ଼ିଶାବାସୀ ମୋତେ ବିଶ୍ୱାସ ଓ ଭରସା କରିବା ସହିତ ଆକୁଣ୍ଠ ଭଲପାଇବା ଦେଇଛନ୍ତି। ମହାପ୍ରଭୁଙ୍କ ପ୍ରତି ଓଡ଼ିଶାବାସୀଙ୍କର ଆକୁଣ୍ଠ ବିଶ୍ୱାସ ଓ ଶ୍ରଦ୍ଧା ରହିଛି। ମୁଁ ଯଦି ଶ୍ରୀକ୍ଷେତ୍ରର ବିକାଶ କାମ ନ କରିବି ତା ହେଲେ ଇତିହାସ ମୋତେ କ୍ଷମା ଦେବ ନାହିଁ। ସରକାରଙ୍କ ଉପରେ ଯେତେ ବିପଦ ଆସିଲେ ବି ସବୁର ସାମ୍ନା କରିବି; କିନ୍ତୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବନ୍ଦ ହେବ ନାହିଁ। ଯେ କୌଣସି ପରିସ୍ଥିତିରେ ବି କାମ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

'୫-ଟି' ଅଧ୍ୟକ୍ଷ ପୁଣି କହିଛନ୍ତି ଯେ ଶ୍ରୀମନ୍ଦିର ରୂପାନ୍ତରଣ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ପୂର୍ବରୁ କେହି ଚିନ୍ତା କରିନଥିଲେ ତାହା ନୁହେଁ; ବହୁ କ୍ଷମତାଶାଳୀ ରାଜା, ଶାସକ ଓ ବ୍ରିଟିଶ ଅମଳର ଜିଲ୍ଲାପାଳମାନେ ବି ଉଦ୍ୟମ କରିଥିଲେ। ଏପରିକି ନିକଟ ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକ ମଧ୍ୟ ଏ ସମ୍ପର୍କରେ ଯୋଜନା କରିଥିଲେ। କିନ୍ତୁ ପ୍ରବଳ ଉତ୍ସାହର ସହ ଯିଏ ବି ଶ୍ରୀ ମନ୍ଦିର ରୂପାନ୍ତରଣ କାମ ଆରମ୍ଭ କରିଥିଲେ ସେମାନେ ୧୫ ଦିନରୁ ମାସେ ମଧ୍ୟରେ ସେଥିରୁ ଓହରି ଯାଇଥିଲେ। ସରକାର ଭାଙ୍ଗିଯିବାର ଭୟ ଯୋଗୁଁ ଏହି କାର୍ଯ୍ୟ ଆଗେଇ ପାରି ନ ଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଟଳ ନିଷ୍ପତ୍ତି ଓ ମହାପ୍ରଭୁଙ୍କ ପ୍ରତି ଥିବା ଭକ୍ତିଭାବ ଯୋଗୁଁ ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବାସ୍ତବ ରୂପ ନେଇଛି। ଏହି ରୂପାନ୍ତରଣକୁ ଗଜପତି ମହାରାଜ ମଧ୍ୟ ପ୍ରଶଂସା କରିଛନ୍ତି। ୭୦୦ ବର୍ଷରେ ପ୍ରଥମ ଥର ପାଇଁ ଶ୍ରୀମନ୍ଦିରରେ ରୂପାନ୍ତରଣ ଆସିଛି। ଏହା ହେଉଛି ମହାପ୍ରଭୁଙ୍କ ପ୍ରତି, କୋଟି କୋଟି ଭକ୍ତଙ୍କ ଆବେଗ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ପ୍ରତିବଦ୍ଧତା ବୋଲି ଭାବବିହ୍ୱଳ ଭାବରେ କହିଛନ୍ତି ଶ୍ରୀ ପାଣ୍ଡିଆନ୍ ।

ଜାଗା ମିଶନ୍ ହେଉ, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ମୁକ୍ତା ଯୋଜନା ହେଉ ବା ଅନ୍ୟ ଯୋଜନା, ସବୁଥିରେ ମୁଖ୍ୟମନ୍ତ୍ରୀ ଅଭୂତପୂର୍ବ ରୂପାନ୍ତରଣ ସୁନିଶ୍ଚିତ କରିଛନ୍ତି। ସମଗ୍ର ବିଶ୍ୱ ମୁଖ୍ୟମନ୍ତ୍ରୀଙ୍କର ଏପରି ଐତିହାସିକ ପଦକ୍ଷେପକୁ ପ୍ରଶଂସା କରୁଛି। ଗରିବ ଓ ଧନୀଙ୍କ ମଧ୍ୟରେ ପାର୍ଥକ୍ୟ ଦୂର କରାଯାଇଛି। ଓଡ଼ିଶାରେ ଲୋକଙ୍କ ମତାମତ ଆଧାରରେ ଶାସନ କରାଯାଉଛି। ଲୋକଙ୍କ ସନ୍ତୁଷ୍ଟିକୁ ଲକ୍ଷ୍ୟରେ ରଖି ପଦକ୍ଷେପ ନିଆଯାଉଛି। 'ମୋ ସରକାର' ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ। ଡାକ୍ତରଖାନା, ଥାନା, ପରିବହନ କାର୍ଯ୍ୟାଳୟ, ସବ୍ ରେଜିଷ୍ଟ୍ରାର ଅଫିସ୍ ସବୁଠି ମୋ ସରକାର ବ୍ୟବସ୍ଥା ଲାଗୁ କରି ଲୋକଙ୍କ ମତ ସଂଗ୍ରହ କରାଯାଉଛି ଆଉ ଦୁର୍ନୀତି ହ୍ରାସ ପାଇଛି। ଗତ ଚାରିବର୍ଷ ମଧ୍ୟରେ ଆମେ ୨୦ ଲକ୍ଷରୁ ଅଧିକ ମତାମତ ସଂଗ୍ରହ କରିଛୁ। ଲୋକଙ୍କ ସୁବିଧା ପାଇଁ ଶହ ଶହ ବର୍ଷର ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ପାଇଁ ଓଡ଼ିଶାରେ ଆଉ କେହି ଚିକିତ୍ସା ଖର୍ଚ୍ଚ ବହନ କରିପାରି ଘର ବାଡ଼ି ବନ୍ଧା ରଖୁ ନାହିଁ କିମ୍ବା ପିଲାଙ୍କ ପାଠ ପଢ଼ା ବନ୍ଦ କରୁ ନାହିଁ। ଲୋକଙ୍କ ମତ ଆଧାରରେ ପାରାକ୍ୱେଟ୍ କୀଟନାଶକର ବ୍ୟବହାର ବନ୍ଦ କରାଯାଇଛି। ସମଗ୍ର ବିଶ୍ୱରେ ଏପରି କରିବାରେ ନବୀନ ପଟ୍ଟନାୟକ ହେଉଛନ୍ତି ପ୍ରଥମ ବ୍ୟକ୍ତି। ଯିଏ ନିଜ ରାଜ୍ୟର ଲୋକଙ୍କୁ ଭଲ ପାଏ ସେ ହିଁ ଏପରି ଚମତ୍କାର କରିପାରିବାର କ୍ଷମତା ରଖନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତି ପ୍ରଶ୍ନ କରିଥିଲେ ଯେ ଆପଣ ସବୁ ବେଳେ ଗୋଟିଏ ପ୍ରକାର ପୋଷାକ କାହିଁକି ପିନ୍ଧୁଛନ୍ତି? ଏହାର ଉତ୍ତରରେ ଶ୍ରୀ ପାଣ୍ଡିଆନ୍ କହିଥିଲେ, ପୋଷାକରୁ କାହାର ପରିଚୟ ମିଳିନଥାଏ। ଜଣେ ବ୍ୟକ୍ତିର ବୁଦ୍ଧି, ହୃଦୟରେ ଥିବା ଆବେଗ ଓ କାମ ହିଁ ଜଣଙ୍କର ପ୍ରକୃତ ପରିଚୟ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

### ଫେବୃଆରୀ ୫ରେ...

ବକ୍ତବ୍ୟ ଉପରେ ଆଲୋଚନା କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ୮ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟ ଓ ୯ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ ହେବ। ୧୦ ଓ ୧୧ ତାରିଖ ଦିନ ସରକାରୀ ଛୁଟି ଥିବା ବେଳେ ୧୨ ତାରିଖରେ ବିଧାନସଭା କାର୍ଯ୍ୟକ୍ରମ ଏବଂ ୧୩ ତାରିଖ ଶେଷ ଦିନରେ ପ୍ରାଇଭେଟ୍ ମେମ୍ବର ବିଲ୍ ଆଗତ କରାଯିବ। ରାଜ୍ୟ ସରକାରଙ୍କ ୫ମ ପାଳିରେ ଏହା ଶେଷ ବିଧାନସଭା ଅଧିବେସନ ହେବ।

### 'ଆମ ଓଡ଼ିଶା...

ମଧ୍ୟରେ ସମସ୍ତ ପୌରାଞ୍ଚଳ ଦ୍ୱାରା ସଚେତନତା ଶିବିର ସହରାଞ୍ଚଳ ବିକାଶ ସଂସ୍ଥା (ଡୁଡ଼ା) ଦ୍ୱାରା ପ୍ରସ୍ତୁତ କ୍ୟାଲେଣ୍ଡର ଅନୁଯାୟୀ ସମସ୍ତ ୱାର୍ଡକୁ ଅନ୍ତର୍ଭୁକ୍ତ କରାଯିବ। ପୌରାଞ୍ଚଳ ଏବଂ ସହରାଞ୍ଚଳ ବିକାଶ ସଂସ୍ଥାରେ ଅନୁଷ୍ଠିତ ହେବାକୁ ଥିବା ଶିବିରଗୁଡ଼ିକର ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ସୂଚନା ସଂଗ୍ରହ କରାଯିବ ଓ ୨୦ ଜାନୁୟାରୀ ପୂର୍ବରୁ ପୌର ପ୍ରଶାସକ ନିର୍ଦ୍ଦେଶକଙ୍କ ନିକଟକୁ ଏହା ପଠାଇବାକୁ କୁହାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ସଂପୃକ୍ତ ଯୋଜନାଗୁଡ଼ିକର ହିତାଧିକାରୀଙ୍କୁ ପୌରାଞ୍ଚଳର ସଂପୃକ୍ତ ଲାଇନ ବିଭାଗର ଅଧିକାରୀମାନେ ଚିହ୍ନଟ କରି ସୂଚନା ପ୍ରଦାନ କରିବେ। ସଂପୃକ୍ତ ଲାଇନ ବିଭାଗଗୁଡ଼ିକ ସେମାନଙ୍କ ବିଭାଗର ନିର୍ଦ୍ଦିଷ୍ଟ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧା ଯୋଗାଇବା ପାଇଁ କ୍ୟାମ୍ପ ଦିନରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ରାଜ୍ୟ ସ୍ତରୀୟ କମିଟିର ସଦସ୍ୟ/ଗୃହ ଓ ନଗରଉନ୍ନୟନ ବିଭାଗର ଅଧିକାରୀମାନେ ଏହି ଶିବିର ପରିଦର୍ଶନ କରିବେ ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଯୋଜନା ଆରମ୍ଭ ହେବା ପୂର୍ବରୁ ଏ ସଂକ୍ରାନ୍ତରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରକାଶ କରାଯାଇଥିବା ବେଳେ ପୌର ପ୍ରଶାସକ ନିର୍ଦ୍ଦେଶକ ସମସ୍ତ ଜିଲ୍ଲାପାଳ, ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ, ମହାନଗର ନିଗମ କମିଶନର, ସମସ୍ତ ମ୍ୟୁନିସିପାଲଟି ଏବଂ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜାରି ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୩ ହଜାର କୋଟିର...

ରାଉରକେଲା ଓ ସମ୍ବଲପୁର କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ବିକାଶର ମୂଳଦୁଆ ଭାବେ ଉଭା ହୋଇଛି। ବିଗତ ଦୁଇ ଦଶନ୍ଧି ଏହି ଅଞ୍ଚଳ ସମୃଦ୍ଧ ଓଡ଼ିଶାର ପ୍ରତୀକ ହୋଇପାରିଛି। ସାରା ଭାରତରେ ଓଡ଼ିଶା ଏବେ ଏକ ମାନୁଫାକ୍ଚରିଂ ମହାଶକ୍ତିରେ ପରିଣତ ହୋଇଛି। ରାଜ୍ୟରେ ବିପୁଳ ଖଣି ସମ୍ବଳ ରହିଥିବା ବେଳେ ମାନବସମ୍ବଳ ଆମ ପାଇଁ ମଧ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଝାରସୁଗୁଡ଼ା, ସମ୍ବଲପୁର ଓ ରାଉରକେଲା ସହ କୋରାପୁଟକୁ ଯୋଡୁଥିବା ବିଜୁ ଅର୍ଥନୈତିକ କରିଡର ଏହି ଅଞ୍ଚଳରେ ଉଦ୍ୟୋଗୀମାନଙ୍କ ପାଇଁ ଆଗକୁ ବଢ଼ିବା ଲାଗି ବିପୁଳ ସୁଯୋଗ ପ୍ରଦାନ କରିବ। ଏହି ଅବସରରେ ଶିଳ୍ପ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ରୁ ଅଧିକ ପ୍ରଦର୍ଶନକାରୀ ସେମାନଙ୍କ ଉତ୍ପାଦ ଓ ସେବା ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ଆଗକୁ ବଢ଼ୁଥିବା ବେଳେ କିଛି ବର୍ଷ ଭିତରେ ଏହା ୫ ଟ୍ରିଲିଅନ ଏବଂ କିଛି ବର୍ଷ ମଧ୍ୟରେ ୨୫-୩୦ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ବିଭିନ୍ନ ସଂସ୍ଥା ଆକଳନ କରିଛନ୍ତି। ଏହା ଦେଶର ଉଦ୍ୟୋଗୀ ବିଶେଷ କରି ଯୁବ ଉଦ୍ୟୋଗୀମାନଙ୍କ ଲାଗି ବିପୁଳ ସୁଯୋଗ ସୃଷ୍ଟି କରିବ। ନିବେଶକମାନଙ୍କୁ ଆହ୍ୱାନ ଦେଇ ସେ କହିଛନ୍ତି ଯେ ଆକର୍ଷଣୀୟ ନୀତି ଆଣିବା ଲାଗି ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଓଡ଼ିଶା କିନ୍ତୁ ସେମାନଙ୍କଠାରୁ ଏଥିପାଇଁ ଭିନ୍ନ କାରଣ ଏହା ଯାହା କହୁଛି ତାହା କରିଦେଖାଉଛି। ଓଡ଼ିଶା ହେଉଛି ଏକ ରାଜସ୍ୱ ବଳକା ରାଜ୍ୟ। ସରକାରଙ୍କ ପାଖରେ ୫୫,୦୦୦ କୋଟି ଟଙ୍କାର ନଗଦ ରାଶି ରହିଛି। ୬.୧୫ପ୍ରତିଶତ ଜିଏସ୍‌ଡିପିକୁ ଭିତ୍ତିଭୂମିରେ ନିବେଶ କରାଯାଉଛି। ତାହାକୁ ୭.୫-୮ ପ୍ରତିଶତକୁ ବୃଦ୍ଧି କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି ଓଡ଼ିଶାକୁ ଆସୁଥିବା ପୁଞ୍ଜିନିବେଶର ସିଂହ ଭାଗ ଝାରସୁଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ନିବେଶ ହେଉଛି। ଏମ୍‌ସିଏଲ୍‌ର ଉଦୟ ଏ କାଓଲେ, ସିଆଇଆଇ ଓଡ଼ିଶାର ଉପାଧ୍ୟକ୍ଷ ଶୁଭେନ୍ଦ୍ର କୁମାର ବେହେରା, ଜେଏସଡବ୍ଲ୍ୟୁ ବିପିଏସ୍‌ଆଇର ସଭାପତି ଅନିଲ ସିଂହ ଓ ସିଆଇଆଇ ଓଡ଼ିଶାର ଉପାଧ୍ୟକ୍ଷ ଡକ୍ଟର ପ୍ରଦୀପ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


**ସର୍ବସାଧାରଣ ସୂଚନା**

ମୁଁ ଶ୍ରୀମତୀ ଲୋନା ନାୟକ, ବୟସ- ୪୯ ବର୍ଷ ସ୍ୱାମୀ- ସବ୍ୟସାଚୀ ନାୟକ, ଘରନଂ- ସି-୧୨, ପଲ୍ଲାସପଲ୍ଲୀ, ପୋଷ୍ଟ-ଥାନା - ଏୟାରପୋର୍ଟ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା, ଜାଣିବାକୁ ପାଉଛି ଯେ ମୋର ପୁତ୍ର ଆସ୍‌ଜ୍ୟୋତି ନାୟକ, ବୟସ- ୨୦ବର୍ଷ କିଛି ଲୋକମାନଙ୍କ ଦ୍ୱାରା ପ୍ରରୋଚିତ ତଥା ପ୍ରଭାବିତ ହୋଇ ମୋ ନାମରେ ଥିବା ଘରକୁ ଦର୍ଶାଇ କିଛି ସ୍ଥାନରେ ଓ କିଛି ଲୋକଙ୍କ ସହିତ ଆର୍ଥିକ କାରବାର କରିଥିବାର ମୋ ଦୃଷ୍ଟିଗୋଚରକୁ ଆସିଛି। ଏଣୁ ଏତଦ୍ୱାରା ମୁଁ ସର୍ବସାଧାରଣଙ୍କୁ ଜଣାଇ ଦେବାକୁ ଚାହୁଁଅଛି ଯେ, ଆଜିଠାରୁ କିମ୍ବା ଭବିଷ୍ୟତରେ ଯଦି କୌଣସି ବ୍ୟକ୍ତି ବିଶେଷ କିମ୍ବା ସଙ୍ଗଠନ ତା ସହିତ ମୋ ଅଗୋଚରରେ ମୋ ଘର ବାବଦରେ କିମ୍ବା କୌଣସି ପ୍ରକାର ଆର୍ଥିକ କାରବାର ବା ଦେଣନେଣ କରନ୍ତି ବା କୌଣସି ପ୍ରକାର ଆର୍ଥିକ ଚୁକ୍ତିପତ୍ର (ରାଜିନାମା) କରିଥାନ୍ତି ସେଥିପାଇଁ ମୁଁ କୌଣସି ପ୍ରକାରେ ଦାୟୀ ରହିବି ନାହିଁ । ଏଥିପାଇଁ ସେହି ବ୍ୟକ୍ତି ବିଶେଷ ଓ ସଙ୍ଗଠନ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ।

ଶ୍ରୀମତୀ ଲୋନା ନାୟକ
ସ୍ୱାମୀ- ସବ୍ୟସାଚୀ ନାୟକ,
ପ୍ଲଟନଂ- ସି/୧୨, ପଲ୍ଲାସପଲ୍ଲୀ
ପୋ/ଥା-ଏୟାରପୋର୍ଟ ଥାନା
ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

DSPL-558

**ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**

ଶିକ୍ଷା ସୌଧ , ୟୁନିଟ -୫, ଭୁବନେଶ୍ୱର-୭୫୧୦୦୧

ସଂଖ୍ୟା :୧୦୧୬ ତାରିଖ:୧୮.୦୧.୨୦୨୪

**କନିଷ୍ଠ ଶିକ୍ଷକ (Schematic)- ୨୦୨୩ ପାଇଁ ଆବେଦନ କରି Computer Based Test (CBT) ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ନିମନ୍ତେ ବିଶେଷ ସୂଚନା**

ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର Resolution No.20366 dtd.22.08.2023 ଅନୁଯାୟୀ ୨୦,୦୦୦ କନିଷ୍ଠ ଶିକ୍ଷକ (Schematic)- ୨୦୨୩ ନିଯୁକ୍ତି ନିମନ୍ତେ ତା- ୧୫.୦୧.୨୦୨୪ରିଖରେ କନିଷ୍ଠ ଶିକ୍ଷକ (Schematic)- ୨୦୨୩ ପାଇଁ Computer Based Test (CBT) ପରୀକ୍ଷା ହୋଇଥିବାର ଫଳାଫଳ (Provisional Draft Merit List) ଓସେପା ୱେବସାଇଟ osepa.odisha.gov.in ରେ ପ୍ରକାଶିତ ହୋଇଯାଇଛି ।

ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କର Original document verification ଆବଣ୍ଟିତ ଜିଲ୍ଲା ସ୍ତରରେ Category-I ପାଇଁ ତା-୨୦.୦୧.୨୦୨୪ ଓ Category-II ପାଇଁ ତା-୨୧.୦୧.୨୦୨୪ରିଖରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନେ ଧାର୍ଯ୍ୟ ଦିବସରେ Document Verification ସମୟରେ ଉପସ୍ଥିତ ରହି Resolution No.20366 dtd.22.08.2023 ଓ OSEPA websiteରେ ପ୍ରକାଶିତ ବିଜ୍ଞପ୍ତି ଓ ଅନ୍ୟାନ୍ୟ ନିୟମାବଳୀ ଅନୁଯାୟୀ ନିଜର ବୈଧ ପ୍ରମାଣପତ୍ର ଗୁଡ଼ିକୁ ଯାଞ୍ଚ ଅଧିକାରୀଙ୍କୁ ଦେଖାଇବେ, ଅନ୍ୟଥା ସେମାନଙ୍କର ପ୍ରାର୍ଥିତ୍ୱକୁ ବିଚାରକୁ ନିଆଯିବ ନାହିଁ ଓ ତାଙ୍କର ନାମକୁ Merit Listରୁ ବାଦ ଦିଆଯିବ ।

ସ୍ୱା/-
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓସେପା

OIPR-27068/13/0049/2324

i-593

**Panchayat Samiti Office, Athmallik**

e-mail-ori-athamalik@nic.com
Tender Call Notice No. ALKB-03/2023-24, Dt. 28.12.2023
Letter No. 78 / Dt.10.01.2024

**CORRIGENDUM**

Corrigendum is hereby issued to all concerned that the last date of submission of quotations in respect of Tender Call Notice no. ALKB-03/2023-24 dt. 28.12.2023 issued vide letter no. 4587 dt. 28.12.2023 of Panchayat Samiti, Athmallik is extended upto 24.01.2024 and the quotations will be opened at 12 PM of 25.01.2024.

Sd/- Block Development Officer
Athamallik

OIPR-19091/11/0004/2324

A-1247

E-mail : eemisundargarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH.**
**'e' Procurement Notice**
**Bid Reference No. SE MID SNG 12/2023-24**

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil construction work. |
| 2 | No of Works: - | 01 (One) No. |
| 3 | Estimated cost: - | Rs. 87.50 lakh (Approximately) |
| 4 | Period of completion | 06 (Six) Calendar months |
| 5 | Date and Time of availability of bid documents in the portal: - | From dt.**20.01.2024** at 10.00 AM to dt.**03.02.2024** up to 5.30 PM. |
| 6 | Last date / time of receipt of bids in the portal: - | Dt.**03.02.2024** up to 5.30 PM |
| 7 | Date of opening of Technical Bid (Cover-I): - | Dt.**05.02.2024** at 11.00 AM onwards |
| 8 | Date of opening of Financial Bid (Cover-II): - | Dt.**07.02.2024** at 11.00 AM onwards |
| 9 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

OIPR-32124/11/0011/2324

Superintending Engineer
M.I.Division. Sundargarh.

B-1636

**Government of Odisha "e" Procurement Notice**
**WORKS DEPARTMENT**
**Bid Identification No. C.C.E.K.C., Keonjhar No. 52 / 2023-24**
**e -mail : ccekeonjharpwdclrcle@gmail.com I sekcpw d_ k e onJ'h ar@yahoo -c om**
**Letter No. 268 dt. 12.01.2024**

1 Name of the work: :- Construction of HL Bridge over Barsuan Nallah at 4/600 km on Bisra - Barsuan - Jharbeda (ODR) in the district of Sundargarh for the year 2023.
2 Estimated cost :- Rs. 810.85 Lakhs
3 Class of Contractor :- "A" Class & "Special" Class
4 Period of completion :- 16 (Sixteen) Calendar Months
5 Date and Time of availability of Bid document in the portal :- From 11.30 Hours of 20.01.2024 to 16.00 Hours of 05.02.2024
6 Last date / Time for receipt of bids in the portal :- 16.00 Hours of 05.02.2024
7 Date of opening of Bid from Portal :- 11.30 Hours on 06.02.2024
8 Name and address of the officer inviting Bid :- Chief Construction Engineer, Keonjhar (R&B) Circle, Keonjhar-758001.

Further details can be seen from the e-procurement portal "http://tendersodisha.gov.in"

Chief Construction Engineer,
*Keonjhar (R&B) Circle, Keonjhar*

OIPR-34033/11/0070/2324

A-1262

**GOVT. OF ODISHA**
**DEPARTMENT OF WATER RESOURCES - 12**
**O/O THE SUPERINTENDING ENGINEER, PRACHI DIVISION, BHUBANESWAR -12**
**E-mail: prachi.division@yahoo.co.in, Phone : 0674-2562427, Fax- 0674-2562472**
**No. 382 Dt. 19.01.2024**
**e-Procurement Notice No. SEPRD-24/2023-24**

Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in eprocurement portal **www.tendersorissa.gov.in** complete online process only.

| | | |
|---|---|---|
| 01. | Nature of work | canal works / road works / civil works / bridge works |
| 02. | No.of Works | 38 Nos. |
| 03. | Bid Identification No. | SEPRD - 24/2023-24 |
| 04. | Estimated Cost | 7.00 Lakhs to 50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of avaibility of bid documents in the Portal | From 22.01.2024 (11.00 AM) to 02.02.2024 (5.00 PM) |
| 09. | Date and time of Opening of Tender Douments & online bids | 03.02.2024 at 11.00 AM |
| 10. | Date of Lottery (In case of situation arises) | 09.02.2024 at 11.30 AM |
| 11. | Name and Address of the Officer inviting Bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in Phone : 0674-2562427, Fax : 0674-2562472 |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in

Superintending Engineer
Prachi Division, Bhubaneswar

OIPR-32096/11/0009/2324

O-2250

E_mail: eerwkesinga@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
**e-Procurement Notice**
**BID IDENTIFICATION NO. SERWKSNG-online-08/2023-24**

1. Name of works : Road works, (As per annexure)
2. Total No. of work : 19 Nos
3. Estimated Cost : Rs. 3.69 lakhs to Rs. 24.30 Lakhs (Approximately)
4. E.M.D : Please refer DTCN
5. Cost of Tender document : Please refer DTCN
6. Class of Contractor : 'D, C & B" Class
7. Period of completion : 01 one Calendar month
8. Other details : As per DTCN

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | SERWKSNG-online-08/2023-24 | 22.01.2024 at 11.00 A.M | 02.02.2024 upto 17.00 P.M. | 31.01.2024 upto 11.00 A.M | 03.02.2024 at 11.00 A.M |

Further details can be seen from the Website i.e www.tenderodisha.gov.in.

Superintending Engineer
Rural Works Division
Kesinga

OIPR-25153/11/0016/2324

A-1249

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, PADAMPUR**
**AT/P.O-Padampur, Dist-Bargarh, PIN-768036**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
**(WORLD BANK PROJECT ID : PI63533)**
**REQUEST FOR BIDS(RFB) E Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
**RFB No. OIIPCRA-BGH / W2 / 03 / 2023-24, Date. 16.01.2024**

| | |
|---|---|
| Name of Work: | Modernization works of MIPs under **M.I.Division ,Padampur** |
| Total No. of Works | 1 No. (Individual MIP & Individual Package) |
| Estimated Cost of Works(s): | Approximately Rs. **13.81 Lakh** (Total estimated cost of the 1No. of Works **13.81 Lakh** ) |
| Cost of Bid Document: | **Free of Cost.** |
| Time for Completion: | Refer to DTCN |
| Availability of Bid Documents: | From **20.01.2024 10.00**Hrs to **19.02.2024** up to **15.00** Hrs in the e-procurement website (https://tendersodisha.gov.in) through online |
| Date of Pre-Bid Meeting: | On **25.01.2024** From **11.30** Hrs. To **14.00** Hrs. |
| Last date & time of receipt of bid | Up to **19.02.2024, 15.00 Hrs.** through online. |
| Payment of bid cost/bid security: | Shall be Paid On-Line through through the e-Procurement portal of Govt. of Odisha. |
| Date of opening of Technical bid(s): | On dt: **19.02.2024 at 15.30** Hrs onwards. |
| Date of opening of Financial bid(s): | To be intimated online after offline evaluation of Technical Bids. |
| Digital Signature Certificate of Bidders: | The bidder must posses compatible Digital Signature Certificate (DSC) of class-II or III. |
| Details about the tender: | Available in website of www.dowrodisha.gov.in and www.tendersodisha.gov.in |
| Name/Address of the OIT: | **Superintending Engineer, M.I. Division, Padampur. At/Po-Padampur /Dist: Bargarh, PIN-768036 E-Mail:- eemipad@yahoo.co.in** |

Superintending Engineer
M.I. Division, Padampur

OIPR-32037/11/0010/2324

O-2244

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
**e_mail = rw_mayurbhanj@yahoo.co.in**
**e_Procurement Tender Call Notice No. Online 24/RWD/BPD/2023-24**

1. Name of the work : Building work
2. Total No.of works : 2 Nos.
3. Estimated Cost : Approx Estimated Cost Rs.10.08 lakhs & Rs.25.25 lakhs
4. Class of Contractor : 'D'&'C'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baripada | 24 Online) /RWD-BPD of 2023-24 | Dt.22.01.24 at 11.00 A.M. | Dt.29.01.24 upto 5.00 P.M. | Dt.29.01.24 Upto 3.00 P.M. | Dt.29.01.24 At 5.30 P.M. |

Further details can be seen from the website www.tendersorissa.gov.in

Supertinetnding Engineer
R.W. Division, Baripada

OIPR-25057/11/0037/2324

**AFFIDAVIT**

I, Saroj Samantra, S/o- Late Purna Chandra Samantara, resident of MIG-8, Ananta Vihar, Phase-3, Pokhariput, Bhubaneswar, Dist-Khordha, Pin-751020. Declare by this affidavit No.68AA 637948 dated. - 18/01/2024 that now onwards I shall be known as **SAROJ KUMAR SAMANTARA** for all future purposes.

**AFFIDAVIT**

I, Deepak Kumar Agarwalla, S/o- Santosh Kumar Agarwalla, resident of At- Dulana Sahi, Po/Ps/Dist-Khordha, Pin-752055, Odisha declare by this affidavit No.13, dated- 19/01/2024 that now onwards I shall be known as **DEEPAK AGARWAL** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from **Babita Rani Nayak to Babita Nayak.** Henceforth, I shall be known as **BABITA NAYAK**, W/o Ashok Kumar Nayak, resident of At/Po/Ps-Banapur, Dist-Khurda, Odisha for all future purposes.

**BABITA NAYAK**

**DISTRICT PROJECT OFFICE,SS,BARGARH**
**No. 110 Dated 18.01.2024**

**NOTICE INVITING TENDER (NIT) FOR Supply of "TEACHING LEARNING MATERIAL ( 49871 nos DRAWNING BOOK AND WAX CRAYON FOR CLASS I TO III AND 35345 nos GEOMETRY BOX FOR CLASS IV-V**

Sealed tenders are invited from the reputed & credible Supplier / firms / agencies / OEM for Supply of **"TEACHING LEARNING MATERIAL ( 49871 nos DRAWNING BOOK AND WAX CRAYON FOR CLASS I TO III AND 35345 nos GEOMETRY BOX FOR CLASS IV-V** Students and Progress Report Card in two bid systems (Technical & Financial Bid) as detailed below.

The detailed BID document is available in the website www.bargarh.nic.in & www.osepa.odisha.gov.in. Interested and eligible agency / firm may download BID DOCUMENTS from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site. Last date & time for submission of bid is up to **5.30 PM Dt.05.02.2024**. Opening time & Date is **11.00 AM Dt.06.02.2024.**

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of
Collector-Cum-Chairman
Sd/-
District Project Coordinator
SS, Bargarh

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
**BERHMAPUR-760004, GANJAM, ODISHA**

No. 668/MCH/CS/XIX/2024 DATE 18.01.2024

**TENDER CALL NOTICE**

The Superintendent, MKCG Medical College Hospital Berhampur- 760004, Dist. Ganjam, Odisha invites sealed tenders in the prescribed Proforma from the Registered and reputed Manufacturers, Authorized suppliers, Dealers, Stockiest and Wholesaler for "Supply of Instruments & Equipments for Lactation Management Unit (LMU) Paediatrics, MKCG MCH, Berhampur". The tenderer should submit the tender in two Bids (i) Technical Bid and (ii) Price Bid. *The Technical bid* shall contain (1) Tender Cost (2) List of bided items (3) valid PAN CARD, (4) Valid GSTN Certificate as per the Govt. rule, (5) Valid USFDA/ CE/ ISI/ ISO/ GMP Certificate, (6)Valid manufacturing License and Authorization Certificate in prescribed format & (7) E-mail ID & Contact No. *The Price bid* should be submitted as per Proforma enclosed. The intending tenderers should submit their tenders separately in two sealed covers duly superscribed as Technical Bid for "Supply of Instruments & Equipments for Lactation Management Unit (LMU) Paediatrics, MKCG MCH, Berhampur" & Price Bid for "Supply of Instruments & Equipments for Lactation Management Unit (LMU) Paediatrics, MKCG MCH, Berhampur" putting in a single sealed cover.

The bidders may download the tender papers from websites: www.ganjam.nic.in/ www.mkcgmch.org and deposit the tender cost of Rs. 2360/- (Two thousand three hundred sixty including 18% GST) is non-refundable to be paid by way of E-Challan under the Head Of Account 0075-00-800-0097-02237-000 through Odisha Govt. Treasury Site. The last date of receipt of tenders through Regd. Post / Speed Post/ Courier is on or before 03.02.2024 at 12.00 noon and will be opened on 05.02.2024 at 12:00 noon. The date of opening may be differed/ postponed in case of unavoidable circumstances.

The Superintendent, M.K.C.G Medical College Hospital, Berhampur reserves right to accept /reject/ cancel any or all the tenders in full or part without assigning any reason thereof

Superintendent
MKCG Medical College Hospital
Berhampur

OIPR-10028/11/0026/2324 A-1262

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କଲମଛାଡ଼ ଆନ୍ଦୋଳନ ଚେତାବନୀ



**ନବରଙ୍ଗପୁର,୧୯।୧(ସମିସ):** ଶୁକ୍ରବାର ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ତରଫରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜରିଆରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟ ସଂଘ ଦେଇଥିବା ବିଭିନ୍ନ ପ୍ରକାର ଦାବିଗୁଡ଼ିକର ଆଲୋଚନା କରିବା ସହ ତାହାକୁ ଯଥାଶୀଘ୍ର ପୂରଣ ନିମନ୍ତେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ କଲମ ଛାଡ଼ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ୨୫ ତାରିଖଠାରୁ କଳା ବ୍ୟାଜ୍ ପରିଧାନ କରିବାକୁ ଥିବାବେଳେ ଦାବି ପୂରଣ ପାଇଁ ପଦକ୍ଷେପ ନିଆ ନ ଗଲେ ରାଜ୍ୟ ସଂଘର ନିର୍ଣ୍ଣୟ ପ୍ରକାରେ କଲମ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଶୁଣାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସାଧାରଣ ସମ୍ପାଦକ ଏମଡି ଜେବେଦ ଆକ୍ତର, ଜିଲ୍ଲା ସଭାପତି ପି. ଉଦୟ କୁମାର, ଉପସଭାପତି ଜୟଦେବ ପ୍ରଧାନୀ, ମୁନା ବେହେରା, ସଂଗଠନ ସମ୍ପାଦକ ବିଜୟ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଚର ଜମିରେ ଖେଳପଡ଼ିଆ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଜୟପୁର,୧୯।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ବାଲିଆ ଗ୍ରାମପଞ୍ଚାୟତର ପାଲିଗୁଡ଼ାଠାରେ ଗୋଚର ଜମିରେ ଖେଳପଡ଼ିଆ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ ପରେ ଜମି ହୋଇଥିବା ଯୋଗୁଁ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଉକ୍ତ ଜମିରେ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଦାବି କରିଥିଲେ। ଗ୍ରାମବାସୀଙ୍କ ଦାବି କ୍ରମେ ପଡ଼ିଆ

## ସ୍ଥଗିତ ରହିଲା ନିର୍ମାଣ କାର୍ଯ୍ୟ

ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମେସିନ ସହାୟତାରେ ଜମିକୁ ସମତଳ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ କିଛି ଗ୍ରାମବାସୀ ଉକ୍ତ ଖେଳପଡ଼ିଆ ଗ୍ରାମର ଗୋଚର ସମତଳ ଓ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବାକୁ ବିଭାଗୀୟ ପ୍ରକଳ୍ପ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି।

ପ୍ରକାଶ ଯେ, ଜୟପୁର ତହସିଲର ବାଲିଆ ମୌଜାର ୩୦୭ ଖାତା ନମ୍ବର ଏବଂ ୧୨୦୭ ପ୍ଲଟ ନମ୍ବର ଜମି ଗୋଚର



ଭାବେ ରେକର୍ଡଭୁକ୍ତ ହୋଇଥିବା ଯୋଗୁଁ ଉକ୍ତ ଜମିରେ ଗ୍ରାମର ଗାଈଗୋରୁ, ମଇଷି ଘାସ ଚରାଉଛନ୍ତି। ତେଣୁ ରାଜସ୍ୱ ବିଭାଗ ନିୟମ ଅନୁଯାୟୀ, ଉକ୍ତ ଜମିରେ ଖେଳପଡ଼ିଆ ହୋଇପାରିବ ନାହିଁ। ଉକ୍ତ ଜମିର ଆବଶ୍ୟକ ଅନୁଯାୟୀ କିସମ ପରିବର୍ତ୍ତନ ହୋଇ ନ ଥିବା ଯୋଗୁଁ ଏଠାରେ ଖେଳପଡ଼ିଆ ନିର୍ମାଣ ହେବ ନାହିଁ ବୋଲି ଗ୍ରାମବାସୀମାନେ ଦାବି କରିଥିଲେ। ଏନେଇ ନିର୍ମାଣକାରୀ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଏନେଇ ଜୟପୁର ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା କହିଛନ୍ତି ଯେ ଉକ୍ତ ଜମିରେ ଗ୍ରାମର ପିଲାମାନେ ଖେଳାଖେଳି କରୁଥିଲେ। ତେଣୁ ଜମି ଅସମତଳ ରହିଥିବା ଯୋଗୁଁ ଏହାକୁ ସମତଳ କରିବା ନେଇ କିଛି ଗ୍ରାମବାସୀ ଦାବି କରିଥିଲେ। ବିଭାଗ ପକ୍ଷରୁ ମନରେଗା ଯୋଜନା ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟାନ୍ୟ ଗ୍ରାମବାସୀମାନେ ସେମାନଙ୍କ ଗ୍ରାମର ଗୋଚର ଜମି ହୋଇଥିବା ଯୋଗୁଁ ଖେଳପଡ଼ିଆକୁ ବନ୍ଦ କରିବାକୁ ଦାବି କରିଥିଲେ। ତେଣୁ ଗୋଚର ଜମିରେ ଖେଳପଡ଼ିଆକୁ ସ୍ଥଗିତ ରଖାଯାଇଛି ବୋଲି କହିଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ; ୪ ଆହତ

ଚିତ୍ରକୋଣ୍ଡା,୧୯।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ପାପରମେଟଲା ପଞ୍ଚାୟତର ଲାଉଗୁଡ଼ାଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଆହତ ହୋଇଛନ୍ତି। ୪ ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ସ୍ଥାନୀୟ ବିଏସଏଫ ଓ ପାପରମେଟଲା ଗ୍ରାମବାସୀ ପହଞ୍ଚି ୪ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଯାନବାଇ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି। ଆହତ ଚାରିଜଣଙ୍କ ଘର ସ୍ୱାଭିମାନ ଅଞ୍ଚଳର ଡୋଲିଆମ୍ବ ଓ ଡମଗୁଡ଼ା ବୋଲି ଜଣାପଡ଼ିଛି। ଗୁରୁତର ବ୍ୟକ୍ତି ହେଲେ ଡୋଲିଆମ୍ବ ବାସିନ୍ଦା ଜଳନ୍ଧର ହନ୍ତାଳ ବୋଲି ଜଣାପଡ଼ିଛି।

# ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ବିଷମ କଟକ,୧୯।୧(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ନବ ନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ଗୁରୁବାର ଅଙ୍କୁରାରୋପଣ କାର୍ଯ୍ୟ ହୋଇଥିବାବେଳେ ଶୁକ୍ରବାର ଗଙ୍ଗାଆବାହନ ପୂର୍ବକ ସ୍ଥାନୀୟ ମୁଣ୍ଡାବନ୍ଧ ନାଳରେ ଜଳାଭିଷେକ କରି କଳସ ଶୋଭାଯାତ୍ରା କରାଯାଇଥିଲା। ବିଷମ କଟକ ତଥା ଆଖପାଖ ଅଞ୍ଚଳର ମହିଳାମାନେ ଜଳ ପୂର୍ଣ୍ଣ କଳସ ଯାତ୍ରା କରି ରାଧାକୃଷ୍ଣ ମନ୍ଦିର ପରିସରରେ ସ୍ଥାପନ କରାଯାଇଛି। ଶନିବାର ଦେବସ୍ନାନ କରାଯିବାର କାର୍ଯ୍ୟକ୍ରମ ରହିଛି। ରବିବାର ମନ୍ଦିର ପରିସରରେ ଅଷ୍ଟପ୍ରହର ସାଙ୍ଗକୁ ରତ୍ନମୁଦ କାର୍ଯ୍ୟକ୍ରମ ଏବଂ ସୋମବାର ଦିନ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ପ୍ରବେଶ କାର୍ଯ୍ୟକ୍ରମ ନିମନ୍ତେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ବିଷମ କଟକ ସହରର ରାଧାକୃଷ୍ଣ ମନ୍ଦିରରେ ରାଜରାଜୁଡ଼ା ଅମଳରୁ ରାଧାକୃଷ୍ଣ ପୂଜା ପାଉଥିଲେ। ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିର ନିର୍ମାଣ ପାଇଁ ସମସ୍ତ ଅନୁଦାନ ରାଶି ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ଅନୁଦାନରେ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଛି।

# 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପିତ



**କାଶୀପୁର,୧୯।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସଦର ମହକୁମାସ୍ଥିତ ମାଣିକେଶ୍ୱରୀ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ଖେଳପଡ଼ିଆଠାରେ ଚାଲିଥିବା 'ନୂଆ-ଓ' ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ, ବିନୋଦ ନାଏକ, ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ମଲ୍ଲିକ, ଅଧ୍ୟାପକ ପ୍ରଶନ୍ନ କୁମାର ନାୟକ, ବିରୁପାକ୍ଷ ପ୍ରଧାନ, ସରଜିନୀ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ବିଭିନ୍ନ କଳା, ପ୍ରତିଭାର ବିକାଶ ପାଇଁ ବିଭିନ୍ନ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଆମର ଯେଉଁ ଲୋକକଳା, ଲୋକ ନୃତ୍ୟ ରହିଛି ତାକୁ କେବଳ ଓଡ଼ିଶାରେ ନୁହେଁ, ସାରା ଭାରତ ବର୍ଷରେ ପରିଚିତ କରିବା ପାଇଁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ 'ନୂଆ-ଓ' ଉତ୍ସବ କାର୍ଯ୍ୟକ୍ରମ କରିଛନ୍ତି। ତେଣୁ ସମସ୍ତେ ଏକାଠି ହୋଇ ରାଜ୍ୟକୁ ବଢ଼ିବା ପାଇଁ ସଂକଳ୍ପ ନେବା କହିବା ସହ କଲେଜର ପୂର୍ବରୁ ଭଲ ଘର ନ ଥିବାବେଳେ ଏବେ '୫-ଟି' ପ୍ରୋତ୍ସାହନରେ ସ୍ମାର୍ଟ କ୍ଲାସ ନିର୍ମାଣ ହେବା ସହ କାଶୀପୁରରେ ନୂତନ ଡିଗ୍ରୀ କଲେଜ ଖୋଲିପାରିଲା ବୋଲି ପ୍ରକାଶ କରିଥିଲେ। ଏହାସହ କଲେଜଗୁଡ଼ିକରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଏବଂ ନୃତ୍ୟ ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯେଉଁମାନେ ଆଗ୍ରହ ଅଛନ୍ତି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ କଲେଜସ୍ତରରେ ପ୍ରତିଯୋଗିତା କରାଯାଇଥିଲା ବୋଲି ବିଧାୟକ ଶ୍ରୀ ମୁଦୁଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ରାଧାମୋହନ ଦଣ୍ଡସେନାଙ୍କ ସହ ସମସ୍ତ ଅଧ୍ୟାପକଅଧ୍ୟାପିକା ଏବଂ ମହାବିଦ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ।

# 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ବନ୍ଧୁଗାଁ,୧୯।୧(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତରାଇଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା 'ନୂଆ-ଓ' ଯୁବ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ କୁମ୍ଭାରୀପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତିନି ଦିନ ଧରି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆଧାର କରି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥି ସହିତ ପ୍ରୋଜେକ୍ଟର ମାଧ୍ୟମରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଜଗନ୍ନାଥଙ୍କ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମ୍ୟାନେଜର ଶଶାଙ୍କ ଶେଖର ପାଇକ, ବରେଣ୍ୟ ଅତିଥି ମଙ୍ଗଳ ବିଭାଗ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତି ଗବେଷକ, ଗୋବର୍ଦ୍ଧନ ପୀଠ ପୁରୀର ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଓ ଅନେକ ଅଧ୍ୟାପକଅଧ୍ୟାପିକା ଉପସ୍ଥିତ ଥିଲେ। ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଆ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବା ସଙ୍ଗେ ସଙ୍ଗେ ଜଗନ୍ନାଥ ସଂସ୍କୃତି ଉପରେ ଜାଣିପାରିବେ ବୋଲି ଅତିଥିମାନେ ଅଭିଭାଷଣ ରଖିଥିଲେ। ତିନି ଦିନ ଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ସରୋଜ କୁମାର ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ କଟେଜ୍ ଓ ଅଭ୍ୟର୍ଥନା କକ୍ଷ ଉଦ୍‌ଘାଟିତ



**ଚିତ୍ରକୋଣ୍ଡା,୧୯।୧(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଇକୋ ପାର୍କଠାରେ ଓଡ଼ିଶା ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ନିମନ୍ତେ ୫ଟି ନୂତନ କୋଠି ସହ ଅଭ୍ୟର୍ଥନା କକ୍ଷର ଶୁଭ ଉଦଘାଟନ ହୋଇଛି। ଏହି ନୂତନ କୋଠା ଓ ଅଭ୍ୟର୍ଥନା କକ୍ଷକୁ ଓଡ଼ିଶା ବନାଞ୍ଚଳ ବିଭାଗ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଦେବୀଦତ୍ତ ବିଶ୍ୱାଳ ଉଦଘାଟନ କରିଥିବାବେଳେ, ପ୍ରସନ୍ନ କୁମାର ବେହେରା, ଚିଫ କଞ୍ଜରଭେଟର କୋରାପୁଟ, ପ୍ରତାପ କୋତାପଲ୍ଲୀ, ଡିଏଫଓ, ମାଲକାନଗିରି, କନ୍ଦନ ସିଂ, ଏସିଏଫ ମାଲକାନଗିରି, ଲିଲି ଅମନ୍ତ୍ୟ, ଏସିଏଫ୍ ମାଲକାନଗିରି, ବଳରାମ ନାୟକ, ରେଞ୍ଜ ଅଫିସର ଚିତ୍ରକୋଣ୍ଡା, ମୃତ୍ୟୁଞ୍ଜୟ ସେଠୀ, ଫରେଷ୍ଟର ଚିତ୍ରକୋଣ୍ଡା, ନିରଞ୍ଜନ ସାରକା, ଫରେଷ୍ଟର ଚିତ୍ରକୋଣ୍ଡା, ଦିଲ୍ଲୀପ କୁମାର ଡାକୁଆ, ଫରେଷ୍ଟ ଗାର୍ଡ ଚିତ୍ରକୋଣ୍ଡା ଓ ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନରେ କାର୍ଯ୍ୟରତ କର୍ମଚାରୀ ଉଦଘାଟନ ସମୟରେ ଉପସ୍ଥିତ ଥିଲେ। ପୂର୍ବରୁ ଏହି ଇକୋ ପାର୍କଠାରେ ୩ଟି କଟେଜ ରହିଥିବାବେଳେ ଶୁକ୍ରବାର ଆଉ ୫ଟି କଟେଜ ଉଦଘାଟନ କରାଯାଇଛି। କଟେଜଗୁଡ଼ିକର ସାଜସଜ୍ଜା ବହୁ ସୁନ୍ଦର ହୋଇଥିବାବେଳେ ଏହି କଟେଜ ପର୍ଯ୍ୟଟକଙ୍କ ରହିବା ପାଇଁ ଆରାମଦାୟକ ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା ରହିଥିବା ସହ ଏହି କଟେଜଗୁଡ଼ିକୁ ପର୍ଯ୍ୟଟକ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ବୁକ୍ କରିପାରିବେ। ଏହାର ମୂଲ୍ୟ ୩୫୦୦ ଟଙ୍କା ରହିଥିବା କଞ୍ଜରଭେଟର ଦେବୀଦତ୍ତ ବିଶ୍ୱାଳ ପ୍ରକାଶ କରିଥିଲେ। ପରେ କଞ୍ଜରଭେଟର ସ୍ୱାଭିମାନ ଅଞ୍ଚଳରେ ନୂତନ ଭାବେ ଉଦଘାଟିତ ହୋଇଥିବା ଧନୁର୍ଜୟଗୁଡ଼ା ନୌବିହାର ବୁଲି ଦେଖିଥିଲେ।

# କ୍ଲଷ୍ଟରସ୍ତରୀୟ 'ଆମ ସଂସ୍କୃତି ଆମ ଖେଳନା' କର୍ମଶାଳା



**ଚନ୍ଦ୍ରପୁର,୧୯।୧(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ବିଜାପୁର ଗ୍ରାମ ପଞ୍ଚାୟତର ବିଜାପୁର ଆଞ୍ଚଳିକ ସାଧନା କେନ୍ଦ୍ର ବିଜାପୁରଠାରେ କ୍ଲଷ୍ଟରସ୍ତରୀୟ ଦ୍ୱିଦିବସୀୟ 'ଆମ ସଂସ୍କୃତି ଆମ ଖେଳନା' କର୍ମଶାଳା ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଜାପୁର କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ୧୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆଞ୍ଚଳିକ ପରମ୍ପରାଗତ ଓ ପ୍ରାଚୀନ ସଂସ୍କୃତିଗତ, ଆଦିବାସୀ ଉପକରଣ ବିଭିନ୍ନ ଖେଳନା, ଚିତ୍ର ପ୍ରସ୍ତୁତ କରାଯାଇଥିଲା। ଅନ୍ତିମ ଦିନରେ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସାରଙ୍ଗଧର ନାୟକ, ସମ୍ମାନିତ ଅତିଥି ନବୀନ ନନ୍ଦ, ମୁଖ୍ୟବକ୍ତା ରାମନାଥ ପତ୍ରୀ, କାର୍ଯ୍ୟ ସମ୍ପାଦନର ମୁଖ୍ୟ କେ. ନାରାୟଣ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱନାଥ ସାହୁ, ବାସୁଦେବ ସାହୁକାର ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ କେ. ନାରାୟଣ ଲେଙ୍କା, ଡାଙ୍ଗଲାକାମାଲୁ ବାରିକ, ପ୍ରତିମା ପରିଡ଼ା, ବିଜୟ ନାୟକ, ଚନ୍ଦନ ଗୌଡ଼, ମାଞ୍ଜି ଶବର, ମିଟୁ ଶବର, ରାଜୀବ ଶ୍ରୀ ରାମ ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ।

# କୋରାପୁଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା



**କୋରାପୁଟ,୧୯।୧(ସମିସ):** ଲାଣ୍ଡିଗୁଡ଼ା ସ୍ଥିତ କୋରାପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଅଧୀନରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଶିକ୍ଷା ଅନୁଷ୍ଠାନରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ନିଜ ପ୍ରତିଭା ପରିପ୍ରକାଶ କରିବାର ସୁଯୋଗ ରହିଛି। ତେଣୁ ସମସ୍ତେ ଏଥିରେ ସାମିଲ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ସରିତବାଳା ଭତ୍ରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କେଶବ ଭୂଏ ମଞ୍ଚ ପରିଚାଳନା ଓ ପ୍ରଫୁଲ୍ଲ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁଜାତା ଷଡ଼ଙ୍ଗୀ, ବଳରାମ ଦାଶ, ରାଜିନ୍ଦ୍ର ବରିହା, ହିମାଂଶୁ ଭୂଷଣ ନନ୍ଦ, ସୁଶ୍ରୀ ସୁମନ, ଜଗତ କୃଷ୍ଣ ତ୍ରିପାଠୀ, ମନୋରଞ୍ଜନ ନାୟକ, ଅରୁଣ ନାୟକ ଏବଂ ମନୋଜ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ





**ଜୟପୁର,୧୯।୧(ସମିସ)**

ଜୟପୁର ବ୍ଲକ ଏକମ୍ବା ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ପକ୍ଷରୁ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ୪ଟି କ୍ଲବ ସାହିତ୍ୟ ସୃଜନୀ, ଜିଜ୍ଞାସା, କ୍ରୀଡ଼ାଙ୍ଗନା ଓ କୌଶଳ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ଉକ୍ତ କାର୍ଯ୍ୟକ୍ରମର ସଭାପତି ଡ. ଜ୍ୟୋତ୍ସ୍ନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜୟପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ ରଥ ଓ ସମ୍ମାନିତ ଅତିଥି ଭାବେ ରଣ୍ଡାପାଲି କ୍ଲଷ୍ଟର ତଥା ଜୟପୁର ବ୍ଲକର ସିଆରସିସି.ସର୍ବେଶ୍ୱର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଲଇଛନ ହରିଜନ, ମୋ ସ୍କୁଲ ଅଭିଯାନର ଆଲୁମନି ସଭାପତି ସଞ୍ଜୟ ସୁଆର, ସଦସ୍ୟ ମନୋରଞ୍ଜନ ହରିଜନ, ଉମର ଫାରୁକ, ମଣ୍ଟୁ ହରିଜନ, ସତ୍ୟ ଶୁକ୍ରୀ, ଟଙ୍କଧର ହରିଜନ, ଅଗାଧୁ ମିଶ୍ର, ପୂଜାଶ୍ରୀ ସ୍ୱାଇଁ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ମନୋଜ କୁମାର ମିଶ୍ର ବେଦପାଠ ସହିତ ଅତିଥିଙ୍କ ସ୍ୱାଗତ ଭାଷଣ ଦିଆଯାଇଥିଲା। ଶେଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବି. ନଳିନୀ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଶିକ୍ଷୟିତ୍ରୀ ଉମାରାଣୀ ସାହୁ, ରାଜଲକ୍ଷ୍ମୀପ୍ରିୟା ସାମନ୍ତରାୟ, ଶିକ୍ଷକ ଶୁଭଙ୍କର ଦାଶ, କନିଷ୍ଠ ସହାୟକ ବାଳଗୋପାଳ ମିଶ୍ର ଓ ସମସ୍ତ କର୍ମଚାରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।




**ସେମିଳିଗୁଡ଼ା:** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକର ରାଜପୁଟ ପଞ୍ଚାୟତର ମୁଖିବିଡେଇ ସରକାରୀ ଉଚ୍ଚ ଉନ୍ନିତ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ସାହିତ୍ୟ ଓ ସୃଜନୀ କୌଶଳୀ କ୍ରୀଡ଼ାଙ୍ଗନା ଓ ଜିଜ୍ଞାସା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜପୁଟ ସରପଞ୍ଚ ପୀତାମ୍ବର କିର୍ସାନୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଧୁ ନାଇକ ପ୍ରଧାନ, ଶିକ୍ଷୟିତ୍ରୀ ଦେବଶ୍ରୀ ଉତ୍କଳିକା, ସରସ୍ୱତୀ, ପଦ୍ମିନୀ, ସନ୍ଧ୍ୟାରାଣୀ, ସସ୍ମିତା ମିଶ୍ର, ରଞ୍ଜିତ ପ୍ରଧାନ, ପ୍ରିୟମ୍ବଦା ଦାସ, ଡି. ନୀଳକଣ୍ଠ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର କଳା ପରିବେଷଣ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ।

**ନବରଙ୍ଗପୁର :** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦଘାଟନ କାର୍ଯ୍ୟକ୍ରମ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ମାଳେଶ୍ୱରୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା, ରଞ୍ଜୁଷା କୁମାରୀ ପ୍ରହରାଜ, ଅଧ୍ୟାପକ ନୃପେନ୍ଦ୍ର ନାଥ ଖୋସଲା, ଅଧ୍ୟାପିକା ତାଇରା ବେଗାମ, ସୁନୀତା ପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ବକ୍ତୃତା, କୁଇଜ୍ ଓ ହସ୍ତାକ୍ଷର ପ୍ରତିଯୋଗିତାରେ ବହୁସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ସୌରା ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ମାଥିଲି,୧୯।୧(ସମିସ)**

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଧୁଙ୍ଗିଆପୁଟ ପଞ୍ଚାୟତ ପାତ୍ରପୁଟ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗ ଦେଇଥିବାବେଳେ ଧୁଙ୍ଗିଆପୁଟ ପଞ୍ଚାୟତ ସରପଞ୍ଚ ମଧୁସୂଦନ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭଗବାନ ରେଡ୍ଡି, ବରିଷ୍ଠ ସମାଜସେବୀ ଦଶରଥ ସଗରିଆ, ଧନ ନାୟକ, ୱାର୍ଡ ମେମ୍ବର ମମିତା ସଗରିଆ, ଭୀମଲା ଦୋରା, ଆଶା ଦିଦି ରାଧାମଣି ସଗରିଆ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଭି. ରାମ ପ୍ରସାଦ, ସହକାରୀ ଶିକ୍ଷକ ଦୀପ୍ତିକାନ୍ତ ପଣ୍ଡା, ଶ୍ରୀନିବାସ ଜେନା, ସତ୍ୟନାରାୟଣ ପାତ୍ର, ଚକ୍ରଧର ମହାଲିକ, ଯୁବ ସମାଜସେବୀ ଅଜିତ ସଗରିଆ ଯୋଗଦେଇଥିଲେ। ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋଚନା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭି. ରାମ ପ୍ରସାଦ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ରଶ୍ମି ରଞ୍ଜନ ପରିଡ଼ା, ମହେଶ ବାବୁ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିବା ସହିତ ଉପସ୍ଥିତ ଅତିଥିମାନେ ପ୍ରତ୍ୟେକ ଦିନ ବିଦ୍ୟାଳୟକୁ ଆସିବେ ଓ ମନ ଦେଇ ପାଠ ପଢ଼ିବେ ଏବଂ ଆମ ଆଦିବାସୀ ଭାଷାର ମାଟି ମା'ର ନାଁ ରଖିବେ ବୋଲି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ।

# ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ








ପଦ୍ମପୁର,୧୯।୧(ସମିସ)

ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲାର ବିଶିଷ୍ଟ ଗବେଷକ ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀରାଙ୍ଗ ନାୟକ ଏବଂ ବିଶିଷ୍ଟ ସାହିତ୍ୟିକ ତଥା ଚିକିତ୍ସକ ଡା. ଗୌରାଙ୍ଗ ଚରଣ ରାଉତ ଯୋଗଦେଇଥିଲେ। ଡା. ରାଉତ ଜଗନ୍ନାଥ ସଂସ୍କୃତି ଉପରେ ସୁଦୀର୍ଘ ଆଲୋଚନାବେଳେ ଗବେଷକ ଶ୍ରୀରାଙ୍ଗ ନାୟକ ଓଡ଼ିଶାର କଳା, ସଂସ୍କୃତି ଏବଂ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଓଡ଼ିଆ ଭାଷା ସମ୍ପର୍କିତ ପ୍ରାରମ୍ଭିକ ସୂଚନା ଏବଂ କାର୍ଯ୍ୟସୂଚୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ଦୋରା, ଅଧ୍ୟାପିକା ରଶ୍ମିତା ସ୍ୱାଇଁ, ଦୀପ୍ତିମୟୀ ରଣା, ବିଦ୍ୟାବତୀ ନିମାଲୁ, ଶଙ୍କର ପ୍ରସାଦ ନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୦ ତାରିଖରେ ଏହି କାର୍ଯ୍ୟକ୍ରମ ଉଦଯାପିତ ହେବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

**ପଡ଼ିଆ:** ମାଲକାନଗିରି ଜିଲ୍ଲା କାଲିମେଲ ବ୍ଲକ ଅନ୍ତର୍ଗତ ଏମଭି ୭୯ ସ୍ଥାନୀୟ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏମଭି ୭୯ରେ ‘ନୂଆ-ଓ’ କାର୍ଯ୍ୟକ୍ରମର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପରିକ୍ରମର ଉଦଘାଟନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ବିରାଜ ମଜୁମଦର ସଭାପତିତ୍ୱ କରି ଜଗନ୍ନାଥ ସଂସ୍କୃତି ଉପରେ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଶ୍ୟାମାପ୍ରସାଦ ଡିଗ୍ରୀ କଲେଜର ଅଧ୍ୟକ୍ଷା ପ୍ରଭାସିନୀ ମହାପାତ୍ର, ମୁଖ୍ୟ ଅତିଥି ଭାବେ ମାଟିଲଗ୍ନା ସାହିତ୍ୟ ସଂସଦର ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ଏମପିଭି ୮୨ର ପ୍ରଧାନଶିକ୍ଷକ ଗୋଦାବରିଶ ଦାସ, ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଏମଭି ୭୯ର ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର ଯୋଗଦେଇଥିଲେ। ଅଧ୍ୟାପକ ଆଲୋକ କୁମାର ନନ୍ଦ ସଭା ପରିଚାଳନା କରିଥିଲେ ଏବଂ ଅଧ୍ୟାପକ ନାଲୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ପଟାଙ୍ଗି:** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁନ୍ଦୁଲି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ସରକାରଙ୍କ ‘୫-ଟି’ ବିଭାଗ ଅନ୍ତର୍ଗତ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିୟ କୁମାର ବଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ବଳ ଅତିଥି ବୃନ୍ଦ ଏବଂ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ଆଗକୁ ଆଣିବା ନିମନ୍ତେ ଚାରୋଟି ଭାଗ ତଥା ସାହିତ୍ୟ, ସୃଜନୀ, କୌଶଳୀ, ଜିଜ୍ଞାସା ଏବଂ କ୍ରୀଡ଼ାଙ୍ଗନା ପ୍ରଭୃତି ବିଭାଜନ କରାଯିବା ସହ ପ୍ରତିଯୋଗିତା ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଭାବେ କୁନ୍ଦୁଲି ଗ୍ରାମ ପଞ୍ଚାୟତର ସରପଞ୍ଚ ରିତା ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷକ ଏମ୍ ଦୁର୍ଗାପ୍ରସାଦ ଯୋଗଦେଇ ଏହି ବିଦ୍ୟାଳୟ ୧୯୮୭ ସେପ୍ଟେମ୍ବର ୪ ତାରିଖରେ ପ୍ରତିଷ୍ଠା ହୋଇଥିବାବେଳେ ଉକ୍ତ ଗ୍ରାମର ବୁଦ୍ଧିଜୀବୀଙ୍କ ଅବଦାନ ଏବଂ ଆଜିର କାର୍ଯ୍ୟକ୍ରମର ମହତ୍ତ୍ୱ ନେଇ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ କୁନ୍ଦୁଲି କ୍ଲଷ୍ଟର ସିଆରସିସି ମୁନିବର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଆଲୁମିନାଇର ସଭାପତି ଅର୍ଜୁନ ନାୟକ, ବିଦ୍ୟାଳୟ ଆଲୁମିନାଇର ସମ୍ପାଦକ ଶ୍ରୀକାନ୍ତ ଚୌଧୁରୀ ଯୋଗଦେଇ ତାଙ୍କ ସମୟରେ ବିଦ୍ୟାଳୟର ପାଠପଢ଼ାର ଅନୁଭୂତି ଏବଂ ଛାତ୍ରଛାତ୍ରୀଙ୍କୁ ଚଳିତ କାର୍ଯ୍ୟକ୍ରମର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମୁରଲୀମୋହନ ପରିଡ଼ା, ଲକ୍ଷ୍ମୀଧର ନନ୍ଦ, ବିଷ୍ଣୁଚରଣ ଲେଙ୍କା ଓ ଅନ୍ୟ କର୍ମଚାରୀ ଗଣ ତଥା କିରାଣୀ ଭି. ସର୍ବେଶ୍ୱର ରାଓ, ଘାସି ଧାଙ୍ଗଡ଼ା ମାଝୀ ଓ ପୂର୍ବତନ କର୍ମଚାରୀ ଏମ୍. ବାଲାଜୀ ପ୍ରମୁଖ ସହଯୋଗ କରିଥିଲେ।

**ନନ୍ଦପୁର:** କୋରାପୁଟ ଜିଲ୍ଲା ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବୈଜୟନ୍ତୀ ସାମଲ ସଭାମୁଖ୍ୟ ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଇତିହାସ ସମ୍ପର୍କରେ ମତପୋଷଣ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା, ଶିକ୍ଷାବିତ୍ ଗୋପାଳ କୃଷ୍ଣ ବେବର୍ତ୍ତା, ତହସିଲଦାର ଅନାଦିଚରଣ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନ ମର୍ଯ୍ୟାଦା ଓ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ‘ନୂଆ-ଓ’ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ସନ୍ତୋଷ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ବାତସେବା ତାଣ୍ଡି, ତୃପ୍ତିପ୍ରଭା ପଟ୍ଟନାୟକ, ଉଷା ପ୍ରଧାନ, ପ୍ରଜ୍ଞାପରିମିତା ମହାରଥୀ, ରେଣୁ ହିଆଲ୍, ଅନିତା ସାଇଲିନ, ଅଧ୍ୟାପକ ରଞ୍ଜନ ବେହେରା, ଶ୍ରୀରାମ ପାତ୍ର, ଆଲଫ୍ରେଡ ଉଇଲିୟମ ତୁରୁକ, ପି.ସରଜ୍ ପାତ୍ର, ସେବାୟତ ଭୀମ ଖେମୁଣ୍ଡୁ, ଭଗବାନ ବଡ଼ନାୟକ, କଳିମନି ତାମା, ଟି.ଲଳିତା କୁମାରୀ, ଦିଲୀପ ମହାନ୍ତି ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟାପକ ରବିନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁନିଗୁଡ଼ା:** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ରାଣୀପିଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା, ସାହିତ୍ୟ ଓ ସୃଜନଶୀଳତାକୁ ନେଇ ‘ମୋ କଥା ଓ ମୋ କାହାଣୀ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବନମାଳୀ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷକ ତଥା ସାହିତ୍ୟିକ ଅକ୍ଷୟ କୁମାର ରଥ ଯୋଗଦେଇ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ, ନୃତ୍ୟ ଓ ଗପ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ପ୍ରତିଯୋଗିତା ହୋଇଥିବାବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ପାରମ୍ପରିକ ଗପ ଓ ଗୀତ ଗାଇଥିବା ବେଳେ ସେମାନଙ୍କ ଭିତରେ ଥିବା ଉତ୍ସାହ ଏବଂ ସୃଜନଶୀଳତା ପରିଲକ୍ଷିତ ହୋଇଥିଲା। ସମ୍ମାନୀୟ ଅତିଥି ଭାବେ ପରିଚାଳନା କମିଟି ଉପ ସଭାପତି ଜୁଜିଷ୍ଠି ଚିଟୁଆନ, କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରଭାତୀ ତୁଙ୍ଗ, କମିଟି ସଭ୍ୟ କପୁର ନାଗ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଦେବେନ୍ଦ୍ର ଭୋଇ, କାର୍ତ୍ତିକେଶ୍ୱର ସାହୁ, ସନ୍ତୋଷ ପାଳ, ସୁଶାନ୍ତ ପ୍ରଧାନ, ନିବେଦିତା ନାୟକ, ସୁନନ୍ଦା ପଣ୍ଡା, ସଂଗ୍ରାମ ଶବର, ବିଜୟ ଗାଗେରେଙ୍ଗା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଗୁଡ଼ାରୀ,୧୯।୧(ସମିସ):** ଗୁଡ଼ାରୀ ରାଧାକୃଷ୍ଣ ଇଂରାଜୀ ବିଦ୍ୟାଳୟରେ ୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରତ୍ନମୟୀ ପୁରୋହିତ ଉପସ୍ଥିତ ଥିବାବେଳେ ସଭାପତି ଜଗଦିଶ ପାଣିଗ୍ରାହୀ, ସମ୍ପାଦକ ସନ୍ତୋଷ କୁମାର ତୁଳ, ଡି.ଶିବପ୍ରସାଦ ରାଓ, ଅନନ୍ତ କୁମାର ପଣ୍ଡା ଓ ବିଦ୍ୟାଳୟର ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନେ ସୁସ୍ଥ ଶରୀର ଗଠନ କରିବାକୁ ହେଲେ କ୍ରୀଡ଼ାର ଆବଶ୍ୟକ ରହିଛି ବୋଲି ସମସ୍ତ ଅତିଥି ମତପ୍ରକାଶ କରିଥିଲେ। ପିଲାମାନଙ୍କ ପାଇଁ ୧୦୦ ଓ ୨୦୦ମିଟର ଦୌଡ଼ ପ୍ରତିଯୋଗିତା ସହ ଅନ୍ୟାନ୍ୟ କ୍ରୀଡ଼ା କାର୍ଯ୍ୟକ୍ରମ ରଖାଯାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତି ଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ୩ ଦିନ ଚାଲିବ ବୋଲି ସଭାପତି ଶ୍ରୀ ପାଣିଗ୍ରାହୀ କହିଛନ୍ତି।




## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିଲେ ଶ୍ରଦ୍ଧାଳୁ

**ବନ୍ଧୁଗାଁ,୧୯।୧(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିନିଷ୍ଟାଡ଼ିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନେକ ପଞ୍ଚାୟତର ମିଶନ ଶକ୍ତି ବିଭାଗର ଏମବିକେ, ସିଆରପି ଓ ବହୁ ଏସଏଚଜିର ମାଆମାନେ ଆସି ଭାଗ ନେଇଥିଲେ। ବିଡିଓ ଅଭିଜିତ ବିଶ୍ୱଜିତ ସେଠୀ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ବ୍ଲକ ବିଜେଡି ସଭାପତି ବାଲା ନାଗ, ଏସଡିସି ସଦସ୍ୟ ଲଡୁ ହୁଲୁକା, ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଗୌରୀ ପୀଡିକା, ଭାସ୍କର ୱାଟାକା, ସୁନ୍ଦରୁ ପିଡିକା, ବିଜେଡି ଜୋନ୍-୨ କୋଅର୍ଡିନେଟର ଉତ୍ତମ ନାୟକ, ବିଜେଡି ବରିଷ୍ଠ କର୍ମୀ ବନମାଳୀ ଖରା ଉପସ୍ଥିତ ଥିଲେ।

■ ସାକାର ହେବ ଶିଶୁ କରାଟେ ଖେଳାଳି ଆକାଶଙ୍କ ସ୍ୱପ୍ନ

## ସହାୟତାର ହାତ ବଢ଼ାଇଲେ ସମାଜସେବୀ ଡମ୍ବରୁ ନାୟକ

**କୋରାପୁଟ,୧୯।୧(ସମିସ):** ମାତ୍ର ୯ ବର୍ଷ ବୟସରେ କରାଟେ ଖେଳରେ ୧୮ ପଦକ ପାଇ କୋରାପୁଟ ଜିଲ୍ଲାରେ ରେକର୍ଡ କରିଥିବା ଆକାଶ ସାଗରଙ୍କ ଏବେ ସ୍ୱପ୍ନ ସାକାର ହେବ। ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ସମାଜସେବୀ ଡମ୍ବରୁ ନାୟକ। ଆର୍ଥିକ ସହାୟତା ଦେବାକୁ ସେ ଆଗେଇ ଆସିଛନ୍ତି। ଏହା ଜାଣିବା ପରେ ଡମ୍ବରୁଙ୍କୁ କୃତଜ୍ଞତା ଜଣାଇଛନ୍ତି ଆକାଶଙ୍କ ପରିବାର। କୋରାପୁଟ ବ୍ଲକ ମସ୍ତିପୁଟ ପଞ୍ଚାୟତ ବଣ୍ଡାଗୁଡ଼ାର କରାଟେ ଖେଳାଳି ଆକାଶଙ୍କୁ ଡମ୍ବରୁ ନାଏକ ନିଜେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହିତ ଆଲୋଚନା କରି ନଗଦ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆକାଶଙ୍କ ଭବିଷ୍ୟତ ଗଢ଼ିବାରେ ସେ ସମ୍ପୂର୍ଣ୍ଣ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ତାଙ୍କୁ ସେ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବଣ୍ଡାଗୁଡ଼ାର ଭକ୍ତ ସାଗରଙ୍କ ପୁଅ ଆକାଶ (୯) ଭୁବନେଶ୍ୱର, ହାଇଦରାବାଦ, କୋଲକାତା, ବିଶାଖାପାଟଣା, ନୂଆଦିଲ୍ଲୀ, ରାଜସ୍ଥାନ ଓ ଗୋଆରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ୧୧ଟି ସ୍ୱର୍ଣ୍ଣ ଓ ୭ଟି ବ୍ରୋଞ୍ଜକୁ ମିଶାଇ ମୋଟ ୧୮ଟି ମେଡାଲ ହାସଲ କରିଛନ୍ତି। ତେବେ ଆର୍ଥିକ ଅଭାବ ଯୋଗୁଁ ସେ ଆଗକୁ ପ୍ରସ୍ତୁତ ହୋଇ ପାରୁନାହାନ୍ତି। ଆକାଶ କୋରାପୁଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଚତୁର୍ଥ ଶ୍ରେଣୀରେ ପଢ଼ୁଛନ୍ତି। ଏହାରି ଭିତରେ ଆକାଶ ଜଣେ ସଫଳ କରାଟେ ଖେଳାଳି ଭାବେ ନିଜକୁ ପ୍ରତିଷ୍ଠିତ କରି ସାରିଛନ୍ତି। ସମାଜସେବୀ ଡମ୍ବରୁ ନାୟକଙ୍କ ସହାୟତାରେ ପୁଅର ଅନେକ ଆବଶ୍ୟକତା ପୂରଣ ହୋଇଯିବ ବୋଲି ବାପା ଭକ୍ତ ସାଗର କହିଛନ୍ତି।



## ଟଙ୍କା ହଡ଼ପ ଅଭିଯୋଗରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର



**ଜୟପୁର,୧୯।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ପି. ବାୟାଗୁଡ଼ା ଗ୍ରାମବାସୀମାନେ ଗ୍ରାମର ଜନୈକ ବ୍ୟକ୍ତିଙ୍କ ବିରୋଧରେ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଗ୍ରାମବାସୀମାନଙ୍କୁ ସମର୍ଥନ ଜଣାଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କର୍ମକର୍ତ୍ତାମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଚନ୍ଦ୍ର ନାଗ ନାମକ ବ୍ୟକ୍ତି ଗ୍ରାମରେ ଆଦିବାସୀ ଓ ହରିଜନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ବିଭିନ୍ନ ସରକାରୀ ଯୋଜନା ଗ୍ରାମବାସୀଙ୍କ ନାମରେ ଆସୁଥିବାବେଳେ ଏହାକୁ ହଡ଼ପ କରୁଛନ୍ତି। ଲକ୍ଷାଧିକ ଟଙ୍କା ଗ୍ରାମର ସରକାରୀ ଜମିକୁ ବେଆଇନ ଭାବେ ବିକ୍ରି କରୁଛନ୍ତି। ଗ୍ରାମବାସୀଙ୍କ ଆବାସ ଯୋଜନାକୁ ହଡ଼ପ କରୁଛନ୍ତି। ତେଣୁ ତୁରନ୍ତ ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଅବସରରେ ସିପିଆଇର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ସହସମ୍ପାଦକ ରାମକୃଷ୍ଣ ଦାଶ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଯୋଗଦେଇଥିଲେ।

## ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପୋଡ଼ାଗଡ଼,୧୯।୧(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତର ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦଶମନ୍ତପୁର ବ୍ଲକ୍ ସାଂସଦଙ୍କ ପ୍ରତିନିଧି ରାଜେନ୍ଦ୍ର ହୁଇକା, ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ଧନପତି ଶାଉନ୍ତା, ବ୍ଲକ୍ ବିଜେଡି ସଭାପତି ମହିନ୍ଦ୍ର କୁଲଦୀପ, ପୋଡ଼ାଗଡ଼ ସରପଞ୍ଚ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି, ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ୍ ମଙ୍ଗଳ ଅଧିକାରୀ ପ୍ରଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ରୁଦ୍ରନାରାୟଣ ପାଢ଼ି ଓ ଶିକ୍ଷୟିତ୍ରୀ ଆରତୀ ଜେନା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ପଟ୍ଟନାୟକ, ସାଗରିକା ମିଶ୍ର, ଅନୁସୂୟା ଗରଡ଼ା, ଅଞ୍ଜନା ମହାପାତ୍ର, ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ। ବିଗତ ଦିନରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ଅତିଥି, ଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ

**ନନ୍ଦପୁର,୧୯।୧(ସମିସ):** ଅଯୋଧ୍ୟା ନଗରୀରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ନେଇ ସହର ଠାରୁ ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଥିବାବେଳେ ଗୁରୁବାର ନନ୍ଦପୁର ଥାନା ଅନ୍ତର୍ଗତ ବନମାଳୀପୁଟ ସଦର ଗ୍ରାମରେ ଶିବ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରଘୁରାମ ମାଛ, ଭାଗିରଥି ପଟ୍ଟନାୟକ, ପୂର୍ଣ୍ଣିମା ନାୟକ, ଟୁକୁନା ନାୟକ, ଅନନ୍ତ କୁମାର ନାୟକ, ଗୌରୀଚନ୍ଦ୍ର ଗୁଣ୍ଟା କମଳଲୋଚନ ଦାସ, ଘେନୁ ଗୋଲାରି, ରମେଶ ଚୌଧୁରୀ, ସୁକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସନୁ ଆଡାରି, ପଞ୍ଚାୟତ ସଭାପତି ଗିରିଧର ନାୟକ ପ୍ରମୁଖ ସହଯୋଗ କରିଥିଲ।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ଉମରକୋଟ,୧୯।୧(ସମିସ)



ନବରଙ୍ଗପୁର ଜିଲ୍ଲା ଉମରକୋଟ କୋଣ୍ଡାଗାଁ ରୋଡ୍ ସ୍ଥିତ କଲ୍ୟାଣମଣ୍ଡପଠାରେ ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣତନ୍ତ୍ର ଦିବସ କମିଟିର ସଭାପତି ମେଘବାନ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌର ପରିଷଦର ଅଧ୍ୟକ୍ଷ ସୁଧାଂଶୁ ଦାସ, ଆଇନଜୀବୀ ଝାଡ଼େଶ୍ୱର ମହାନ୍ତି, ଆଇନଜୀବୀ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ ଚନ୍ଦ୍ର ସରକାର, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ରହିଥିଲେ। ସହରର ସରକାରୀ ବେସରକାରୀ ବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତ ପୂର୍ବ ବର୍ଷର ଖର୍ଚ୍ଚ ବିବରଣୀ ପ୍ରଦାନ କରିବା ସହ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଜାନୁଆରୀ ୨୬ ତାରିଖ ଦିନ ଭୋରରୁ ପୌର ପରିଷଦ ପକ୍ଷରୁ ସହରରେ ରାମଧୁନ ଗାଡ଼ି ବୁଲିବ। ଡିଏନକେ ଖେଳପଡ଼ିଆଠାରେ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଯୋଗଦେଇ ସକାଳ ୮ଟା ୩୦ ମିନିଟ୍ ସମୟରେ ପତାକା ଉତ୍ତୋଳନ କରିବେ। ମଞ୍ଚାସୀନ ଅତିଥିଙ୍କ ଅଭିଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ଦେବ। ଏହି ଅବସରରେ ୧୯ ତାରିଖରେ ପେଣ୍ଡ୍ରାଣୀ ମହାବିଦ୍ୟାଳୟଠାରେ ପିଲାମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ୨୦ ତାରିଖରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟଠାରେ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯିବ। ୨୧ରେ ବିଜୁ ପଟ୍ଟନାୟକ ମହିଳା କଲେଜଠାରେ ସାଧାରଣ ଜ୍ଞାନ ପ୍ରତିଯୋଗିତା, ୨୨ରେ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ଦିନ ପୁରସ୍କାର ପ୍ରଦାନ କରାଯିବ। ଏହି ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରି ନ ଥିବା ସମସ୍ତ ଗ୍ରୁପକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ବିଦ୍ୟାଳୟ ବା ଅନୁଷ୍ଠାନ ପକ୍ଷରୁ ଆସିଥିବା ପିଲା ଯଦି କୌଣସି ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ ଉକ୍ତ ଅନୁଷ୍ଠାନ ବା ବିଦ୍ୟାଳୟକୁ ୧ ବର୍ଷ ପାଇଁ ବାସନ୍ଦ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ମନୋଜ ନାୟକ, ସରୋଜିନୀ ଶବର, ବରିଷ୍ଠ ସାମ୍ବାଦିକ ତଥା ପ୍ରେସ୍ କ୍ଲବର ସଭାପତି ନଳିନୀ ରଞ୍ଜନ ମିଶ୍ର, ପୂର୍ବତନ ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ସାମ୍ବାଦିକ ଦୁର୍ଗାପ୍ରସାଦ ମଲ୍ଲିକ, ଉପସଭାପତି ସନ୍ତୋଷ ଶତପଥୀ, ସହସମ୍ପାଦକ କୁନା ସାହୁ, ଆଇନଜୀବୀ ପପୁ ଜିଲ୍ଲାନୀ, ମାର୍କଣ୍ଡ ସାହୁ, ସାମ୍ବାଦିକ ରାମ ନାୟକ ଏବଂ ଉମରକୋଟ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଏସ୍‌ଏଫ୍ ପକ୍ଷରୁ ଆଦିବାସୀ ଯୁବପିଢ଼ିଙ୍କ ଅହମ୍ମଦାବାଦ ଗସ୍ତ



**ମାଲକାନଗିରି,୧୯।୧(ସମିସ):** ମାଲକାନଗିରି ଜିଲ୍ଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବକଯୁବତୀମାନେ ଗୁଜରାଟର ଅହମ୍ମଦାବାଦ ଗସ୍ତ କରିଛନ୍ତି। ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ଗୁରୁବାର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମା, ସିଙ୍ଗାଲଗୁଡ଼ା, କର୍ତନପାଲୀ, କପ୍ରା, ସାଲିମି, ବାରୁବେଡ଼ା, ମୁଣ୍ଡାଗୁଡ଼ା, କଙ୍ଗରବେଡ଼ା, ସିନ୍ଧିଗୁଡ଼ା, କସ୍ରାଭଟା, ଉଦୟଗିରି, ମାଡକାମିଗୁଡା, ଭଣ୍ଡାରିପାଙ୍ଗାମ, କତାପାଲ୍ଲୀ ପ୍ରଭୃତି ଅଞ୍ଚଳର ମୋଟ ୩୦ ଜଣ ଯୁବକଯୁବତୀଙ୍କୁ ଅହମ୍ମଦାବାଦକୁ ପଠାଇଛନ୍ତି। ଏହି ଯୁବପିଢ଼ି ଆସନ୍ତା ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଅହମ୍ମଦାବାଦର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନେତା, ବିଭିନ୍ନ ମନ୍ତ୍ରୀ, ଅଭିନେତା, ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବେ। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରତାପ ସିଂ, ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର, ନେହରୁ ଯୁବ ସଂଘର ଜିଲ୍ଲା ଅଧିକାରୀ ହରିଶ ରୁପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢ଼ି ଜ୍ଞାନ ଶକ୍ତୀ ବଢ଼ିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରି ଦେଖିପାରିବେ।

## ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ବୋରିଗୁମ୍ମା,୧୯।୧(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସରକାରୀ (ଏସଏସଡି) ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବୋରିଗୁମ୍ମା ବ୍ଲକ ଚେୟାରମ୍ୟାନ ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅର୍ଜୁନ ନାୟକ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଗନ୍ତାୟତ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଡ. ରଜତ କୁମାର ଷଡ଼ଙ୍ଗୀ ଛାତ୍ରୀମାନଙ୍କୁ ଆଶୀର୍ବାଦ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ମୌସୁମୀ ଭତରା ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଏନ୍. ରାଜେଶ କୁମାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବାବେଳେ ରାଜେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସେବାୟତ ସୁବାସ ଚନ୍ଦ୍ର ହରିଜନଙ୍କୁ ସାହିତ୍ୟ ସାଧନା ସହ ଦୁଇଟି କବିତା ପୁସ୍ତକ ରଚନା ନିମନ୍ତେ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଚଳିତ ବାର୍ଷିକ କ୍ରୀଡ଼ାରେ ସଫଳ ହୋଇଥିବା ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରାଜେଶ ନାୟକ ଓ ଶ୍ରୀନିବାସ ପଣ୍ଡା ପରିଚାଳନା କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗୁପ୍ତେଶ୍ୱର ରାଉତ, ଭାସ୍କର ଶତପଥୀ, ଝାସ ରଞ୍ଜନ ଶବର, ଦିବ୍ୟଜ୍ୟୋତି ମଲିକ, କଳ୍ପତରୁ ହରିଜନ, ସୁଚିତ୍ରା ସାମଲ, ସୁଭାସିନୀ ସାହୁ, ରଶ୍ମିତା ପଣ୍ଡା, ଏଏନଏମ୍ ରଶ୍ମିତା ସ୍ୱାଇଁ ଏବଂ ମେଟ୍ରୋନ ଜେମାମଣି ହରିଜନ ସହଯୋଗ କରିଥିଲେ।

## ସୋସିଆଲ ମିଡିଆରେ ଲୋକପ୍ରିୟ ବ୍ୟକ୍ତିତ୍ୱ ଗଣେଶ୍ୱର ରାଓ

**ମୁନିଗୁଡ଼ା,୧୯।୧(ସମିସ):** ନିଜ ଅଞ୍ଚଳ ସହିତ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରେ ସୋସିଆଲ ମିଡିଆରେ ଅଧିକ ଲୋକପ୍ରିୟତା ହାସଲ କରିଥିବା ବ୍ୟକ୍ତିତ୍ୱ ହେଉଛନ୍ତି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଅଞ୍ଚଳର ଗଣେଶ୍ୱର ରାଓ। ଏହି ବ୍ୟକ୍ତି ଜଣଙ୍କ ତାଙ୍କ ନାମ ଅପେକ୍ଷା ମୁନିଗୁଡ଼ା ନିୟୁଜ୍ ନାମରେ ସବୁଠି ପରିଚିତ ହୋଇଥିବାବେଳେ ଛୋଟ ବଡ଼ ଘଟଣାଠୁ ଆରମ୍ଭ କରି ପର୍ବପର୍ବାଣୀ, ଜାନିଯାତ୍ରାରେ ଖୋଜାପଡ଼ିଥାନ୍ତି ରାଓ ବାବୁ। ଶ୍ରୀ ରାଓ ନିଜ ଜୀବନର ଯୌବନ କାଳରେ ସରକାରୀ ଚାକିରିରେ ନିୟୋଜିତ ହୋଇଥିବାବେଳେ ତାଙ୍କ ପତ୍ନୀ ତେଲୁଗୁ ଭାଷାର ଇନାଡୁ ଖବର କାଗଜରେ କାର୍ଯ୍ୟ କରିଆସୁଥିଲେ। ନିଷ୍କଳଙ୍କ



ଭାବେ ଚାକିରିରୁ ଅବସର ଗ୍ରହଣ କରିବା ପରେ ନିଜର ସାମ୍ବାଦିକତାକୁ ନିଃସ୍ୱାର୍ଥପର ଭାବେ ଶ୍ରୀ ରାଓ ଉକ୍ତ ଖବର କାଗଜରେ ସାମ୍ବାଦିକ ଭାବରେ କାର୍ଯ୍ୟ କରୁଥିଲେ। ଗୋଟିଏ ଖବର କାଗଜରେ ଖବର ପ୍ରସାରଣ କରିବା ସମୟରେ ଖବର ପ୍ରସାରଣ ଲାଗି ବ୍ୟବହାର ହେଉଥିବା ଫଟୋ ସମସ୍ତଙ୍କ ମନକୁ ଛୁଇଁ ପାରୁ ନ ଥିବା ଜାଣିପାରି କ୍ୟାମେରା ମାଧ୍ୟମରେ ଫଟୋ ଉତ୍ତୋଳନ କରି ଉକ୍ତ ଫଟୋ, ଭିଡିଓକୁ ଫେସବୁକରେ ଅପଲୋଡ୍ କରିବା ଆରମ୍ଭ କରିଥିଲେ। ଫେସବୁକ ପେଜର ନାମ ରଖିଥିଲେ 'ଦି ମୁନିଗୁଡ଼ା ନିୟୁଜ୍'। ସେହିଦିନ ପରଠାରୁ ଖାଲି ରାୟଗଡ଼ା ଜିଲ୍ଲା ନୁହେଁ ରାଜ୍ୟ ଓ ରାଜ୍ୟ ବାହାରର ଖବର ପ୍ରସାରଣ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି ଶ୍ରୀ ରାଓ। ଶ୍ରୀ ରାଓ କରୋନା ସମୟରେ ମୁନିଗୁଡ଼ା ଅଞ୍ଚଳଦେଇ ଆସୁଥିବା ପ୍ରବାସୀମାନଙ୍କୁ ଖାଦ୍ୟ ଯୋଗାଇଦେବା ସହ ବୁଲା କୁକୁରଙ୍କ ପାଇଁ ମଧ୍ୟ ଖାଦ୍ୟ ଯୋଗାଇଦେବାକୁ ବ୍ୟବସ୍ଥା କରିଥିବା ସେହି ସମୟରେ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ବିଭିନ୍ନ ସମୟରେ ବୃଦ୍ଧବୃଦ୍ଧାମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରୁଥିବା ଦେଖିବାକୁ ମିଳିଥିବାବେଳେ ଉଙ୍ଗରିଆମାନଙ୍କ ପାଇଁ ଚପଲ ବଣ୍ଟନ କରି ସେ ନିଜର ଆତ୍ମସନ୍ତୋଷ ପାଇଥାନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କର ଏଭଳି କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନରେ ସେ ସମ୍ବର୍ଦ୍ଧିତ ହୋଇପାରିଛନ୍ତି।

**ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ସୃଜନଶୀଳତା ଉତ୍ସବ**

# 'ମା', ମାଟି ଓ ମାତୃଭାଷା ପ୍ରତି ରହିଛି ସ୍ୱତନ୍ତ୍ରତା'

ନନ୍ଦପୁର,୧୯।୧(ସମିସ)


ନନ୍ଦପୁର


କୋଷାଗୁମୁଡ଼ା


ଜୟପୁର


ବୋରିଗୁମ୍ମା

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ସଦର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ସଭା କାର୍ଯ୍ୟର ଶୁଭ ଉଦଘାଟନ କରିବା ସହ ମା', ମାଟି ଓ ମାତୃଭାଷା ପ୍ରତି ସ୍ୱତନ୍ତ୍ରତା ରହିଛି ବୋଲି କହିବା ସହ ଭାଷା, ସାହିତ୍ୟ ବଞ୍ଚିଲେ ଓଡ଼ିଶା ବଞ୍ଚିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ରଘୁନାଥ ମାଝୀ, ମାମତାଜ ଗମାଙ୍ଗ, ରବି ନାରାୟଣ ଭୁଆଁ, ନନ୍ଦପୁର ଡବ୍ଲ୍ୟୁଇଓ ସୁବ୍ରତ କୁମାର ପରିଡ଼ା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁ ଗୋପାଳ ବେହେରା ପ୍ରମୁଖ ଯୋଗଦେଇ ସାହିତ୍ୟ ଓ ଭାଷା ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଭାସ୍କର ଆଚାର୍ଯ୍ୟ, ସୁଭାଶିଷ ଦାନଭତ୍ରା, ଶିକ୍ଷୟିତ୍ରୀ ଶିବାନୀ ଖରା, ସୀମାରାଣୀ କାଡ଼ାମ, ରାଧିକା ଭୋଇ, ଜସ୍ମିନ ଖରା, ଆରତୀ ଜେନା, ଲକ୍ଷ୍ମୀ ପଟ୍ଟନାୟକ, ମମତା ସାହୁ ପ୍ରମୁଖ ଯୋଗ ଦେଇଥିବାବେଳେ ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**କୋଷାଗୁମୁଡ଼ା:** କୋଡ଼ିଙ୍ଗାସ୍ଥିତ ରାଜା ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଜୟ ଚୌଧୁରୀ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ଜଗଦିଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ଏଥିରେ ଅମିତା ରୟ ସଭାପତିତ୍ୱ କରିଥିବାବେଳେ ମଞ୍ଚ ପରିଚାଳନା ଡ. ରବିନାରାୟଣ ପାଣିଗ୍ରାହୀ କରିଥିଲେ। ସମ୍ମାନିତ ଅତିଥି ଭାବରେ ପଞ୍ଚାନନ ଦୁରିଆ, ଦାମୋଦର ସାହୁ, ପ୍ରଦୀପ୍ତ ସାମନ୍ତ ଯୋଗଦେଇଥିଲେ। ଏହି ସଭାରେ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷାର ବିକାଶ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତଗାନ କରିଥିଲେ। କ୍ରୀଡ଼ା ଶିକ୍ଷକ ନରେଶ କୁମାର ଷଡ଼ଙ୍ଗୀ, ସାହିତ୍ୟ ସୃଜନୀର ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ପ୍ରଦର୍ଶନୀ ଆୟୋଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଶିକ୍ଷକଶିକ୍ଷୟିତ୍ରୀ ହିତକର ଚରଡି, ଦେବେନ୍ଦ୍ର କୁମାର ପାଢ଼ୀ, ଦୁର୍ଗା ପ୍ରସାଦ ପାତ୍ର, ବିଶ୍ୱରଞ୍ଜନ ଗୌଡ଼, ତନବୀର ମହମ୍ମଦ, ଶୁଭସ୍ମିତା ସାହୁ, ବନିତା ଶତପଥୀ, ପପିତା ପ୍ରଧାନ, ରଶ୍ମିତା ନାହାକ, କଲ୍ୟାଣୀ ନାୟକ, କେ.ପ୍ରମିଳା, ସାଗରିକା ପାତ୍ର, ସୁଦ୍ଧା ପଟ୍ଟନାୟକ, ସୁବର୍ଣ୍ଣ କୁମାରୀ ଖିଲ, ଅରୁନ୍ଧତୀ ତ୍ରିପାଠୀ, ସନ୍ତୋଷିନୀ ପଣ୍ଡା, ପ୍ରଭାତ କୁମାର ରଥ, ପ୍ରଭାକର ମହାରଣା ପ୍ରମୁଖ ସହଯୋଗ କରିଥିବାବେଳେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ପରିଚାଳନା କରିଥିଲେ। ଅପରାହ୍ଣରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କୌଶଳୀ ଓ ଜିଜ୍ଞାସା କ୍ଳବର କୃତୀ ପ୍ରତିଯୋଗୀଙ୍କୁ ଓ ଶ୍ରେଷ୍ଠ ହାଉସକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବୋରିଗୁମ୍ମା :** 'ନୂଆ-ଓ' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ପ୍ରଥମ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଉପଲକ୍ଷେ ବୋରିଗୁମ୍ମା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମଟି ପରିକଳ୍ପିତ। ମହାବିଦ୍ୟାଳୟର ଅଧ୍ୟକ୍ଷ ଦାଶରଥି ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଅଧ୍ୟାପକ ସୁଧାଂଶୁ ଶେଖର ପଟ୍ଟନାୟକ ପରିଚାଳନା କରିଥିଲେ। ଅତିଥି ଭାବେ ସାହିତ୍ୟିକ କୃଷ୍ଣକାନ୍ତ ତ୍ରିପାଠୀ, ଡ. ରାଜେନ୍ଦ୍ର ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇବା ସହ ବହୁ ସଂଖ୍ୟାରେ ଭାଗ ନେବାକୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଗୌଡ଼ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ଗର୍ବ ଓ ଗୌରବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ମାହାତ୍ମ୍ୟ ବିଷୟରେ କିଛି ପ୍ରସଙ୍ଗ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ସୁଶାନ୍ତ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଅଧ୍ୟାପକ ସୁମନ୍ତ ସାହୁ, ଅଶୋକ ପଣ୍ଡା, ପଦ୍ମଭୂଷଣ ଦାସ, ମୁରଲୀଧର ଭଟ୍ଟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଡାବୁଗାଁ,୧୯।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅପରାହ୍ଣ ୫ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିପରି ସାଧାରଣତନ୍ତ୍ର ଦିବସ ପାଳନ କରାଯିବ, ବିଭିନ୍ନ କମିଟି ଗଠନ, ଅତିଥି ଚୟନ, ଜାନୁଆରୀ ୨୫ ତାରିଖ ଦିନ ପରେଡ ଅଭ୍ୟାସ ଆୟୋଜନ ସହ ଜାନୁଆରୀ ୨୨ ରେ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ହେବାକୁ ଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉପରେ ଆଲୋଚନା ହୋଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସୂଚାଯାଇଥିଲା। ଏହି ବୈଠକରେ ବିଡିଓ ଶରତ ମାଝିଙ୍କ ସମେତ ଏବିଡିଓ ପଦ୍ମନାଭ ତ୍ରିପାଠୀ, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ସବ୍‌ଇନ୍ସପେକ୍ଟର ଚନ୍ଦନ ସାହୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଶିକ୍ଷୟିତ୍ରୀ ବନଲତା ମହାନ୍ତି, ଶୈଳବାଳା ମୁଦୁଲି, ଶିକ୍ଷକ ଭାଗବତ ପ୍ରସାଦ ମୁର୍ମୁ, ବିକାଶ ରଞ୍ଜନ ନିଶଙ୍କ, ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱବଶେ କୁମାର ତ୍ରିପାଠୀ, ଉମେଶ ପାତ୍ର ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାନୀୟଜଳ ସମସ୍ୟାର ସମାଧାନ ଦାବି କଲେ ଗ୍ରାମବାସୀ

**ଦଶମନ୍ତପୁର,୧୯।୧(ସମିସ):** ଦଶମନ୍ତପୁର ସଦର ପଞ୍ଚାୟତସ୍ଥିତ ଗୌଡ଼ ବାରିକଣ୍ଡା ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ପ୍ରାୟ ଏକ ସପ୍ତାହ ଧରି ନଳକୂଅ ଅଚଳ ହୋଇପଡ଼ିଛି। ଗ୍ରାମର ୨୮ଟି ପରିବାର ପାଇଁ ଗୋଟିଏ ମାତ୍ର ନଳକୂଅ ଥିବାବେଳେ ସେଥିରୁ କାଦୁଅ ମିଶ୍ରିତ ଦୂଷିତ ଜଳ ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେପଟେ ପ୍ରଶାସନ ପକ୍ଷରୁ ସୋଲାର ପାନୀୟଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁଁ ତାହା କାମରେ ଆସୁନି। ଏନେଇ ଗ୍ରାମବାସୀ ଗୁରୁବାର ଜଳ ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ ପାଇଁ କାର୍ଯ୍ୟାଳୟକୁ ଯାଇଥିବାବେଳେ ସେଠାରେ ତାଲା ଝୁଲୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



## ପହଞ୍ଚିଲା ମା' ସମଲେଶ୍ୱରୀଙ୍କ ନିମନ୍ତ୍ରଣ



**ନବରଙ୍ଗପୁର, ୧୯।୧(ସମିସ):** ଗୁରୁବାର ନବରଙ୍ଗପୁରରେ ପହଞ୍ଚିଛି ସମ୍ବଲପୁର ମା' ସମଲେଶ୍ୱରୀଙ୍କ ନିମନ୍ତ୍ରଣ ପତ୍ର। ଆସନ୍ତା ୨୭ରୁ ୩୧ ପର୍ଯ୍ୟନ୍ତ ହେବାକୁ ଥିବା ସମ୍ବଲପୁର ମା' ସମଲେଶ୍ୱରୀଙ୍କ ମନ୍ଦିର ରୂପାନ୍ତରୀକରଣ ଏବଂ ମହାନଦୀ ଆରତି ପ୍ରକଳ୍ପର ଉଦଘାଟନ ପାଇଁ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀ ଏବଂ ଶ୍ରୀଜଗନ୍ନାଥ ମନ୍ଦିରରେ ଏଥିଲାଗି ନିମନ୍ତ୍ରଣ ପ୍ରଦାନ କରିଛନ୍ତି। ସମଲେଶ୍‌ବରୀଙ୍କ ପୀଠରୁ ଆସିଥିବା ମା' ସମଲେଶ୍‌ବରୀଙ୍କ ସେବକ ଶଗନ୍ କୁମାର ରାୟ, ସେବକ ମନୋଜ କୁମାର ରାୟ, ମନ୍ଦିର ଟ୍ରଷ୍ଟି ଦେଓ କୁମାର ଆଜମାରିଆ, ନୋଡାଲ ଅଧିକାରୀ ତଥା ସହକାରୀ ନିର୍ଦ୍ଦେଶକ ନୀଳାଚଳ ସେଠୀ ପ୍ରମୁଖ ନବରଙ୍ଗପୁର ମା' ଭଣ୍ଡାର ଘରଣୀଙ୍କ ମନ୍ଦିର ପହଞ୍ଚିବା ପରେ ମନ୍ଦିର କମିଟି ପକ୍ଷରୁ ଶଙ୍ଖବାଦ୍ୟ, ବାଜା ଓ ମହୁରୀ ସହିତ ଭବ୍ୟ ସ୍ୱାଗତ ଜଣାଇ ପାଛୋଟି ଆଣିଥିଲେ ମା' ଭଣ୍ଡାର ଘରଣୀ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ବୃନ୍ଦ। ଏହାପରେ ମନ୍ଦିର ଭିତରକୁ ପ୍ରବେଶ କରିବା ପରେ ପୂଜାର୍ଚ୍ଚନା ଓ ଆରତି ସରିବା ପରେ ସମଲେଶ୍‌ବରୀଙ୍କ ପୀଠରୁ ଆସିଥିବା ନିମନ୍ତ୍ରଣ ପତ୍ର ମା'ଙ୍କ ନିକଟରେ ଅର୍ପଣ କରାଯାଇଥିଲା। ଏହାପରେ ମା' ଭଣ୍ଡାର ଘରଣୀ ମନ୍ଦିର ପୂଜକ ମୃତ୍ୟୁଞ୍ଜୟ ରଥ, ମନୋଜ କୁମାର ପୂଜାରୀ ଏବଂ ମା' ଭଣ୍ଡାର ଘରଣୀ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଉମାକାନ୍ତ ଷଡ଼ଙ୍ଗୀ, ତାପସ ତ୍ରିପାଠୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ସଂସ୍କୃତି ବିଭାଗ ଅଧିକାରୀ ଘସିଆ ହରିଜନ, ତାପସ ତ୍ରିପାଠୀଙ୍କ ସମେତ ପରେସ ମିଶ୍ର (ଟନି), କାଳୀକିଙ୍କର ପଟ୍ଟନାୟକ, ଆର ପୁରୁଷୋତ୍ତମ ଆଚାରି, ଭିକି ସ୍ୱାର, ବରୁ ପାତ୍ର, ରିଙ୍କୁ, ରାମ ଶଙ୍କର ମହାପାତ୍ର, ନରସିଂହ ତ୍ରିପାଠୀ, ସତ୍ୟବାଦୀ ଷଡ଼ଙ୍ଗୀ, ରାଜେନ୍ଦ୍ର ତ୍ରିପାଠୀ, ତ୍ରିପତି ସ୍ୱାଇଁ ପ୍ରମୁଖଙ୍କ ସମେତ ମନ୍ଦିର ପରିଚାଳନା କମିଟିର ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ରହିଥିଲେ।

## ବିକଳ୍ପ ପକ୍ଷରୁ ପଢ଼ିବା ଓ କହିବା କାର୍ଯ୍ୟକ୍ରମ



**ରାୟଗଡ଼ା,୧୯।୧(ସମିସ):** 'ବିକଳ୍ପ' ଅନୁଷ୍ଠାନ ଉଦ୍ୟମରେ ରାୟଗଡ଼ା ସଦର ବ୍ଲକ୍ କୋଡ଼ାପାଡ଼ି ଗ୍ରାମର ଛାତ୍ରଛାତ୍ରୀଙ୍କୁ ନେଇ 'ପଢ଼ିବା ଓ କହିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ନିଜ ପସନ୍ଦର କିଛି ଶବ୍ଦକୁ ନେଇ ସେହି ବିଷୟରେ କିଛି ମନର କଥା କହିଥିଲେ। କିଛି ପିଲା ପାରମ୍ପରିକ ଗପ କହିଥିବାବେଳେ କିଛି ପିଲା ଗୀତ ଗାଇଥିଲେ। ପିଲାଙ୍କ ଭିତରେ ଥିବା ଉତ୍ସାହ ତଥା ସୃଜନଶୀଳତା ପରିଲକ୍ଷିତ ହୋଇଥିଲା। 'ବିକଳ୍ପ'ର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା, ସଦସ୍ୟ ରବି ଶତପଥୀ ଗପ ଓ ଗୀତ ଗାଇ ନୃତ୍ୟରେ ବିଭୋର କରିଥିଲେ। ସଂଗଠନର ସଭାପତି ତଥା ଶିକ୍ଷାବିତ ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିବାବେଳେ ସେ ପିଲାମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଦକ୍ଷତା ଲୁକ୍କାୟିତ ଅବସ୍ଥାରେ ଥାଏ ଏବଂ ସୁବିଧା ସୁଯୋଗ ପାଇଲେ ତାହା ପ୍ରକାଶିତ ହୋଇଥାଏ। ଏଣୁ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଦକ୍ଷତାର ବିକାଶ ଏବଂ ପ୍ରକାଶ ପାଇଁ ଏହି ଅନୁଷ୍ଠାନ ସବୁ ଦିନପାଇଁ କାର୍ଯ୍ୟ କରିବା ବୋଲି ଡ. ମହାନ୍ତି ପ୍ରକାଶ କରିଥିଲେ। ଶେଷରେ ପିଲାମାନଙ୍କୁ ଫଳ, ବିସ୍କୁଟ, ପଠନ ଓ ଲିଖନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପରିଚାଳନା କରିଥିବାବେଳେ ଡ. ଶଶିଭୂଷଣ ପଟ୍ଟନାୟକ, ଡ. ବିନୋଦ କୁମାର ପାତ୍ର, ଡ.ଅର୍ଚ୍ଚନା ପଟ୍ଟନାୟକ, ସୁଶାନ୍ତ କୁମାର ନାୟକ, ବିପିନ ବିହାରୀ ବିଶ୍ୱାଳ, କୃଷ୍ଣପ୍ରିୟା ସାହାଣୀ, ସନ୍ଧ୍ୟାରାଣୀ ପାତ୍ର ଓ ରବି ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

## ଯୁଗ୍ମ ଶ୍ରମ କମିସନରଙ୍କ ହସ୍ତକ୍ଷେପ ପାଇଁ କାଗଜକଳ କର୍ମଚାରୀଙ୍କ ନିବେଦନ

ଜୟପୁର,୧୯।୧(ସମିସ)



କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସେବା କାଗଜ କଳ କର୍ମଚାରୀ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପ୍ରସ୍ତାବିତ ଧାରଣାକୁ ସ୍ଥଗିତ ରଖାଯାଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରମ ଯୁଗ୍ମ ସମ୍ପାଦକ ଏହି ମାମଲାରେ ହସ୍ତକ୍ଷେପ କରିବା ସହିତ କର୍ମଚାରୀମାନଙ୍କୁ ନିୟମିତ ଦରମା ଏବଂ ପୂର୍ବତନ କର୍ମଚାରୀଙ୍କ ସମସ୍ତ ବକେୟା ଟଙ୍କା ପ୍ରଦାନ ନେଇ କାଗଜକଳ କର୍ତ୍ତୃପକ୍ଷଙ୍କ ଚାପ ସୃଷ୍ଟି କରିବା ନେଇ ଯୁଗ୍ମ ସମ୍ପାଦକଙ୍କୁ ହସ୍ତକ୍ଷେପ କରିବା ନେଇ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ କର୍ମଚାରୀ ସଂଘକୁ ଯୁଗ୍ମ କମିସନରଙ୍କ ଅନୁରୋଧ କ୍ରମ ସ୍ଥଗିତ ରଖାଯାଇଛି ବୋଲି ସଂଘର ସମ୍ପାଦକ ପ୍ରମୋଦ ମହାନ୍ତି ସୂଚନା ଦେଇଛନ୍ତି। ଅବସରପ୍ରାପ୍ତ ଶ୍ରମିକମାନେ ଗ୍ରାଚ୍ୟୁଇଟି ପାଇବା ନେଇ ଶ୍ରମ ଅଦାଲତରେ ମାମଲା ରୁଜୁ କରିଥିଲେ ସୁଦ୍ଧା ପରିଚାଳନା କର୍ତ୍ତୃପକ୍ଷ ଜାଣିଶୁଣି ଅଣଦେଖା, ବିଳମ୍ବ କରୁଥିବା ନେଇ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। କାରଖାନା କର୍ତ୍ତୃପକ୍ଷ ମାସିକ ୫-୫୦୦ ମେଟ୍ରିକ ଟନ୍ ଉତ୍ପାଦନ ସମସ୍ତଙ୍କ ବକୟା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାରମ୍ବାର ଉତ୍ପାଦନ ବନ୍ଦ ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି। କାରଖାନାରେ ବିଭିନ୍ନ ସମସ୍ୟା ରହିଥିଲେ ସୁଦ୍ଧା ମିଳିତ ସଂଘ ଓ ପରିଚାଳନା କର୍ତ୍ତୃପକ୍ଷ ବୈଠକ ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି ନିବେଦନ କରିଛନ୍ତି। ଶ୍ରମ ବିଭାଗ ଯୁଗ୍ମ କମିସନର ନରେନ୍ଦ୍ର ରାଇକା କହିଛନ୍ତି ଯେ ଗ୍ରାଚ୍ୟୁଇଟି ମାମଲା ତ୍ୱରାନ୍ୱିତ କରିବା ପାଇଁ ସବୁ ପଦକ୍ଷେପ ନେଉଛନ୍ତି। ଆସନ୍ତା ୩୦ ତାରିଖରେ ଜିଲ୍ଲା ଶ୍ରମ ଅଧିକାରୀ କାରଖାନାକୁ ଗସ୍ତ କରିବା ସହିତ ସମୀକ୍ଷା ଓ ତଦନ୍ତ ପରେ ରିପୋର୍ଟ ଅନୁଯାୟୀ, ଆବଶ୍ୟକ ପଡ଼ିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଆଲୋଚନାବେଳେ ସର୍ବଶ୍ରୀ ବନମାଳୀ ପାତ୍ର, ଅଲେଖ ପାତ୍ର, ଡିପି ଅଗସ୍ତି, ଅଜୟ ବଳ, ଆର୍. ଭେଙ୍କଟ, ହନୁମନ୍ତ ରାଓ, ଗୋବିନ୍ଦ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ହାଇସ୍କୁଲ ପ୍ରଧାନଶିକ୍ଷକ

ଭବାନୀପାଟଣା/ଗାଇଗାଁ, ୧୯ ।୧ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଅଧମୁଣ୍ଡାସ୍ଥିତ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଗସ୍ତି ସାହୁ ଜଣେ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି । ଶୁକ୍ରବାର ଅପରାହ୍ଣରେ ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ନିଜ ସ୍କୁଲ ଅଫିସ୍‌ରେ ଜଣେ ଠିକାଦାର ଯୁଧିଷ୍ଠିର ଭଗତଙ୍କଠାରୁ ସ୍କୁଲର '୫-ଟି' ରୂପାନ୍ତରୀକରଣ ବାବଦକୁ ୨୨ ଲକ୍ଷ ୫୩ ହଜାର ୮୫୮ ଟଙ୍କାର ଫାଇନାଲ ବିଲ୍ କରିଦେବାକୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କଠାରୁ ଟଙ୍କା ଜବତ କରିବା ସହ ଗିରଫ କରିଥିଲା ।



ସୂଚନାଯୋଗ୍ୟ ଯେ ସ୍କୁଲ ରୂପାନ୍ତରୀକରଣର ଫାଇନାଲ ବିଲ୍ କରାଇଦେବାକୁ ପ୍ରଧାନ ଶିକ୍ଷକ ଲାଞ୍ଚ ଦାବି କରୁଥିବା ବେଳେ ଏନେଇ ଠିକାଦାରଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପାଇବା ପରେ ଭିଜିଲାନ୍ସ ବିଭାଗ ଶ୍ରୀ ସାହୁଙ୍କୁ ଧରିବାକୁ ଜାଲ ବିଛାଇଥିଲା । ଆଜି ସ୍କୁଲ କାର୍ଯ୍ୟାଳୟରେ ସେ ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲା । ଏନେଇ କୋରାପୁଟ ଭିଜିଲାନ୍ସ ନମ୍ବର ୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

## ନଗର ଉନ୍ନୟନ ବିଭାଗର ବଡ଼ ବଦଳି

# ୩୦ ପୌରସଂସ୍ଥାରେ ନୂଆ ନିର୍ବାହୀ ଅଧିକାରୀ

ଭୁବନେଶ୍ୱର, ୧୯ ।୧(ସମିସ): ଶୁକ୍ରବାର ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଓ ଓଡ଼ିଶା ରାଜସ୍ୱ ସେବା (ଓଆରଏସ), ଓଡ଼ିଶା ପୌର ପ୍ରଶାସନ ସେବା (ଓଏମ୍‌ଏସ୍) ଓ ଏଲ୍‌ଏଫ୍‌ଏସ୍‌ସ୍ତରରେ ଏକ ବଡ଼ ଧରଣର ଅଦଳ ବଦଳ କରିଛନ୍ତି । ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ୪୪ଜଣ ଅଫିସରଙ୍କୁ ବଦଳି କରାଯାଇଥିବାବେଳେ ୩୦ ପୌର ସଂସ୍ଥାରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି ।

ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁସାରେ ବିଏମସି ଅତିରିକ୍ତ କମିସନର ତଥା ବରିଷ୍ଠ ଓଏଏସ୍ ଶୁଭେନ୍ଦୁ କୁମାର ସାହୁଙ୍କୁ କଟକ ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ଅବସ୍ଥାପିତ କରାଯାଇଛି । ଅନୁରୂପ ଭାବରେ ସମ୍ବିତ କୁମାର ରାଉତଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର, ତରୁଣକାନ୍ତିଙ୍କୁ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର, ବିନୋଦ କୁମାର ବେହେରାଙ୍କୁ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର, ରାକେଶ କୁମାର ପାତ୍ରଙ୍କୁ ଭୁବନେଶ୍ୱର ମହାନଗର ନିଗମର ସହକାରୀ କମିଶନର, ଜସ୍ମିନ କୁମାର ପ୍ରଧାନ ଓ ଅଜୟ କୁମାର ମହାନ୍ତିଙ୍କୁ ଭୁବନେଶ୍ୱର ମହାନଗର ନିଗମ ଡେପୁଟି କମିଶନର ଭାବେ ବଦଳି କରାଯାଇଛି । ସେହିପରି ସ୍ୱାତୀ ମିଶ୍ରଙ୍କୁ କଟକ ମହାନଗର ନିଗମର ସହକାରୀ କମିସନ, ସ୍ୱାଗତ ଦାସ ଓ ରମେଶ ଚନ୍ଦ୍ର ଜେନାଙ୍କୁ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିସନର ରୂପେ ଅବସ୍ଥାପିତ କରାଯାଇଛି ।

ଅନ୍ୟପକ୍ଷରେ ସୁକାନ୍ତ ଚନ୍ଦ୍ର ବେଉରାଙ୍କୁ

**ବଦଳିଲେ ୯ ଅତିରିକ୍ତ ଓ ଡେପୁଟି କମିସନର**

କବିସୂର୍ଯ୍ୟନଗର ଏନଏଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ନେହଲତା ଆଚାର୍ଯ୍ୟଙ୍କୁ ନୟାଗଡ଼ ମ୍ୟୁନିସିପାଲଟି, ପଲ୍ଲବୀ ବେହେରାଙ୍କୁ ପିପିଲି ଏନଏସି, ବିଶ୍ୱଜିତ ରାୟଙ୍କୁ ବଡ଼ବିଲ ମ୍ୟୁନିସପାଲିଟି, ପ୍ରମୋଦ କୁମାର ପାଢ଼ୀଙ୍କୁ କୋଟପାଡ଼ ଏନଏସି, ଦ୍ୟୁତିକୃଷ୍ଣ ପାତ୍ରଙ୍କୁ କୋରାପୁଟ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି । ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କୁ ସୋରଡ଼ା ଏନଏସି, ରାଜେନ୍ଦ୍ର କୁମାର ଖୋରାଙ୍କୁ ମାଲକାନଗିରି ମ୍ୟୁନିସପାଲଟି, ସାମନ୍ତ ବିଶ୍ୱମ୍ବର ମହାପାତ୍ରଙ୍କୁ ବେଲଗୁଣ୍ଠା ଏନଏଏସି, ପ୍ରେମଲଳଲ ହିଆଲଙ୍କୁ ବୁଗୁଡ଼ା ଏନଏଏସି, ମୁରଲୀକୃଷ୍ଣ ପଣ୍ଡାଙ୍କୁ ଭଞ୍ଜନଗର ଏନଏଏସି, ଗୋବିନ୍ଦ ଦଣ୍ଡସେନାଙ୍କୁ ପୁରୁଷୋତ୍ତମପୁର ଏନଏଏସି, ପ୍ରସନ୍ନ କୁମାର ଦାଶଙ୍କୁ ନୀଳଗିରି ଏନଏଏସି, ଆକୃତି ଗୋଏଙ୍କାଙ୍କୁ ଜୁନାଗଡ଼ ଏନଏଏସି, ଅଭିଷେକ ପଣ୍ଡାଙ୍କୁ ପାରାଦୀପ ମ୍ୟୁନିସପାଲଟି, ରଶ୍ମିରଞ୍ଜନ ଦାସଙ୍କୁ ବୀରମିତ୍ରପୁର ଏନଏଏସି, ଆଶୁତୋଷ ଗୌରବ କରଙ୍କୁ କେନ୍ଦ୍ରାପଡ଼ା ମ୍ୟୁନିସପାଲଟି, ସୌମ୍ୟରଞ୍ଜନ ମିଶ୍ରଙ୍କୁ ରାୟଗଡ଼ା ମ୍ୟୁନିସପାଲଟି, ସୁଜିତ୍ କୁମାର ଚୌଧୁରୀଙ୍କୁ ପାରଳାଖେମୁଣ୍ଡି ମ୍ୟୁନିସପାଲଟି, କୃଷ୍ଣଚନ୍ଦ୍ର ରଥଙ୍କୁ କୋଦଳା ଏନଏଏସି, ପୂଜା ରାଉତଙ୍କୁ ଦଶପଲ୍ଲା ଏନଏଏସି, ୟସିର ବିଲାଲ ଅହମ୍ମଦଙ୍କୁ ଛତ୍ରପୁର ଏନଏଏସି, ଅଶୋକ କୁମାର କର୍ଣ୍ଣଙ୍କୁ ଦିଗପହଣ୍ଡି ଏନଏଏସି, ସମ୍ବିତ ସଂଗ୍ରାମଜିତ୍ ସାହୁଙ୍କୁ ଯାଜପୁର ମ୍ୟୁନିସପାଲଟି, ସମ୍ବିତ ଦାଶଙ୍କୁ ଝାରସୁଗୁଡ଼ା ମ୍ୟୁନିସପାଲଟି, ଅକ୍ଷୟ କୁମାର ବଡ୍ଡୁଙ୍କୁ ଜଗତସିଂହପୁର ମ୍ୟୁନିସପାଲଟି, ସୂର୍ଯ୍ୟମଣି ପାଟଯୋଶୀଙ୍କୁ ଜଟଣୀ ମ୍ୟୁନିସପାଲଟି, ପ୍ରଦୀପ କୁମାର ଶାହଙ୍କୁ ଆଠଗଡ଼ ଏନଏଏସି, ମନୋଜ କୁମାର ତାଣ୍ଡିଙ୍କୁ ଟିଟିଲାଗଡ଼ ମ୍ୟୁନିସପାଲଟି ଓ ବନମାଳୀ ଶତପଥୀଙ୍କୁ ଉମରକୋଟ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି ।

# ଅସୀମ ଧୈର୍ଯ୍ୟ, ଦୃଢ଼ ଇଚ୍ଛାଶକ୍ତି ଏବଂ ଅଦମ୍ୟ ସାହସର ଜୀବନ

ବିଗତ ୧୫ ଦିନ ହେବ, ବାପା ଅସୁସ୍ଥ ଥିଲେ । ମୁଁ ଦେଖେ, ସେ ସବୁବେଳେ ତାଙ୍କର ଦୁଇଟି ହାତକୁ ପ୍ରାର୍ଥନା ମୁଦ୍ରାରେ ଟେକି ରଖୁଥିଲେ । କେବେକେବେ ଶାନ୍ତ ମନରେ ଗୁଣୁଗୁଣାଉଥିଲେ ଯେ ସିଏ କେମିତି ଏଭଳି ଅସୁସ୍ଥ ହୋଇପଡ଼ିଲେ । କାହିଁକି ତାଙ୍କୁ ଗୋଟିଏ ଡାକ୍ତରଖାନାରୁ ଆଉ ଏକ ଡାକ୍ତରଖାନାକୁ ନିଆଯାଉଛି ଆଉ ନାନା ଜାତିର ଡାକ୍ତରୀ ପରୀକ୍ଷା ନିରୀକ୍ଷା କରି ଚିକିତ୍ସା କରାଯାଉଛି । ସିଏ ଜୀବନରେ କାହାକୁ ଦୁଃଖ ଦେଇ ନାହାନ୍ତି କି କାହାର ଅମଙ୍ଗଳ ପାଂଚି ନାହାନ୍ତି । ଏପରିକି ଅତୀତରେ ତାଙ୍କ ପ୍ରତି ଶତ୍ରୁତା ଆଚରଣ କରିଥିବା ଲୋକଙ୍କୁ ବି ଅସୂୟା ଭାବ ଦେଖେଇନାହାନ୍ତି ତେବେ ତାଙ୍କୁ କାହିଁକି ଏଭଳି ଶାରୀରିକ ଯନ୍ତ୍ରଣା ଭୋଗିବାକୁ ପଡୁଛି । ଏମିତି ଭାବି ସେ ସବୁବେଳେ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରୁଥିଲେ ଏବଂ ଭଗବାନଙ୍କ ନିଷ୍ପତ୍ତିକୁ ଅପେକ୍ଷା କରି ରହୁଥିଲେ ।



ନିଜ ଗୋଡ଼ରେ ନିଜେ ଠିଆ ହୋଇଥିବା ଜଣେ କର୍ମଠ ମଣିଷ ହୋଇଥିବାରୁ ସେ କେବେ ବି କାହାର ଦୟାରେ ବଞ୍ଚିବାକୁ ଚାହୁଁ ନଥିଲେ । ସେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜଣେ ପରମ ଭକ୍ତ ଥିଲେ, କର୍ମ ଓ ଧର୍ମ ଉପରେ ଗଭୀର ଭାବେ ବିଶ୍ୱାସ ରଖୁଥିଲେ । ଜାନୁଆରୀ ୧୦ତାରିଖ ୨୦୨୪ର ପାହାନ୍ତାରେ ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ । ଆମେ ତାଙ୍କୁ ତୁରନ୍ତ ନେଇଗଲୁ ଭୁବନେଶ୍ୱର ସ୍ଥିତ ଏମ୍ସ ଡାକ୍ତରଖାନାକୁ, ଯେଉଁଠି ସିଏ ସପ୍ତାହେ ଧରି ଚିକିତ୍ସିତ ହେଉଥିଲେ । ସେଇଠି ଅନେକ ଦକ୍ଷ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ଥିଲେ, ହେଲେ ଚିକିତ୍ସାକାଳରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ମୁଁ ମନେ ପକାଏ ଆମର ଅତୀତର ଦିନମାନଙ୍କୁ । ବାପା ଓ ମୁଁ, ଅନେକ ସମୟରେ ଆଲୋଚନା କରୁଥିଲୁ ଆମ ଗାଁର ବଳଶାଳୀ ଲୋକମାନଙ୍କର ଉତ୍ଥାନ ଓ ପତନର କଥା, ତାଙ୍କର ଅହଂକାର, ଆଉ ସେମାନଙ୍କର କଦର୍ଥ ବିଚାର ସବୁକୁ ।ଏ ସବୁକଥା ଆଲୋଚନା ହେଲେ ସେ ସବୁବେଳେ କହନ୍ତି "ସବୁକଥାକୁ ସମୟ କହିବ" । ବେଙ୍ଗଲ ରାଜ୍ୟର ସୀମାକୁ ଲାଗି ରହିଥିବା ଭୋଗରାଇ ବ୍ଲକର ଏକ ନିପଟ ଗାଁ ନରସିଂପୁରରେ ୧୯୩୨ ମସିହାରେ ବାପା ଜନ୍ମଲାଭ କରିଥିଲେ ।ତାଙ୍କ ଜନ୍ମର ୪ ବର୍ଷ ପରେ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା । ସିଏ ଗାଁ ସ୍କୁଲରେ ପାଠପଢି ଥିଲେ ପିଲାବେଳରୁ ଘରେ ରହୁଥିବା ମାନସିକ ରୋଗୀ ଭାଇ ଓ ଶଯ୍ୟାଶାୟୀ ମା'ର ଦାୟିତ୍ୱକୁ ସିଏ ଜଣେ ସମ୍ଭାଳିଥିଲେ । ସେଇଥିପାଇଁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ୧୦ ବର୍ଷ ବୟସରୁ ପାଠପଢ଼ା ଛାଡ଼ି ଦେଇଥିଲେ । ଖାଲି ପାଦରେ ମାଇଲ ମାଇଲ ବାଟ ଚାଲିବା ସହ ଦିନରାତି କଠିନ ପରିଶ୍ରମ କରି ଗୋଟେ ଛୋଟ ଚାଉଳ ବ୍ୟବସାୟ କଲେ ଏବଂ ନିଜ ପରିବାର ପ୍ରତିପୋଷଣ କରିବାରେ ସମର୍ଥ ହୋଇଥିଲେ । ପଚାଶ ଓ ଷାଠିଏ ଦଶକରେ ଆମ ଗାଁ ଭଳି ନିପଟ ଗ୍ରାମାଞ୍ଚଳମାନଙ୍କୁ ଭଲ ଭାବେ ସରକାରୀ ପ୍ରଶାସନିକ ବ୍ୟବସ୍ଥା ପହଞ୍ଚିପାରିନଥିଲା । ନିଜ ପରିବାରକୁ ସୁରକ୍ଷିତ ରଖିବା, ସାମନ୍ତବାଦୀ ବ୍ଯବସ୍ଥା ବିରୁଦ୍ଧରେ ସ୍ୱର ଉଠେଇବା, କୋର୍ଟ ମାମଲା ଲଢିବା ସହ ତାଙ୍କ ପୁଅକୁ କଲେକ୍ଟର କରିବାକୁ ସ୍ୱପ୍ନ ଦେଖୁଥିଲେ । ତାଙ୍କ ଜୀବନ ସଂଘର୍ଷ ଆମ ଅଞ୍ଚଳର ଲୋକଙ୍କ ପାଇଁ ଏକ କାହାଣୀ ।

ମୋର ମନେ ଅଛି, ଆମର ଜଣେ ଦୁର୍ବୃତ୍ତ ପଡ଼ୋଶୀର ଚେହେରାକୁ, ଯିଏ କଞ୍ଚା ମାଟି ସଂଗ୍ରହ କରି, ତାକୁ ଭଲରେ ପାଗ କରି, ଛୋଟଛୋଟ ମାଟିର ବଲ୍ ତିଆରି କରୁଥିଲା ଏବଂ ଖରାରେ ବହୁତ ଦିନଧରି ଶୁଖାଉଥିଲା । ସେଇ ଗୋଟି ସବୁ କଠିନ ବୁଲେଟ୍ ଭଳି ଟାଣ ହେଉଥିଲା । ସେ ସେହି ବୁଲେଟ୍‌କୁ ଗୁଲେର୍‌ରେ ବ୍ୟବହାର କରି ଗାଁର ପନିପରିବା ଏବଂ ଫସଲ ନଷ୍ଟ କରୁଥିବା ମାଙ୍କଡ଼ମାନଙ୍କ ଉପରେ ବାରମ୍ବାର ପ୍ରୟୋଗ କରୁଥିଲା । ଆକ୍ରୋଶ ହେତୁ ଅନେକ ସମୟରେ ଆମ ପରିବାର ଉପରେ ବି ଉକ୍ତ ଗୋଟିକୁ ବ୍ୟବହାର କରୁଥିଲା । ସେତେବେଳେ ଆମର ନିପଟ ଗାଁରେ ଆଇନ ଶୃଂଖଳା ନଥିଲା କି ରାସ୍ତାଘାଟ ତଥା ବିଦ୍ୟୁତ୍ ସଂଯୋଗ ନଥିଲା । ଗାଁରେ ଏକ ଭୟର ବାତାବରଣ ଥିଲା । ସୂର୍ଯ୍ୟାସ୍ତ ପରେପରେ ଗାଁର ସବୁ ଲୋକ କବାଟ ଝରକା ବନ୍ଦ କରି ଦେଉଥିଲେ । ଏଭଳି ଅନେକ ଘଟଣାମାନ ଘଟିଯିବା ଫଳରେ ଗାଁ ଲୋକଙ୍କ ସହ ଆମର ସଂପର୍କ ତିକ୍ତ ହେବା ଲାଗିଲା । ଆମର ପଡୋଶୀ ଆମକୁ ଗାଁରୁ ତଡ଼ିଦେବାକୁ ଯୋଜନା କଲେ । ଆମକୁ କେହି ବି ସାହାଯ୍ୟ କରିବାକୁ ପାଖରେ ନଥିଲେ । ବଞ୍ଚିବା ପାଇଁ ଆମର ସଂଗ୍ରାମ ଜାରିରହିଥିଲା । ମୋ ବାପା ବିଶ୍ୱାସ ରଖୁଥିଲେ ଯେ ଭଗବାନ ତାଙ୍କୁ ନିଶ୍ଚୟ ସାହାଯ୍ୟ କରିବେ । ନ୍ୟାୟ ପାଇଁ ଦୀର୍ଘଦିନର ଲଢ଼େଇ ପରେ ବାଲେଶ୍ୱର ଜିଲ୍ଲାପାଳ ୧୯୯୯ ମସିହାରେ "ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟର ଅଧିନିୟମ ୫୯(୧) ଧାରା ଅନୁସାରେ ଅନ୍ୟ ଲୋକଙ୍କ ଦ୍ୱାରା ହଡ଼ପ ହୋଇଥିବା ମୋ ବାପାଙ୍କ ଦୁଇଟି ଜମିକୁ ପୁନଃ ହସ୍ତାନ୍ତର କରିଥିଲେ ।

ଏଭଳି ଅନେକ ଘାତପ୍ରତିଘାତ ସତ୍ତ୍ୱେ ମୋ ବାପା ଦୀର୍ଘ ୯୨ବର୍ଷ ପର୍ଯ୍ୟନ୍ତ ଏକ ଆଦର୍ଶ ପୁରୁଷ ଭାବରେ ବଂଚି ରହିଲେ । ସିଏ ଆମକୁ ସହନଶୀଳ ହେବାକୁ ଶିଖାଇଥିଲେ । ଏବେ ସେ କାଳରାତି ସବୁ ବିତି ଯାଇଛି । ଆମ ଶତ୍ରୁମାନଙ୍କର ଜୀବନ ଆମ ସାମ୍ନାରେ ହିଁ ଅତି କରୁଣ ଭାବରେ କଟିଛି । ମୋର ବାପା, ତାଙ୍କର ଦୀର୍ଘ ଜୀବନ କାଳ ମଧ୍ୟରେ ଭଗବାନଙ୍କ ଆଶୀର୍ବାଦକୁ ଜଳଜଳ ଦେଖିଛନ୍ତି ଏବଂ ଉପଭୋଗ କରିଛନ୍ତି । ପିଲାବେଳେ ମୋ ଦେହରେ ବାଜିଥିବା ସେଇ ମାଟିରେ ତିଆରି ବୁଲେଟ୍ ମାଡ଼ର ଚିହ୍ନ ଏବେ ବି ମୋ ଦେହରେ ଗୋଟେ ଛାତିଥରା ସ୍ମୃତି ହୋଇ ଉଜ୍ଜୀବିତ ରହିଛି । ■

ବିଷ୍ଣୁପଦ ସେଠୀ

## ଅବହେଳା ଲୁଚାଇବାକୁ ଭୂତ ଗୁଜବ

# ୬ ଦିନରେ ୩୦ ଛାତ୍ରୀ ଅସୁସ୍ଥ

ଫିରିଙ୍ଗିଆ, ୧୯ ।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ଡିଣ୍ଡିରାଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ ଛାତ୍ରୀନିବାସରେ ଏବେ କିଛି ଦିନ ହେଲା ଭୂତ ଆତଙ୍କ ନେଇ ଏକ ଗୁଜବ ଦେଖାଦେଇଛି । ଭୂତ ଭୟରେ ଛାତ୍ରୀନିବାସରେ ରହୁଥିବା ଛାତ୍ରୀମାନଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି । ଗତ ୬ ଦିନରେ ଛାତ୍ରୀନିବାସର ୨୫ରୁ ୩୦ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି ।

ଗତ ନଭେମ୍ବରରେ ଏହି ଛାତ୍ରୀ ନିବାସଟି ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏଠାରେ ଶହେ ଜଣ ଛାତ୍ରୀ ରହୁଛନ୍ତି । କିଛି ଦିନ ହେଲା ଏଠାରେ ଛାତ୍ରୀମାନେ ଜଣକ ପରେ ଜଣେ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହେଉଛନ୍ତି । ତେବେ କେଉଁ କାରଣରୁ ଏପରି ହେଉଛି, ତାହା ଜାଣିବା ପାଇଁ ଏକ ମେଡିକାଲ ଟିମ୍ ଛାତ୍ରୀନିବାସରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛି । ପିଲାମାନଙ୍କୁ ଠିକ୍ ଭାବରେ ଖାଇବା ଦିଆଯାଉ ନଥିବାରୁ

**ପିଲାଙ୍କ ଠିକ୍ ଭାବେ ଖାଇବାକୁ ଦିଆଯାଉନଥିବା ଅଭିଯୋଗ**

ସେମାନେ ଦୁର୍ବଳ ହୋଇ ଏମିତି ଅସୁସ୍ଥ ହୋଇପଡୁଛନ୍ତି ବୋଲି ଡାକ୍ତରମାନେ କହିଛନ୍ତି । ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଛାତ୍ରୀନିବାସ ଦାୟିତ୍ୱରେ ଥିବା ମେଟ୍ରନଙ୍କ ଉପରେ ଅସନ୍ତୋଷ ଜାହିର କରିଛନ୍ତି ।

ସୂଚନାଯୋଗ୍ୟ ଯେ ଏହି ଛାତ୍ରୀନିବାସର ସୁପରିନ୍‌ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅର୍ପିତା ଚିନ୍ନାରାଓ ଛୁଟିରେ ଅଛନ୍ତି । ଏବେ ଛାତ୍ରୀନିବାସର ସମ୍ପୂର୍ଣ୍ଣ ଦାୟିତ୍ୱ ତପସ୍ୱିନୀ ଦିଗାଲ ନାମକ ଜଣେ ମେଟ୍ରନଙ୍କୁ ଦିଆଯାଇଛି । ତେବେ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଛୁଟିରେ ଥିବାରୁ ମେଟ୍ରନ୍‌ଜଣଙ୍କ ଛାତ୍ରୀମାନଙ୍କ ଖାଇବା ପିଇବାରେ ଅବହେଳା ପ୍ରଦର୍ଶନ କରୁଥିବା କିଛି ଛାତ୍ରୀ ଓ ଅଭିଭାବକ ମଧ୍ୟ ଅଭିଯୋଗ କରିଛନ୍ତି । ଏନେଇ ଅଧ୍ୟକ୍ଷଙ୍କୁ ପଚାରିବାରୁ ସମସ୍ୟାର ସମାଧାନ କରିବା ପାଇଁ ସମସ୍ତ ଚେଷ୍ଟା ଚାଲିଛି । ଜିଲ୍ଲାରୁ ଏକ ମେଡିକାଲ ଟିମ୍‌କୁ ମଧ୍ୟ ଖବର ଦିଆଯାଇଛି । ସେମାନେ ଆସିଲେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅସୁସ୍ଥତାର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି ।

# ଋଣ ଟଙ୍କା ଶୁଝିନପାରି ଚାଷୀଙ୍କ ଆତ୍ମହତ୍ୟା

କାମାକ୍ଷାନଗର, ୧୯।୧ (ସମିସ): ଚାଷ ପାଇଁ ଘରୋଇ ସଂସ୍ଥାଠାରୁ ଋଣ ଆଣିଥିଲେ । ଭଲ ଚାଷ ହେଲେ ଦି'ପଇସା ରୋଜଗାର କରିବା ସହ ଋଣ ପରିଶୋଧ କରିବାକୁ ଲକ୍ଷ୍ୟ ରଖିଥିଲେ । କିନ୍ତୁ ଯେମିତି ଯୋଜନା କରିଥିଲେ, ସେମିତି ହେଲାନି । ଏବର୍ଷ ଫସଲ ଭଲ ଅମଳ ହେଲାନି । ତେଣୁ ଋଣ କେମିତି ଶୁଝିବେ, ସେଇ ଚିନ୍ତାରେ କିଛି ଦିନ ଦହଗଞ୍ଜ ହେବା ପରେ ଶେଷରେ ଆତ୍ମହତ୍ୟା ଭଳି ଚରମପନ୍ଥାକୁ ବାଛିନେଲେ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କାମାକ୍ଷାନଗର ଥାନା ଖୁରୁସିଆ ଗ୍ରାମରେ । ମୃତକ ହେଲେ, ଗ୍ରାମର କେଶବ ମଳିକ । ବେକରେ ଦଉଡ଼ି ଦେଇ ସେ ଆତ୍ମହତ୍ୟା କରିଛନ୍ତି । ସୂଚନାନୁଯାୟୀ, କେଶବ ଚଳିତ ବର୍ଷ ଚାଷ ପାଇଁ ଗ୍ରାମୀଣ କୋର୍ଟ, ସମସ୍ଥା, ବନ୍ଧନ ଭଳି ଘରୋଇ ସଂସ୍ଥାଠାରୁ ଲକ୍ଷାଧିକ ଟଙ୍କା ଋଣ ଆଣିଥିଲେ । ଭଲ ଫସଲ ହେଲେ ଦୁଇ ପଇସା ରୋଜଗାର କରିବା ସହ ଋଣ ପରିଶୋଧ କରିବାର ଲକ୍ଷ୍ୟ ରଖିଥିଲେ । କିନ୍ତୁ ଭଲ ଫସଲ ନହେବାରୁ ଧାର ଟଙ୍କା କିପରି ଶୁଝିବେ, ସେ ନେଇ ଚିନ୍ତିତ ଥିଲେ କେଶବ । ବିଭିନ୍ନ ସମୟରେ ଘରୋଇ ସଂସ୍ଥାର ଋଣ ଆଦାୟକାରୀମାନେ ଘରେ ବସି ଟଙ୍କା ମାଗୁଥିବା ଯୋଗୁଁ ଚିନ୍ତା ବଢ଼ିଯାଇଥିଲା । ଶେଷରେ ଅନ୍ୟ ଉପାୟ ନ ପାଇ ଆଜି ଅପରାହ୍ଣରେ ସେ ଘରେ କେହି ନଥିବା ବେଳେ ପାଇଖାନା ଭିତରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି ।

# ୨ ମାସରେ ଶିମିଳିପାଳରୁ ଜବତ ହେଲାଣି ୨୩ ଦେଶୀ ବନ୍ଧୁକ

## ୯ ଥାନାରେ ୧୪ଟି ମାମଲା, ୮ ଗିରଫ




ବାରିପଦା, ୧୯।୧ (ସମିସ): ଗତବର୍ଷ ନଭେମ୍ବର ଓ ଡିସେମ୍ବର ମାସରେ ପୁଲିସ୍ ପକ୍ଷରୁ ହୋଇଥିବା ସର୍ଚ୍ଚ ଅପରେସନ୍‌ର ତୃତୀୟ ପର୍ଯ୍ୟାୟରେ ଶିମିଳିପାଳ ଅଭୟାରଣ୍ୟରୁ ୨୩ଟି ଦେଶୀ ବନ୍ଧୁକ ଜବତ ହୋଇଛି । ଏନେଇ ଜିଲ୍ଲାର ବିଭିନ୍ନ ଥାନାରେ ମୋଟ ୯ଟି ୧୪ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ବେଆଇନ କାରବାରରେ ସଂପୃକ୍ତ ମୋଟ ୮ଜଣଙ୍କୁ ଗିରଫ କରିଛି । ବାରିପଦାସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଏସ୍ ସୁଶ୍ରୀ ଏହି ସୂଚନା ଦେଇଛନ୍ତି ।

ଏସ୍‌ପିଙ୍କ ସୂଚନାନୁଯାୟୀ, ଶିମିଳିପାଳ ସଂଲଗ୍ନ ଥିବା ୯ଟି ଥାନା ଅଧୀନରେ ଥିବା ଗାଁଗୁଡ଼ିକରୁ ସମସ୍ତ ୨୩ଟି ଦେଶୀବନ୍ଧୁକ ଜବତ ହୋଇଛି । ସେଥିମଧ୍ୟରୁ ବାରିପଦା ସଦର ଥାନା, ଶରତ ଥାନା, କରଞ୍ଜିଆ ଥାନା, ଯଶିପୁର ଥାନା ଓ ଠାକୁରମୁଣ୍ଡା ଥାନା ଗୋଟିଏ ଲେଖାଏଁ ବନ୍ଧୁକ ଜବତ ହୋଇଥିବା ବେଳେ ବଡ଼ସାହି ଥାନା ୩ଟି, ଉଦଳା ଥାନା ୫ଟି, ଖୁଣ୍ଟା ଥାନା ୮ଟି ଓ କପ୍ତିପଦା ଥାନା ଦ୍ୱାରା ୨ଟି ଦେଶୀ ବନ୍ଧୁକ ଜବତ କରିଛି ।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ବନ କର୍ମଚାରୀଙ୍କ ମୃତ୍ୟୁ ପରେ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ଶିମିଳିପାଳ ସୁରକ୍ଷା ଅଭିଯାନରେ ମୟୂରଭଞ୍ଜ ପୁଲିସ ପକ୍ଷରୁ ଶିକାରୀମାନଙ୍କୁ ବନ୍ଧୁକ ସମର୍ପଣ କରିବା ପାଇଁ ନିବେଦନ କରାଯାଇଥିଲା । ଏଥିପାଇଁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ତତ୍‌ସହିତ ଶିମିଳିପାଳ ସୁରକ୍ଷା ପାଇଁ ଏବେ ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯାଇଛି । ଅଭୟାରଣ୍ୟର ସଂଲଗ୍ନ ଗ୍ରାମରୁ ସର୍ଚ୍ଚଅପରେସନ ଯୋଗେ ବେଆଇନ ବନ୍ଧୁକ ଜବତ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ୧୬୫ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭୧ଟି ଦେଶୀ ବନ୍ଧୁକ ଜବତ ହୋଇଥିଲା । ଅପରେସନ୍‌ର ତୃତୀୟ ପର୍ଯ୍ୟାୟରେ ୨୩ଟି ଦେଶୀବନ୍ଧୁକ ଜବତ ହୋଇଛି । ତେବେ ବନ୍ଧୁକ ଯୋଗାଣକାରୀ ଓ ନିର୍ମାଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବେଶପ୍ରେମୀ ଦାବି କରିଛନ୍ତି ।

DADLS-86
ଓଡ଼ିଶା ସରକାର



ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୦ ଜାନୁଆରୀ, ୨୦୨୪

ସକାଳ – ଘ.୮.୩୦ ମିନିଟ ସମୟରେ କଳ୍ପନା ଛକ, ଭୁବନେଶ୍ୱରସ୍ଥିତ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା - ଘ.୫.୩୦ ମିନିଟ - ସାଧାରଣ ସଭା ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀ ସମୀର ରଞ୍ଜନ ଦାଶ, ମାନ୍ୟବର ବିଧାୟକ, ନିମାପଡ଼ା
ସମ୍ମାନନୀୟ ଅତିଥି – କସ୍ତୁରୀ ମହାପାତ୍ର, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି, ବିଶିଷ୍ଟ ସାହିତ୍ୟିକ ଓ ସମ୍ପାଦକ
ଧନ୍ୟବାଦ ଅର୍ପଣ – ଡାକ୍ତର ବସନ୍ତ ପତି, ସଭାପତି, ଚାଖି ଖୁଣ୍ଟିଆ ସ୍ମୃତି ସମିତି

ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ଭକ୍ତି ସଙ୍ଗୀତ, ଦେବଦାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0275/2324

DADLS-85
ଓଡ଼ିଶା ସରକାର



ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ୨୦୧ତମ ଜୟନ୍ତୀ
ରାଜ୍ୟସ୍ତରୀୟ ସମାରୋହ
୨୦ ଜାନୁଆରୀ, ୨୦୨୪ (ଶାୟଦଶମୀ)

ସକାଳ-୮ ଘଟିକା — ଜୟଦେବ ଭବନ, ଭୁବନେଶ୍ୱର
ଚକରା ବିଷୋୟୀଙ୍କ ଫଟୋଚିତ୍ରରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସକାଳ-୯ ଘଟିକା — ଚକରା ବିଷୋୟୀ ଛକ, ଭଞ୍ଜନଗର
ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ମାନ୍ୟଗଣ୍ୟ ଅତିଥି ଏବଂ ଜନସାଧାରଣଙ୍କ ଦ୍ୱାରା ମାଲ୍ୟାର୍ପଣ

ଟାଉନ ହଲ୍, ଭଞ୍ଜନଗର — ସାଧାରଣ ସଭା

ସନ୍ଧ୍ୟା ଘ. ୫.୩୦ ମିନିଟ୍
ମୁଖ୍ୟଅତିଥି – ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ, ଅର୍ଥ
ସମ୍ମାନନୀୟ ଅତିଥି– ଶ୍ରୀଯୁକ୍ତ ଗୋପବନ୍ଧୁ ମହାପାତ୍ର, ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର
– ଶ୍ରୀଯୁକ୍ତ ନରିସଭା ନାୟକ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ଭଞ୍ଜନଗର
– ଶ୍ରୀଯୁକ୍ତ ମନ୍ମଥ କୁମାର ଶତପଥୀ, ଉପ ସଭାପତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ
ମୁଖ୍ୟବକ୍ତା – ଡ. ବିଚିତ୍ରାନନ୍ଦ ଦାଶ, ପୂର୍ବତନ ଅଧ୍ୟକ୍ଷ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ଭଞ୍ଜନଗର
ସଭାପତି – ଶ୍ରୀ ଅନିଲ୍ କୁମାର ସେଠୀ, ଉପ ଜିଲ୍ଲାପାଳ, ଭଞ୍ଜନଗର
ସଂଯୋଜକ – ଶ୍ରୀ ରବି ନାରାୟଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଗଞ୍ଜାମ

ସଭା ପରେ ଭଜନ ପରିବେଷଣ, ଭର୍‌ଚୁଅସ୍ ଭୋକାଲିଷ୍ଟ, ବ୍ରହ୍ମପୁର
ଚକରା ବିଷୋୟୀଙ୍କ ଜୀବନୀ ଉପରେ ନାଟକ: ମୁଁ ଚକରା କହୁଛି
ପରିବେଷଣ: ଅଲଟରନେଟିଭ୍ ରିଦମ୍ ଥିଏଟର, ଢେଙ୍କାନାଳ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ସଂସ୍କୃତି ପରିଷଦ, ଗଞ୍ଜାମଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0274/2324

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍


ଅରିନା ସାବାଲେଙ୍କା

# ଚତୁର୍ଥ ରାଉଣ୍ଡରେ ଜୋକୋଭିଚ୍, ରୁବଲେଭ

ମେଲବୋର୍ଣ୍ଣ, ୧୯ ।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ସିଡେଡ ଖେଳାଳିମାନେ ତୃତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି । ଶ୍ରେଷ୍ଠ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ୬-୩, ୬-୩, ୭-୬ ସେଟ୍‌ରେ ଆର୍ଜେଣ୍ଟିନାର ଟୋମାସ ମାର୍ଟିନ ଏଚେଭେରୀଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଏଥିସହ ସେ ଅଷ୍ଟ୍ରେଲିଆନ୍ ଓପନ୍‌ର ୧୦୦ତମ ମ୍ୟାଚ୍ ଖେଳି ୯୨ତମ ବିଜୟ ହାସଲ କରିଛନ୍ତି । ତୃତୀୟ ରାଉଣ୍ଡ ମୁକାବିଲାରେ ୫ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ୬-୨, ୭-୬, ୬-୪ ସେଟ୍‌ରେ ଆମେରିକାର ସେବାଷ୍ଟିଆନ କୋର୍ଡ୍ରାଙ୍କୁ, ୧୦ମ ସିଡ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ୬-୩, ୬-୩, ୬-୧ ସେଟ୍‌ରେ ଇଟାଲୀର ଫ୍ଲାବିଓ କୋବୋଲିଙ୍କୁ, ୭ମ ସିଡ ଗ୍ରୀସର ଷ୍ଟିପୋନୋସ ସିତସିପାସ ୬-୩, ୬-୦, ୬-୪ ସେଟ୍‌ରେ ଫ୍ରାନ୍ସର ଲୁକା ଭାନ ଆସଚେଙ୍କୁ, ଦ୍ୱାଦଶ ସିଡ୍ ଆମେରିକାର ଟେଲର ଫ୍ରିଜ୍ ୩-୬, ୬-୪, ୬-୨, ୬-୨ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ, ଚତୁର୍ଥ ସିଡ୍ ଇଟାଲୀର ଜାନିକ ସିନ୍ନର ୬-୦, ୬-୧, ୬-୩ ସେଟ୍‌ରେ ଆର୍ଜେଣ୍ଟିନାର ସେବାଷ୍ଟିଆନ ବାଏଜଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

**ସାବାଲେଙ୍କା, ଗଫ୍ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ**

ମହିଳା ଏକକ ପ୍ରତିଯୋଗିତାରେ ବେଲାରୁଷର ଦ୍ୱିତୀୟ ସିଡ୍ ଖେଳାଳି ଅରିନା ସାବାଲେଙ୍କା ୬-୦, ୬-୦ ସେଟ୍‌ରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ତୃତୀୟ ରାଉଣ୍ଡରେ ହରାଇ ଅଗ୍ରଗତି କରିଛନ୍ତି । ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍ ୬-୦, ୬-୨ ସେଟ୍‌ରେ ନିଜ ଦେଶର ଅଲିସିଆ ପାର୍କ୍ସଙ୍କୁ, ରୁଷିଆର ମୀରା ଆନ୍ଦ୍ରିଭା ୧-୬, ୬-୧, ୭-୬ ସେଟ୍‌ରେ ଫ୍ରାନ୍ସର ଡାଏନ୍ ପାରୀଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି ।

**୫୦୦ତମ ବିଜୟ ସହ ବୋପାନ୍ନାଙ୍କ ଅଗ୍ରଗତି**

ଅଷ୍ଟ୍ରେଲିଆନ ଓପନ୍ ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ସାଥି ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି । ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୬-୨, ୬-୪ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନ ଓ ଏଡୱାର୍ଡ ୱିଣ୍ଟରଙ୍କୁ ହରାଇ ଅଗ୍ରଗତି କରିଛନ୍ତି । ଏଥିସହ ୪୩ ବର୍ଷୀୟ ବୋପାନ୍ନା କ୍ୟାରିୟରର ୫୦୧ତମ ବିଜୟ ହାସଲ କରି ଏକ ବିରଳ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ଗୁରୁବାର ପ୍ରଥମ ରାଉଣ୍ଡ ମୁକାବିଲାରେ ଏହି ଯୋଡି ଅନ୍ୟତମ ଅଷ୍ଟ୍ରେଲୀୟ ଯୋଡି ଜେମ୍ସ ଡକ୍‌ୱର୍ଥ ଓ ମାର୍କ ପୋଲମାନ୍ସଙ୍କୁ ୭-୬, ୪-୬, ୭-୬ ସେଟ୍‌ରେ ହରାଇ ୫୦୦ତମ ବିଜୟ ହାସଲ କରିଥିଲେ । ତୃତୀୟ ରାଉଣ୍ଡରେ ବୋପାନ୍ନା ଓ ଏବଡେନ ୧୪ତମ ସିଡ୍ ଯୋଡି ନେଦରଲାଣ୍ଡସର ୱେସଲେ କୁଲହୋଫ୍ ଓ କ୍ରୋଏସିଆର ନିକୋଲା ମେକ୍‌ଟିକଙ୍କୁ ଭେଟିବେ ।

**ଯୁଗଳ ଦ୍ୱିତୀୟ ରାଉଣ୍ଡରେ ଭାରତର ବାଲାଜୀ**

ଅନ୍ୟତମ ଭାରତୀୟ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଓ ତାଙ୍କ ରୋମାନିଆ ସାଥି ଭିକ୍ଟର ଭ୍ଲାଡ କୋରେନା ପ୍ରଥମ ରାଉଣ୍ଡ ମୁକାବିଲାରେ ୬-୩, ୬-୪ ସିଧାସଳଖ ସେଟ୍‌ରେ ଇଟାଲୀ ଯୋଡି ମାଟେଓ ଅର୍ଣ୍ଣାଲ୍ଡି ଓ ଆନ୍ଦ୍ରିଆ ପେଲେଗ୍ରୀନୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି । ଏହି ଯୋଡି ଦ୍ୱିତୀୟ ରାଉଣ୍ଡରେ ୧୦ମ ସିଡ୍ ଯୋଡି ସାଲଭାଡୋର ମାର୍ସେଲେ ଆରେଭାଲୋ ଓ କ୍ରୋଏସିଆର ମେଟ୍ ପାଭିକଙ୍କୁ ଭେଟିବେ ।

# ଅଢ଼େଇ ଦିନରେ ଜିତିଲା ଅଷ୍ଟ୍ରେଲିଆ

ଆଡିଲେଡ୍, ୧୯ ।୧(ଏଜେନ୍ସି): ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ମାତ୍ର ଅଢ଼େଇ ଦିନ ମଧ୍ୟରେ ୧୦ ୱିକେଟରେ ବିଜୟୀ ହୋଇଛି । ଟସ୍ ହାରି ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୧୮୮ ରନ ସଂଗ୍ରହ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୨୮୩ ରନକରି ଅଲଆଉଟ ହୋଇ ୯୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା । ଏହାପରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ପାଳି ଆରମ୍ଭ କରି ୩୫.୨ ଓଭରରେ ମାତ୍ର ୧୨୦ ରନକରି ଅଲଆଉଟ ହୋଇଥିଲା । ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ମାତ୍ର ୨୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଜବାବରେ ଶୁକ୍ରବାର ତୃତୀୟ ଦିବସରେ ଅଷ୍ଟ୍ରେଲିଆ ୬.୪ ଓଭରରେ ବିନା କ୍ଷତିରେ ୨୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଉସ୍‌ମାନ ଖୱାଜା ୯ ରନ କରି ରିଟାୟାର୍ଡ ହର୍ଟ ହୋଇଥିବା ବେଳେ ଷ୍ଟିଭେନ ସ୍ମିଥ୍ ୧୧ ଓ ମାର୍ନସ ଲାବୁସେନ ୧ ରନ କରି ଅପରାଜିତ ରହି ଦଳକୁ ଜିତାଇଥିଲେ । ପ୍ରଥମ ଇନିଂସରେ ୧୧୯ ରନର ଶତକୀୟ ପାଳି ଖେଳିଥିବା ଅଷ୍ଟ୍ରେଲୀୟ ମଧ୍ୟକ୍ରମ ବ୍ୟାଟର ଟ୍ରାଭିସ ହେଡ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।


ଟ୍ରାଭିସ ହେଡ୍

**ହାଜଲେଉଡଙ୍କୁ ୫ ୱିକେଟ**

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୭୩/୬ରୁ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅଲଆଉଟ ହୋଇଥିଲା । ଓଭରନାଇଟ୍ ବ୍ୟାଟର ଜୋସୁଆ ଡା ସିଲ୍‌ଭା ୧୭ ରନରୁ ଖେଳ ଆରମ୍ଭ କରି ୧୮ ରନକରି ଆଉଟ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଲଜାରି ଜୋସେଫ ୧୬, ଗୁଦାକେଶ ମୋତି ୩, ଶମର ଜୋଶେଫ୍ ୧୫ ରନକରି ଆଉଟ ହୋଇଥିବା ବେଳେ କେମର ରୋଚ୍ ୧୧ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋଶ ହାଜଲେଉଡ ୫, ମିଚେଲ ଷ୍ଟାର୍କ ଓ ନାଥନ ଲିୟନ ଦୁଇଟି ଲେଖାଏ, କାମେରନ ଗ୍ରୀନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ ।

# ପାକିସ୍ତାନର କ୍ରମାଗତ ୪ର୍ଥ ପରାଜୟ

ଖ୍ରୀଷ୍ଟଚର୍ଚ୍ଚ, ୧୯ ।୧(ଏଜେନ୍ସି): ପାକିସ୍ତାନ ବିପକ୍ଷ ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ୧୧ଟି ବଲ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି । ଏଥିସହ ପାକିସ୍ତାନ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି ଓ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୪-୦ରେ ଅଗ୍ରଣୀ ହାସଲ କରିଛି । ୪୪ ବଲରୁ ୭ ଚୌକା ଓ ୨ ଛକା ସହ ଅପରାଜିତ ୭୨ ରନ କରିଥିବା ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୫ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା । ଓପନର ମହମ୍ମଦ ରିଜୱାନ ୬୩ ବଲରୁ ୬ ଚୌକା ଓ ୨ ଛକା ସହ ୯୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ନ୍ୟୁଜିଲାଣ୍ଡର ମ୍ୟାଟ ହେନେରୀ ଓ ଲୋକି ଫର୍ଗୁସନ ୨ଟି ଲେଖାଏ ୱିକେଟ ନେଇଥିଲେ । ଜବାବରେ ନ୍ୟୁଜିଲାଣ୍ଡ ୧୮.୧ ଓଭରରେ ୩ ୱିକେଟ ହରାଇ ୧୫୯ ରନକରି ବିଜୟୀ ହୋଇଥିଲା । ମିଚେଲଙ୍କୁ ବାଦ ଦେଲେ ଗ୍ଲେନ୍ ଫିଲିପ୍ସ ୭୦ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ । ବୋଲିଂରେ ପାକିସ୍ତାନର ଶାହିନ ଶାହା ଆଫ୍ରିଦି ୩ଟି ଯାକ ୱିକେଟ ଅକ୍ତିଆର କରିଥିଲେ ।

# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ ଖୋରେ କିଟ୍ ଚାମ୍ପିଅନ



ଭୁବନେଶ୍ୱର, ୧୯ ।୧ (ସମିସ): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ଉଦ୍‌ଯାପିତ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ ଖୋ' ପ୍ରତିଯୋଗିତାରେ କିଟ୍ ଚାମ୍ପିଅନ ହୋଇଛି । ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଶେଷ ଦିନରେ କିଟ୍ ଦୁଇଟି ବିଜୟ ହାସଲ କରିଥିଲା । କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମେ ୧୨-୪ ପଏଣ୍ଟରେ ହେମଚାନ୍ଦ ବିଶ୍ୱବିଦ୍ୟାଳୟ (ଦୁର୍ଗ)କୁ ଏବଂ ୨ୟ ମ୍ୟାଚରେ ୧୯-୧୧ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ହରାଇଥିଲା । ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଶେଷ ପରେ କିଟ୍ ସର୍ବାଧିକ ପଏଣ୍ଟ ରଖି ଏଥିରେ ଚାମ୍ପିଅନ ହୋଇଛି । ସେହିଭଳି ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରଥମ ରନର୍ସଅପ୍, ହେମଚାନ୍ଦ ବିଶ୍ୱବିଦ୍ୟାଳୟ ୨ୟ ରନର୍ସଅପ୍ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ଲାଭ କରିଥିଲା । କିଟ୍ ଖୋ ଖୋ ଦଳ ଏଥିସହ ସର୍ବାଭାରତୀୟ ବିଶ୍ୱବିଦ୍ୟାଳୟ ଖୋ ଖୋ ପ୍ରତିଯୋଗିତାକୁ ଏବଂ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛି । ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

● ତମାଣ୍ଡୋ ପ୍ରିମିୟର୍ ଲିଗ୍: ପ୍ରଦୀପଙ୍କ ଶତକ

# ଏସ୍‌ଜି ସ୍ପୋର୍ଟିଂର କ୍ରମାଗତ ବିଜୟ




ଭୁବନେଶ୍ୱର, ୧୯ ।୧ (ସମିସ): ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର୍ ଲିଗ୍‌ରେ ଏସ୍‌ଜି ସ୍ପୋର୍ଟିଂ (ସୁନ୍ଦରଗ୍ରାମ) କ୍ରମାଗତ ୨ୟ ବିଜୟ ହାସଲ କରିଛି । ଶୁକ୍ରବାର ଖେଳାଯାଇଥିବା ଏକ ମୁକାବିଲାରେ ଏସ୍‌ଜି ସ୍ପୋର୍ଟିଂ ୪୪ ରନରେ ଇଗଲ୍ ସ୍ପୋର୍ଟିଂ (ମେଣ୍ଢାଶାଳ)କୁ ହରାଇଥିଲା । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଏସ୍‌ଜି ସ୍ପୋର୍ଟିଂ ପ୍ରଦୀପ ରାଉତଙ୍କ ଶତକ ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ୨୬୨ ରନ କରିଥିଲା । ପ୍ରଦୀପ ୫୦ ବଲରୁ ୧୩ ଚୌକା ଓ ୭ ଛକା ବଳରେ ୧୦୯ ରନ କରିଥିଲେ । ସେହିଭଳି ଅଭୟ ମଲ୍ଲିକ ୨୦ ବଲରୁ ୫୬ ରନର ବିସ୍ଫୋରକ ପାଳି ଖେଳିଥିଲେ । ପ୍ରତିପକ୍ଷ ଇଗଲ୍ ସ୍ପୋର୍ଟିଂର ଟୁନୁ ଖଟୁଆଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା । ଜବାବରେ ବ୍ରଜେଶ ମହାରଣା (୫୪ ରନ) ଓ ସ୍ୱାଧୀନ ପାଇକରାୟ (୪୮ ରନ)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ଇଗଲ୍ ସ୍ପୋର୍ଟିଂ ୬ ୱିକେଟ୍‌ରେ ୨୧୮ ରନ କରିବାକୁ ସମର୍ଥ ହୋଇଥିଲା । ବିଜୟୀ ଏସ୍‌ଜି ସ୍ପୋର୍ଟିଂର ଇମ୍ରାନ ଖାନ ଓ ସୁଶାନ୍ତ ଶାହାଣୀ ୩ଟି ଲେଖାଏ ୱିକେଟ୍ ନେଇଥିଲେ । ଚିତାକର୍ଷକ ଶତକୀୟ ପାଳି ଲାଗି ପ୍ରଦୀପ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଆୟୋଜକ ତମାଣ୍ଡୋ କ୍ରିକେଟ୍ କ୍ଲବର ବରିଷ୍ଠ ସଦସ୍ୟ ପ୍ରଭାତ ପ୍ରଧାନ ଅତିଥି ଭାବେ ଯୋଗଦେଇ ପ୍ରଦୀପଙ୍କୁ ଟ୍ରଫି ସହ ଏକ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଶନିବାର ବ୍ଲୁ ରକ୍ ଷ୍ଟାର (ଝାଁଳା) ଓ ବିହାରୀଲାଲ୍ ଫାଇଟର୍ସ (ପୋଖରୀପୁଟ) ମଧ୍ୟରେ ଲଢ଼େଇ ହେବ ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- I.T.

**SECTION-A (1 Mark)**

1. **Answer any 4 out of the given 6 questions on Employability Skills.** **(1x4=4)**
(i) Collection of information saved as a unit is called ............
(a) Folder (b) File (c) Path (d) File extension
(ii) ............Generates within the human regarding the unreasonable matters.
(a) Internal stress (b) Survival stress
(c) Environmental stress (d) None of the above
(iii) .......... is an example of a barrier to effective communication?
(a) Active listening (b) Providing clear instructions
(c) Language barriers (d) Using appropriate body language
(iv) An entrepreneur must establish good relations with ......... and its functionaries.
(a) customer (b) government
(c) Both (a) and (b) (d) None of these
(v) ...........is not an environmental benefit of green skills?
(a) Reduction in greenhouse gas emissions
(b) Preservation of biodiversity
(c) Increased use of non-renewable resources
(d) Conservation of natural habitats
(vi) Amrita does all her work by herself. No one tells her to do so. This is called........
(a) self-awareness (b) self-motivation
(c) self-regulation (d)discipline

2. **Answer any 5 out of the given 6 questions.** **(1x5=5)**
(1) ............ protects a computer ?
(a) firewall (b) software (c) server (d) network
(ii) The ......... button represents the page number.
(a)# (b)& (c)% (d)@
(iii) Which command is used to restore database to original state?
(a) REVIEW (b) SELECT (c)ROLLBACK (d) None of these
(iv) What is the Default name of first scenario created in Sheet1 of Calc?
(a) Sheet_1_Scenario (b) Sheet_Scenario_1
(c) Sheet1_Scenario_1 (d) None of the above
(v) To delete a template, .........on a template in the Templates window and select delete.
(a)Right Click (b) Double click (c)Left Click (d) None of these
(vi) Which of the following fields will not make a suitable primary key?
(a) A customer's account number (b) A date field
(c) An autonumber field (d) A student's admission number

3. **Answer any 5 out of the given 6 questions.** **(1x5=5)**
(i) Which group under Insert tab contains the features like Shapes, ClipArt etc.
(a) Illustrations (b) Shapes (c) Paragraph (d) Clipboard
(ii) To retrieve data from a database............. command is used.
(a) SELECT (b) INSERT (c) UPDATE (d) None of these
(iii) Instant messaging service accepts instant messages from............
(a) external sites (b) internal sites
(c) Both (a) and (b) (d) None of these
(iv) .............and ............... toolbars can be opened from Picture Tool bar
(a) Edit picture, Color picture (b) Format, drawing
(c) Graphic Filter toolbar, Color toolbar
(d) Floating toolbar. Color toolbar
(v) In the Subtotal dialog box, ....... box is used to select the column on which you want to add the Subtotal to.
(a) group by (b) filter by (c) consolidate by (d) update by
(vi) ................Commands are a set of instructions that is used to interact with the database.
(a) SOL (b) Java (c)Mac (d) DBMS

4. **Answer any 5 out of the given 6 questions.** **(1x5=5)**
(i) Which type of software is accessed using browsers
(a)Open source (b) Web based
(c) Both (a) and (b) (d) None of these
(ii) Under ......... tab Bullet and Numbering, Autocorrect etc options are present.
(a) Tools (b) Format (c) Window (d) Table
(iii) A collection of related information is called........
(a)Base (b) Database (c) Web-based (d) None of the above
(iv) Which network device is used to connect to dissimilar network protocols?
(a) Gateway (b) Switch (c) Bridge (d) Router
(v) Which tab of Writer contains the Mail Merge Wizard?
(a) View (b) Tools (c)Edit (d) Format
(vi) In Goal seek dialog box, the..... we enter the reference of the cell that contains the value to be changed.
(a) variable cell (b) modifying cell
(c) changing cell (d) replacing cell

5. **Answer any 5 out of the given 6 questions.** **(1x5=5)**
(i) you may give a name to the range of cells using .......... option under Data Menu.
(a) Define data (b) Define range
(c) Define reference (d) Define address
(ii) ............is used to text-to-speech utility that reads what is displayed on the screen.
(a) Start Narrator (b) Web page (c) Website (d) None of these
(iii) Which of the following is also known as computer based record keeping system?
(a) Data Manipulation System (b) Computer Data System
(c) Computerized Record Keeping System (d) DBMS
(iv) The comments that are added while creating a scenario is displayed in the while using scenario.
(a) preview pane (b) navigator box
(c) comment window (d) None of these
(v) Which of the following is not a type of text wrapping option?
(a) Wrap off (b) Optimal wrap (c) Page wrap (d) Wrap center
(vi)............is a free personal publishing platform.
(a) Zoomla (b) WordPress (c) Blogger (d) None of these

**Section B (Subjective Type)**

**Answer any 3 out of the given 5 questions on Employability skills. (2x3=6)**

6. For completing a task which appears to be too large or too complex to be done by us, how can we self-motivate ourselves?
7. In an effective communication what role does non-verbal communication play?
8. Write any two main advantages of an operating system.
9. Describe the following functions of an entrepreneur:
(i) Innovation (ii) Risk-Taking
10. How can green skills be acquired?

**Answer any 4 out of the given 6 questions in 20-30 words each. (2x4=8)**

11. Why you will use spelling checker in OpenOffice Writer. Write some features.
12. How to create the reference with the mouse in Calc?
13. Why data analysis us required in a spreadsheet software?
14. Explain the term relational database management system.
15. Differentiate between wired and wireless Communication channel. Give one example for each type.
16. Describe the term wireless fidelity.

**Answer any 3 out of the given 5 questions in 50-80 words each. (4x3=12)**

17. Answer the given questions.
(i) What is SUBTOTAL() function?
(ii) Names of any 5 functions with their function.
18. Write the steps to compress a picture.
19. Consider the following table: MASTER

MASTER

| NAME | AGE | DEPT | SAL |
|---|---|---|---|
| AMIT | 30 | EBGLISH | 15000 |
| ASHU | 35 | MATHS | 25000 |
| AYAN | 28 | COMPUTER | 30000 |
| SHARMA | 31 | HISTORY | 20000 |
| ANSHUL | 25 | HINDI | 12000 |

(a) Display all the records in ascending order according to Age.
(b) Display name and age of person having salary less than 20000.
(c) Display dept of person who are getting more than 20000 salary.
(d) Display salary of person whose age is less than 30.
20. Answer the following queries:
(i) How are fields, record and a table related to each other? Explain with the help of an example.
(ii) What are the main purposes of a database system?
21. Seema has been appointed as SME in an IT based company. Tell her the following:
(i) What is workplace emergency?
(ii) Name the workplace emergencies that may happen.

*****

*All the Best...*

**ANSWER KEY**

**1.** i. (b) ii. (a) iii. (c) iv. (b) v. (c) vi. (b)
**2.** i. (a) ii. (a) iii. (c) iv. (c) v. (a) vi. (b)
**3.** i. (a) ii.(a) iii. (a) iv. (b) v. (a) vi. (a)
**4.** i. (b) ii. (b) iii. (b) iv. (a) v. (b) vi. (a)
**5.** i. (b) ii. (a) iii. (d) iv. (b) v. (d) vi. (b)

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସମ୍ପର୍କୀୟ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ଘରେ ପୂଜାପାଠର ଆୟୋଜନ ହେବ। ବାହନ ସୁଖ ପ୍ରାପ୍ତ ହେବ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ରହିବ। କୌଣସି ଶୁଭ ସମାଚାର ମିଳିବ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବେ ନାହିଁ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ବିବାହ ସ୍ଥିର ହେବା ସମ୍ଭାବନା ଅଛି।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ଫୋନ୍‌ରେ କଥାବାର୍ତ୍ତାରେ ଅଧିକ ସମୟ ଅତିବାହିତ କରିବେ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ।

### ଆଜିର ଦିନରେ

- ୧୮୧୭-କଲିକତାରେ ହିନ୍ଦୁ କଲେଜର ସ୍ଥାପନା।
- ୧୯୯୦-ମହାକାଶଯାନ କଲମ୍ବିଆ-୧୦ର ଅବତରଣ ।
- ୧୯୯୩- ବିଲ୍ କ୍ଲିଣ୍ଟନ୍ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେଲେ।
- ୨୦୧୦- ଭାରତରେ ମୋବାଇଲ୍ ପୋର୍ଟିବିଲିଟି ସେବାର ଆରମ୍ଭ।

## ସୂର୍ଯ୍ୟ ପୂଜାର ପର୍ବ ଶାମ୍ବ ଦଶମୀ



ପୌଷମାସର ଶୁକ୍ଳପକ୍ଷ ଦଶମୀ ତିଥିରେ ଶାମ୍ବ ଦଶମୀ ପର୍ବ ପାଳନ କରାଯାଏ। ନାରୀମାନେ ନିଜ ସନ୍ତାନଙ୍କ ମଙ୍ଗଳ କାମନା କରି ଏହି ତିଥିରେ ନିଷ୍ଠାର ସହ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହି ପର୍ବର ବିଶେଷତ୍ୱ ହେଉଛି ସୂର୍ଯ୍ୟଙ୍କର ଆକାଶରେ ତିନି ସ୍ଥିତିକୁ ଲକ୍ଷ୍ୟକରି ତିନି ପ୍ରକାର ଧୂପ ବା ପୂଜା ଅନୁଷ୍ଠିତ ହୋଇଥାଏ। ସୂର୍ଯ୍ୟୋଦୟ ସମୟରେ ମା'ମାନେ ଫଳମୂଳ ଓ ମିଷ୍ଟାନ୍ନ ଭୋଗ ଲଗାଇଥାନ୍ତି। ଏହାପରେ ସୂର୍ଯ୍ୟପୁରାଣ ପାଠ କରାଯାଏ। ମଧ୍ୟାହ୍ନରେ ତେଜୋଦୀପ୍ତ ଭାସ୍କରଙ୍କୁ ଦ୍ୱିତୀୟ ଧୂପ ଦିଆଯାଏ। ଏଥିରେ ଗଇଁଠା, ଅଟକାଳି, ବିଭିନ୍ନ ପ୍ରକାରର ପିଠା, ଖେଚୁଡ଼ି ଓ ଡାଲମା ଆଦି ଭୋଗ ହୋଇଥାଏ। ତୃତୀୟ ଧୂପର ସମୟ ହେଉଛି ସୂର୍ଯ୍ୟାସ୍ତ ବା ଗୋଧୂଳି ବେଳା। ଏହି ସମୟରେ ଏଣ୍ଡୁରି, ମାଲପୁଆ, ଗଜା ଆଦି ନୈବେଦ୍ୟ ଅର୍ପଣ କରାଯାଏ। ଦୋପୁରିଆ ବୁଢ଼ା ଚକୁଳି ଓ ଘଡ଼ଘଡିଆ ତିଅଣ ମଧ୍ୟ ପ୍ରସ୍ତୁତ ହୋଇ ଭୋଗ ଲାଗିଥାଏ। ଏହି ପୂଜାରେ ଘରର ଯେତେ ପିଲା ଅଛନ୍ତି ସମସ୍ତଙ୍କ ନାମରେ ଗୋଟିଏ ଗୋଟିଏ ପିଠା ପୂଜା କରିବାର ବିଧି ମଧ୍ୟ କେତେକ ସ୍ଥାନରେ ରହିଛି। ଅର୍ଥାତ୍ ସୂର୍ଯ୍ୟ ଦେବତାଙ୍କୁ ସେହି ପିଲା ନାମରେ ସେହି ପିଠା ଭୋଗ କରାଯାଇଥାଏ। ଭୋଗ ପରେ ସେହି ପିଠାକୁ ସେ ହିଁ ପ୍ରସାଦ ଭାବେ ଗ୍ରହଣ କରିଥାଏ। ରାତ୍ରି କାଳରେ ଗୃହଣୀମାନେ ବୁଢ଼ା ଚକୁଳି କରି ଯମଙ୍କୁ ଅର୍ପଣ କରିଥାନ୍ତି। ବିଶ୍ୱାସ କରାଯାଏ ଯେ, ଯମ ସନ୍ତୁଷ୍ଟ ହେଲେ ପୂରା ପରିବାର ନିରାମୟ ଜୀବନଯାପନ କରିଥାନ୍ତି । ବ୍ରହ୍ମପୁରାଣ, କପିଳ ସଂହିତା, ପ୍ରାଚୀମାହାତ୍ମ୍ୟ ଓ ଶାମ୍ବପୁରାଣ ଆଦି ଗ୍ରନ୍ଥରେ, ପୌଷ ଶୁକ୍ଳପକ୍ଷ ଦଶମୀ ତିଥି ଅର୍କକ୍ଷେତ୍ରରେ ସୂର୍ଯ୍ୟଙ୍କର ଆବିର୍ଭାବ ଦିବସ ରୂପେ ବର୍ଣ୍ଣିତ ଅଛି। ସେହି ଅନୁସାରେ, ଓଡ଼ିଶାର ପ୍ରତ୍ୟେକ ଗୃହରେ 'ଶାମ୍ବ ଦଶମୀ' ବା 'ସମ୍ବର ଦଶମୀ' ଭାବରେ ସୂର୍ଯ୍ୟଙ୍କର ଏକ ବିଶେଷ ପୂଜା ଅନୁଷ୍ଠିତ ହୋଇଥାଏ। ପୌରାଣିକ କଥା ଅନୁଯାୟୀ, କୃଷ୍ଣଙ୍କ ପୁତ୍ର ଶାମ୍ବ ଅଭିଶପ୍ତ ହୋଇ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ତେବେ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ସହ ସୂର୍ଯ୍ୟ ଦେବତାଙ୍କ ଆରାଧନା କରିବା ପରେ ସେ କୁଷ୍ଠ ରୋଗରୁ ଭଲ ହୋଇଥିଲେ । ଶାମ୍ବ ଦଶମୀ ଅବସରରେ କୋଣାର୍କରେ ସୌର ରଥ ଯାତ୍ରା ଅନୁଷ୍ଠିତ ହୁଏ । ହୋମ ଓ କଳସ ସ୍ଥାପନ ପରେ ସୂର୍ଯ୍ୟ ଦେବତାଙ୍କ ବିଗ୍ରହକୁ ରଥାରୂଢ଼ କରାଯିବା ପରେ ରଥ ଉପରେ ୧୦୮ କାକରା, ବରା ଓ ପୋଡ଼ପିଠା ଲାଗି ହୋଇଥାଏ। ଏହି ରଥ ୨୭ ଦିନ ପର୍ଯ୍ୟନ୍ତ ଚନ୍ଦ୍ରଭାଗାରେ ରହି ୨୭ ନକ୍ଷତ୍ରରେ ପୂଜାର୍ଚ୍ଚନା ପରେ ମାଘ ସପ୍ତମୀରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ସୂର୍ଯ୍ୟ ହେଉଛନ୍ତି ସକଳଶକ୍ତିର ଆଧାର। ସେ ଆରୋଗ୍ୟର ଦେବତା। ସୂର୍ଯ୍ୟଦେବଙ୍କୁ ଆରାଧନା କଲେ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରଗୁଡ଼ିକରେ ଉଲ୍ଲେଖ ରହିଛି।

## କୈକେୟୀଙ୍କ ଭୂମିକାରେ ଲାରା



ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ରାମାୟଣ'କୁ ନେଇ ଲଗାତାର ଚର୍ଚ୍ଚା ଜାରି ରହିଛି। ନିୟମିତ ଏହି ଫିଲ୍ମକୁ ନେଇ ଖବର ଆସୁଛି। ଏଥିରେ ରଣବୀର କପୁର ଭଗବାନ ରାମଙ୍କ ଭୂମିକାରେ, ସାଇପଲ୍ଲବୀ ସୀତା ଓ ୟଶ୍ ରାବଣ ଭୂମିକାରେ ଅଭିନୟ କରିବେ। ଏବେ ଏହି ଫିଲ୍ମରେ ଲାରା ଦତ୍ତା ମଧ୍ୟ ଦେଖାଯିବେ। ଲାରା ଏଥିରେ ରାଣୀ କୈକେୟୀଙ୍କ ଭୂମିକାରେ ଅଭିନୟ କରିବେ। ନୀତେଶ ଏଭଳି କଳାକାରମାନଙ୍କୁ ଚୟନ କରୁଛନ୍ତି ଯିଏ କି ରାମାୟଣର ଚରିତ୍ରମାନଙ୍କ ପାଇଁ ପୂରା ଫିଟ୍ ହେବେ। ଇତିମଧ୍ୟରେ ହନୁମାନ ଭୂମିକା ପାଇଁ ନୀତେଶ ସନ୍ନି ଦେଓ୍ୱଲଙ୍କ ସହ ଯୋଗାଯୋଗ କରୁଥିବା ଜଣାପଡ଼ିଛି। ଏଯାବତ୍ ସନ୍ନି କିନ୍ତୁ ଫିଲ୍ମ ସାଇନ୍ କରିନାହାନ୍ତି। ଅପରପକ୍ଷରେ 'ଆନିମଲ୍'ର ସଫଳତା ପରେ ବବି ଦେଓ୍ୱଲଙ୍କୁ କୁମ୍ଭକର୍ଣ୍ଣ ଭୂମିକା ପାଇଁ ଅଫର୍ ହୋଇଥିବା ଜଣାପଡ଼ିଛି। ଫିଲ୍ମର ସୁଟିଂ ଆସନ୍ତା ମାର୍ଚ୍ଚରେ ଆରମ୍ଭ ହେବ।

## ଏଇଟି ଆମର ରୋଷେଇ ଘର

ଏଇ ତଥାକଥିତ କିଚେନ୍ ରୁମ୍‌କୁ ଦେଖିଲେ ମନେ ପଡ଼ିଯାଏ ଆମରି ରୋଷେଇ ଘର କଥା –" ଏଇଟି ଆମର ରୋଷେଇ ଘର/ ଏଘର ଭିତରେ ସଫା ସୁତର/ ଏଇଠାରେ ମାଆ ପରିବା କାଟେ, ବେସର ବାଟେ/ ଜାଇ ରଗଡ଼େ, ଶାଗ ଖରଡ଼େ/ ଗଢ଼ଇ ପିଠା/ ଆରିସା, କାକରା, ଆଃ କି ମିଠା !"

### ହାଟ ମଝିରେ ବ୍ରହ୍ମଜ୍ଞାନ

ମାଆ ସବୁବେଳେ କିଛି ନା କିଛି କରୁଥାଏ ରୋଷେଇ ଘରେ। ଧାନ ସିଝାଏ, ମୁଢ଼ି ଭାଜେ, ଖଇଫୁଟେଇ ମୁଆଁ କରେ, ରାଶି ଲଡ଼ୁ ବନାଏ। ଏମିତି କେତେ କାମ। ଏତେ ପିଲା। ନାତି ନାତୁଣୀ। ହଳିଆ, ମୂଲିଆ। ଆଉ କେତେ ଯେ କୁଣିଆ ବନ୍ଧୁବାନ୍ଧବ ଘରେ ଖାଉଥିଲେ, ଭାବିଲେ ଆଜି ଆଶ୍ଚର୍ଯ୍ୟ ଲାଗେ।

ମାଆର ସେ ରୋଷେଇ ଘରେ ଆସବାବପତ୍ର ବେଶି ନାହିଁ। ଚୁଲିମୁଣ୍ଡରେ ଗୋଟିଏ ଦିଆସିଲି ପୁଡ଼ା, ବର୍ଷ ଚାଲି ଯାଏ। ଦିଆସିଲି କାଠି ସରିଯିବ ବୋଲି ପାଉଁଶ ତଳ ନିଆଁରେ ଝାଟି, ଛାଲି ଦେଇ ଫୁଙ୍କିଫୁଙ୍କି ଘଡ଼ିଏରେ ନିଆଁ ଲଗାଏ। ଆଉ ଘରେ ଦୁଇ ତିନିଟା ମାଟି ହାଣ୍ଡି, ଲୁହା ପଲମ, ପାତିଆ, ଚଟୁ, ଡଙ୍କି.... ଏମିତି କିଛି। ଦାମୀ ଜିନିଷ ଭିତରେ ବେଶ୍ ପୁଳାଏ କଂସାବାସନ। ସବୁବେଳେ ଚକ୍‌ଚକ୍ କରୁଥାଏ।

ମାଆର ଦିନ ସରିଯାଏ ରୋଷେଇ ଘରେ। ଲିପାପୋଛା, ବାସନମଜା, ରୋଷେଇବାସ ସବୁବେଳେ କିଛି ନା କିଛି ଚାଲିଥାଏ। ଖାଲି ଗ୍ରହଣ ପରାଗରେ ହାଣ୍ଡିଛାଡ଼ ନିୟମଟା ଅଛି ବୋଲି କୋଉଦିନଟିଏ ତାକୁ ରୋଷେଇ ଘରୁ ଛୁଟି ମିଳିଯାଏ।

ଏବେ ଆମର କିଚେନ୍ ରୁମ୍। ମଡୁଲାର୍ ନାଆଁରେ ଲକ୍ଷାଧିକ ଖର୍ଚ୍ଚ। ଆସବାବପତ୍ର କେତେ ଯେ କ'ଣ କହି ହେବନି। ସୁଇଚ୍ ଟିପିଲେ ଗ୍ୟାସ୍ ନିଆଁ ଧରୁଚି। ବଟା, କଟା, ସିଝା, ଛଣା ପାଇଁ ଭଳିକି ଭଳି ଯନ୍ତ୍ରପାତି। ବାସନକୁସନ ପୋଛିଦେଲେ ସଫା ହେଇଯିବ, ମଜାମଜି ଲୋଡ଼ାନାଇଁ। ଲକ୍ଷ ଲକ୍ଷ ଟଙ୍କାର ଆସବାବ ଏ ଘରେ ଅତି ସହଜରେ ରୋଷେଇ କରିବା ପାଇଁ। ଖାଇବା ପାଇଁ ସେତେବେଳେ ଲୋକ ଚାରିଜଣ ଥିଲେ। ଏବେ ବାସ୍ ଆମେ ଦି'ଜଣ ଖାଲି।

ପତ୍ନୀ ବର୍ଷକରେ ଅଧାଦିନ ବାଙ୍ଗାଲୋର ନ ହେଲେ ଦିଲ୍ଲୀରେ ରହନ୍ତି। ପୁଅଝିଅଙ୍କ ପାଖରେ ସେଇଠି ରହି ହୋଟେଲଖିଆ ବି ଶିଖିଗଲେଣି। ଅବଶ୍ୟ ପିଲାଏ ବି ମଝିରେ ମଝିରେ ଆସନ୍ତି। ସେମାନେ ସେମିତିରେ ବାହାଘର ଋତୁ ଦେଖି ଆସିଥାନ୍ତି। ଅଧିକାଂଶ ଖିଆପିଆ ବାହାରେ। ଯୋଉ କିଛି ସମୟ ଘରେ ରହନ୍ତି, ସେଦିନ ବି 'ଜୁଆଟୋ', 'କରେସି' ଆଦି ନାଁରେ କ'ଣ ଅନ୍‌ଲାଇନ୍ ଖାଦ୍ୟ ମଗାନ୍ତି।

ଏତେ ବଡ଼, ଏତେ ଖର୍ଚ୍ଚବହୁଳ ରୋଷେଇ ଘର (କିଚେନ୍ ରୁମ୍)କୁ ଦେଖିଲେ ମତେ ଏବେ ଦୁଃଖ ଲାଗୁଚି। କାରଣ ଖର୍ଚ୍ଚଟି କରିଚି ମୁଁ। ନା କେହି ଖାଉଚନ୍ତି, ନା କାହାକୁ ଖୁଆଉଚନ୍ତି। ପଚିଶ ହଜାରର ଡିନରସେଟ୍‌ଟେ ଅଣା ହେଇଚି ଦି' ବର୍ଷ ହେଲା। ପାଞ୍ଚଜଣ ସେଥିରେ କେବେ ଖାଇଥା'ନ୍ତେ ଭଲା !

ମତେ ଏଘର ଦେଖି ଲାଗୁଚି – ମୋ ମାଆ ପାଖରେ ସେଦିନ ଯଦି ଏତେ ଟଙ୍କା ଥା'ନ୍ତା – ଗାଆଁ ସାରା ଲୋକଙ୍କୁ ସେ ବର୍ଷେ ଯାଏ ଖାଇବାକୁ ଦେଇଥାନ୍ତା। ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## ପତ୍ରିକା ପରିଚୟ

### ମୋ ଆଶା




(ଶୀତ ସଂଖ୍ୟା ୨୦୨୪)
ସଂପାଦକ: ସୁମନ୍ତ ମହାରଣା
ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬
ମୂଲ୍ୟ-୨୦ ଟଙ୍କା

ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଜାନୁଆରୀ-ମାର୍ଚ୍ଚ ସଂଖ୍ୟା ପ୍ରକାଶ ପାଇଛି। ସୁମନ୍ତ ମହାରଣାଙ୍କ ଦ୍ୱାରା ସଂପାଦିତ ଏହି ପତ୍ରିକାର ଚଳିତ ସଂଖ୍ୟାଟି ବହୁ ପ୍ରତିଷ୍ଠିତ ଲେଖକଙ୍କ ଗପ, କବିତାରେ ସମୃଦ୍ଧଶାଳୀ ହୋଇଛି। ମନୋଜ ଦାସଙ୍କ 'ଅଦ୍ଭୁତ ପ୍ରାଣୀ', ଶରତ କୁମାର ନାୟକଙ୍କ 'ଲୁଣିଆ ଭୂତ',ଜ୍ୟୋତିର୍ମୟୀ ମହାନ୍ତିଙ୍କ 'ବିଶ୍ୱାସେ ମିଳଇ ହରି', ଡକ୍ଟର ସଂକର୍ଷଣ ସାମଲଙ୍କ 'କୁନି ବଗର ପାଠ ପଢ଼ା', ସୁଶାନ୍ତ କୁମାର ସେନାପତିଙ୍କ 'ଛାମୁଁ ଯାହା ଦେଲେ ହରଷେ ', ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ 'ନୂଆ ବରଷ, ନୂଆ ସଂକଳ୍ପ', କାଳିକିଙ୍କରଙ୍କ 'ଟିଙ୍କୁର ନୂଆବର୍ଷ', ମାତୃ ପ୍ରସାଦ ଶତ୍ରୁଜିତ୍‌ଙ୍କ 'ଧୈର୍ଯ୍ୟର ଫଳ ମିଠା', ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ 'ହେଟା ଓ ପୋଷା କୁକୁର',ପ୍ରଭାତ ନଳିନୀ ସାହୁଙ୍କ 'ଜେଜେଙ୍କ ପ୍ରିୟ ପିଜୁଳି' ଆଦି ଗପ ମନଛୁଆଁ ହୋଇଛି। ସେହିପରି ଡକ୍ଟର ସୁଷମା ମିଶ୍ରଙ୍କ 'ଶୀତରେ ଶୀତ', ବଙ୍କିମ ଚନ୍ଦ୍ର ନାୟକଙ୍କ 'କଣ୍ଢେଇ', ଅଖିଳାନନ୍ଦ ସେଠ୍‌ଙ୍କ 'ଆସରେ ପିଲେ ଆସ', ଡକ୍ଟର ଶରତ କୁମାର ବିଶ୍ୱାଳଙ୍କ 'ସୁଲୁ ସୁଲୁ ବାଆ', ହଂସନାଥ ମୁଦୁଲିଙ୍କ 'ଜୀବନ ସାର୍ଥକ ହୁଏ', ସୌଭାଗିନୀ ମିଶ୍ରଙ୍କ 'ନୂଆ ବରଷ' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି। 'ଆମ ପ୍ରତିଭା'ରେ କୁନି ଗାୟିକା ସିଦ୍ଧାସ୍ମା ବିନ୍ଧାଣୀଙ୍କ ସଂପର୍କରେ ଏକ ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି। 'ଆମ ହାତଅଙ୍କା ଛବି' ବିଭାଗରେ କୁନି କୁନି ଚିତ୍ରଶିଳ୍ପୀଙ୍କ ଅଙ୍କିତ ସୁନ୍ଦର ଚିତ୍ର ପ୍ରକାଶ ପାଇଛି। 'ମୋ ଆଶା' ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ପହେଲି



- ସଞ୍ଜ ନଇଁ ଯେବେ ରାତି ଆସଇ
ଆକାଶ ବୁକୁରେ ଫୁଟି ଉଠଇ
ଅଗଣିତ ଫୁଲ ପରାଏ ସେହି
ନୀଳ ଆକାଶରେ ସିଏ ଶୋଭଇ
କି ସୁନ୍ଦର ଦିଶେ ତାହାର ରୂପ
ସତେ କି ଜଳୁଛି ଆକାଶେ ଦୀପ।

ଉତ୍ତର-ତାରା

- ଉପଗ୍ରହ ସିଏ ଧରା ମାଆର
ଶୀତଳ ଲାଗଇ କିରଣ ତା'ର
ପୁନେଇଁ ଦିନ ସେ ଖୁସିରେ ହସେ
ଅମାବାସ୍ୟା ଦିନ ଲୁଚେ ଆକାଶେ
ଶୁକ୍ଳ ପକ୍ଷେ ସେ ନିଇତି ବଢ଼େ
ଅନ୍ଧାର ପକ୍ଷ ସେ ନିଇତି ଘଟେ
ମାମୁଁ ବୋଲି ତାକୁ ଜନେ କୁହନ୍ତି
ଭାରି ଭଲ ଲାଗେ ତା' ରୂପକାନ୍ତି।

ଉତ୍ତର-ଜହ୍ନ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ପକ୍ଷୀଟିଏ ମୁଁ



ରମାକାନ୍ତ ଦାସ

ପକ୍ଷୀଟିଏ ହୋଇ ଜନ୍ମ ନେଇଛି ମୁଁ
ଉଡ଼େ ନୀଳ ଆକଶର ତଳେ
ଉଡ଼ି ଉଡ଼ି ବୁଲେ ଏ ସାରା ଜଗତେ
ଫେରଇ ମୁଁ ସନ୍ଧ୍ୟାବେଳେ ।।
ଉଡ଼ି ଉଡ଼ି ଖାଏ କୀଟ ପତଙ୍ଗ ମୁଁ
ଆନନ୍ଦରେ ଗାଏ ଗୀତ
ସେ ଗୀତ ଶୁଣି ଖୁସି ଯେ ହୁଅନ୍ତି
ମୋର ସାଙ୍ଗ ସାଥୀ ମିତ ।।
କିଚିରି ମିଚିରି ଶବଦରେ ମୋର
ଉଠାଇ ଦିଏ ସଭିଙ୍କୁ
ପ୍ରଭାତ ହେଲା ବୋଲି ସଭିଏଁ ଜାଣନ୍ତି
ମୁଁ ଧାଏଁ ଦୂର ଦେଶକୁ ।।
ଏ ଡାଳୁ ସେ ଡାଳ ଘୂରିବୁଲେ ମୁଁ
ଖାଏ ନାନାଜାତି ଫଳ
ବସାକୁ ମୋର ଫେରି ଆସେ ମୁଁ
ହୋଇଗଲେ ସନ୍ଧ୍ୟାବେଳ ।।
ସନ୍ଧ୍ୟାରେ ଫେରି ମୁଁ ବସାରେ ରୁହଇ
ବରଗଛ କୋରଡ଼ରେ
ହସ ଓ ଖୁସିର ଏ ଜୀବନରେ
ଥାଏ ମୁଁ ଆନନ୍ଦରେ ।। ■

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୭୮୮୧୫୩୬୯




## ବେଲୁନ୍ ଦୀପ



ବୁବୁନାଟା ଟିକେ ଚଗଲା ହେଲେ ବି ଭାରି ଭଲ ପିଲା। ପାଠରେ, ଖେଳରେ ସବୁଥିରେ ଆଗରେ ଥିବାରୁ ତାକୁ ସମସ୍ତେ ଖୁବ୍ ସ୍ନେହ କରନ୍ତି। ସବୁକଥା ଜାଣିବାକୁ ତା'ର ବହୁତ ଆଗ୍ରହ। ଦୀପାବଳି ସଞ୍ଜରେ ମାଆ ଦୀପ ସଜାଉଥିବା ବେଳେ ବୁବୁନା ଆସି ଖୁବ୍ ଅଳି କଲା, "ମାଆ, ମାଆ ଦେଖନା ଆକାଶରେ କେମିତି ରଙ୍ଗିନ୍ ବେଲୁନ୍ ସବୁ ଉଡୁଛି। ମତେ ବି ସେମିତି ବେଲୁନ୍ ଦୀପ ଦରକାର। ମୋ ପାଇଁ ଆଣି ଦିଅନା।" ବିରକ୍ତିରେ ମାଆ ମନା କରିଦେଲା ପରେ ବୁବୁନା ଚାଲି ଆସିଲା ଜେଜେଙ୍କ ପଢ଼ା ଘରକୁ। ଜେଜେ ବୁବୁନାର ଭାରି ପ୍ରିୟ। ମାଆଙ୍କ ପରେ ବୁବୁନାର ସବୁ ଅଳି ଅଝଟ ଏଇ ଜେଜେଙ୍କ ପାଖେ। ସେ ଜାଣେ ଯେ ଜେଜେ ତାକୁ କେବେ ବି ଏ ବେଲୁନ୍ ଦୀପ ପାଇଁ ମନା କରିବେନି। ବୁବୁନାର ସବୁକଥା ଶୁଣି ହସି ଦେଇ ଜେଜେ କହିଲେ, "ବେଲୁନ୍ ଦୀପ ତ ଉଡ଼େଇବା ନିଶ୍ଚୟ, କିନ୍ତୁ ବୁବୁନା ତୁ କହିପାରିବୁ କି, ଏ ବେଲୁନ୍ ଦୀପ ଆକାଶରେ କେମିତି ଉଡୁଛି ?" ଜେଜେ ଜଣେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ। ଅନେକ ସମୟରେ ଜେଜେ ବୁବୁନାକୁ ଖୁବ୍ ମଜାଦାର ବିଜ୍ଞାନ କଥା ସବୁ କହିଥାନ୍ତି। କିଛି ସମୟ ଚିନ୍ତା କଲା ପରେ ବୁବୁନାର ମୁଣ୍ଡ ଆଉଁଶି ଦେଇ ଜେଜେ କହିଲେ, "ଦେଖ୍ ବୁବୁନା, ଏ ବେଲୁନ୍ ଦୀପ ଆକାଶରେ ଉଡ଼ିବା ପଛରେ ଗୋଟିଏ ସୁନ୍ଦର ବିଜ୍ଞାନ ରହିଛି। ତୁ ତ ଜାଣୁ ଯେ ବେଲୁନ୍‌ର ତଳ ଭାଗରେ ଥିବା ଦୀପରେ ନିଆଁ ଲଗାଇବାର କିଛି ସମୟ ପରେ ତାହା ଆପେ ଆପେ ଉପରକୁ ଉଠିଯାଏ। ତେବେ ବିଜ୍ଞାନର କଥା ହେଉଛି ଯେ, ଦୀପରେ ଜଳୁଥିବା ନିଆଁ ବେଲୁନ୍ ଭିତରେ ଥିବା ବାୟୁକୁ ଉତ୍ତାପ ଯୋଗାଇଥାଏ, ଯାହା ଫଳରେ ଭିତରର ବାୟୁ ପ୍ରସାରିତ ହୁଏ ଏବଂ ତାହା ବେଲୁନ୍‌କୁ ଫୁଲାଇ ରଖିବାରେ ସହାୟକ ହୋଇଥାଏ। ପ୍ରସାରିତ ବାୟୁର ଆକାର ବଢ଼ିବା ଫଳରେ ଏହାର ସାନ୍ଦ୍ରତା ହ୍ରାସ ପାଇଥାଏ। ତା' ସହିତ ଉତ୍ତାପ ଦ୍ୱାରା ପ୍ରସାରିତ ବାୟୁର ଚାପ ବାହାର ବାୟୁଚାପ ଠାରୁ ମଧ୍ୟ ଖୁବ୍ କମ୍ ରହିଥାଏ। ବେଲୁନ୍ ଭିତରେ ବାୟୁର ସାନ୍ଦ୍ରତା କମ୍ ହୋଇଯିବା ଫଳରେ ତାହା ଖୁବ୍ ହାଲୁକା ହୋଇପଡେ ଏବଂ ବାହାର ବାୟୁଚାପ ଅପେକ୍ଷାକୃତ ଅଧିକ ଥିବା ହେତୁ ତାହା ବେଲୁନ୍‌କୁ ଉପରକୁ ଉଠାଇବାକୁ ସକ୍ଷମ ହୋଇଥାଏ। ଯାହାଦ୍ୱାରା ରଙ୍ଗିନ୍ ବେଲୁନ୍ ଦୀପଟି ଧୀରେ ଧୀରେ ଉପରକୁ ଉଠିଯାଏ।"

ଜେଜେଙ୍କ କଥା ସରିବା ବେଳକୁ ବୁବୁନାର ଆଖି ଦୁଇଟି ଚକ୍‌ଚକ୍ କରୁଥାଏ। କିଛି ନୂଆ କଥା ଜାଣିଥିବାରୁ ମନ ତା'ର ଖୁସିରେ ଗ ଦ୍ ଗ ଦ୍ ହୋଇ ପଡୁଥିଲା। ଠିକ୍ ଏତିକି ବେଳେ ବୁବୁନାର ବାପା ଦୁଇଟି ବେଲୁନ୍ ଦୀପ ଆଣି ତା' ହାତକୁ ବଢ଼େଇ ଦେଲେ। ବୁବୁନାର ଖୁସିକୁ ଆଉ ରଖେ ବା କିଏ ! ଜେଜେଙ୍କୁ କୁଣ୍ଢେଇ ଧରି ବୁବୁନା କହିଲା, "ଜେଜେ ମୁଁ କାଲି ସ୍କୁଲ୍ ଗଲେ ସମସ୍ତଙ୍କୁ ଏଇ ବେଲୁନ୍ ଦୀପର ବିଜ୍ଞାନ କଥା କହିବି।" ଟିକେ ଗେଲ କରିଦେଇ ବୁବୁନାକୁ ସାଥିରେ ଧରି ଜେଜେ ବାହାରି ପଡ଼ିଲେ ସେଇ ରଙ୍ଗିନ୍ ବେଲୁନ୍ ଦୀପକୁ ଉଡ଼େଇବା ପାଇଁ। ■



ପ୍ରଭଞ୍ଜନ ଦାଶ

- ମେଘେଶ୍ୱର କଲୋନୀ
ଟଙ୍କପାଣି ରୋଡ୍, ଭୁବନେଶ୍ୱର

## କୁନି ହାତରେ ତୂଳୀ





**ଅନ୍ୱେଷ ଆର୍ଯ୍ୟ ସାହୁ**
ଚତୁର୍ଥ ଶ୍ରେଣୀ
ସେଣ୍ଟ ଭାଜିୟର୍ ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର





**ଅଦ୍ୱିତା ବିଶ୍ୱାଳ**
ପ୍ରଥମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ
ଭୁବନେଶ୍ୱର

## ସକାଳ ଶିଶୁ କୁଇଜ୍-୧୦୪

(୧)ନିମାପଡ଼ା କେଉଁ ମିଠା ପାଇଁ ପ୍ରସିଦ୍ଧି ଅର୍ଜନ କରିଛି?
ଉତ୍ତର:______________________

(୨) 'ସନ୍ଥ କବି' ନାମରେ କିଏ ପରିଚିତ?
ଉତ୍ତର:______________________

(୩) କୋଲେରୁ ହ୍ରଦ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର:______________________

(୪) ନନ୍ଦ ବଂଶର ଶେଷ ସମ୍ରାଟ କିଏ ଥିଲେ?
ଉତ୍ତର:______________________

(୫) ଟେଲିଫୋନ୍ କିଏ ଉଦ୍ଭାବନ କରିଥିଲେ?
ଉତ୍ତର:______________________

### ଗତ ସପ୍ତାହର କୁଇଜ୍ ବିଜେତା

- ଶ୍ୱେତପଦ୍ମା ବିଶ୍ୱାଳ, ପାତ୍ରପଡ଼ା, ଭୁବନେଶ୍ୱର
- ଆଲିସ୍ମା ସାହୁ, ବେତନଟୀ, ମୟୂରଭଞ୍ଜ
- ପୀୟୂଷ କୁମାର ମିଶ୍ର, ରଣପୁର, ନୟାଗଡ଼

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ପୂର୍ବାଞ୍ଚଳ ଦଳରେ ସୁଶ୍ରୀ

କଟକ, ୧୯।୧(ସମିସ): ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୩୦ରୁ ଜାତୀୟ ବରିଷ୍ଠ ମହିଳା ଆନ୍ତଃ ଜୋନାଲ ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ଏଥିନିମନ୍ତେ ଶୁକ୍ରବାର ଘୋଷିତ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ଝାଡ଼ଖଣ୍ଡର ରାଞ୍ଚିଠାରେ ପୂର୍ବାଞ୍ଚଳ ଦଳ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁଶ୍ରୀଙ୍କ ନାମ ଚୂଡ଼ାନ୍ତ ହୋଇଛି ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଚଳିତ ବରିଷ୍ଠ ଜାତୀୟ ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଥିବା ବେଳେ ସୁଶ୍ରୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ସୁଶ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବାରୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଶୀତକାଳୀନ ଯୁବ ଅଲିମ୍ପିକ୍ସରେ ଶାହିଲ ଏକମାତ୍ର ଭାରତୀୟ

ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି): ଦକ୍ଷିଣ କୋରିଆର ଗାଙ୍ଗୱନ ସହରରେ ଶୁକ୍ରବାର ଶୀତକାଳୀନ ଯୁବ ଅଲିମ୍ପିକ୍ସର ୪ର୍ଥ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଏକମାତ୍ର ଭାରତୀୟ ଭାବେ ଶାହିଲ ଠାକୁର ଅଂଶଗ୍ରହଣ କରିଛନ୍ତି। ୧୬ ବର୍ଷୀୟ ଶାହିଲ ପୁରୁଷ ଆଲ୍‌ପିନ ସ୍କିଂ ଇଭେଣ୍ଟରେ ଭାଗନେବେ। ରବିବାରଠାରୁ ଏହି ଇଭେଣ୍ଟ ଆରମ୍ଭ ହେବ। ଶୀତକାଳୀନ ଯୁବ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାରେ ଶାହିଲ ମୋଟ୍ ଉପରେ ୩ୟ ଭାରତୀୟ ହୋଇଛନ୍ତି। ପୂର୍ବରୁ ଅଞ୍ଚଳ ଠାକୁର (୨୦୧୨ରେ) ଓ ସୌରଭ (୨୦୧୬) ଏହି ମେଗା କ୍ରୀଡ଼ାର ବିଭିନ୍ନ ସଂସ୍କରଣରେ ଖେଳିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଶୀତକାଳୀନ ଯୁବ ଅଲିମ୍ପିକ୍ସର ଚଳିତ ୪ର୍ଥ ସଂସ୍କରଣରେ ବିଶ୍ୱର ୮୦ ଦେଶର ପାଖାପାଖି ୧୯୦୦ ଆଥ୍‌ଲେଟ୍ ଅଂଶଗ୍ରହଣ କରିଛନ୍ତି। ଫେବ୍ରୁଆରୀ ୧ରେ ଏହା ଉଦ୍‌ଯାପିତ ହେବ।



## ଏଫ୍‌ଆଇଏଚ୍ ମହିଳା ହକି ଯୋଗ୍ୟତା ପର୍ଯ୍ୟାୟ

# ଭାରତର ଅଲିମ୍ପିକ୍ସ ସ୍ୱପ୍ନ ଧୂଳିସାତ୍

ରାଞ୍ଚି, ୧୯।୧(ଏଜେନ୍ସି): ଭାରତୀୟ ମହିଳା ହକି ଦଳର ପ୍ୟାରିସ ଅଲିମ୍ପିକ୍ସ ଖେଳିବା ସ୍ୱପ୍ନ ଧୂଳିସାତ୍ ହୋଇଛି। ଅର୍ଥାତ ଭାରତ ୨୦୨୪ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ୨୦୨୧ରେ ଟୋକିଓ ଅଲିମ୍ପିକ୍ସରେ ଶ୍ରେଷ୍ଠ ୪ ସ୍ଥାନରେ ରହି ଅଳ୍ପକେ କାଂସ୍ୟ ପଦକ ହରାଇଥିବା ଭାରତ ଏଥର ଅଲିମ୍ପିକ୍ସ କୋଟା ହାସଲ କରିବାରେ ସଫଳ ହୋଇପାରିନାହିଁ। ଫଳରେ ଖେଳାଳିଙ୍କ ସମେତ ଭାରତୀୟ ହକି ପ୍ରଶଂସକ ନିରାଶ ହୋଇଛନ୍ତି। ଫାଇନାଲରେ ଜର୍ମାନୀ ୨-୦ ଗୋଲରେ ଆମେରିକାକୁ ହରାଇ ଚାମ୍ପିଅନ ହୋଇଛି। ଜର୍ମାନୀ, ଆମେରିକା ଓ ଜାପାନ ଯଥାକ୍ରମେ ଶ୍ରେଷ୍ଠ ୩ଟି ସ୍ଥାନରେ ରହି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କିନ୍ତୁ ଭାରତୀୟ ପୁରୁଷ ହକି ଦଳ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ପ୍ୟାରିସ ଅଲିମ୍ପିକ୍ସ ପାଇଁ ବହୁ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛି।

ଶୁକ୍ରବାର ଭାରତ ଏଠାରେ କାଂସ୍ୟ ପଦକ ମ୍ୟାଚ୍‌ରେ ଜାପାନକୁ ଭେଟିଥିଲା। ବିଜୟୀ ହୋଇଥିଲେ ଭାରତ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥାନ୍ତା। କିନ୍ତୁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତ ୦-୧ ଗୋଲରେ ଜାପାନଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ଷଷ୍ଠ ମିନିଟ୍‌ରେ କାନା ଉରାତା ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ଜାପାନକୁ ଅଗ୍ରଣୀ କରାଇଥିଲେ। ଏହାପରେ ପ୍ରାଣପଣେ ଚେଷ୍ଟା କରିଥିଲେ ମଧ୍ୟ ଭାରତୀୟ ଖେଳାଳିମାନେ ଗୋଲ ଦେଇପାରି ନଥିଲେ। ଫଳରେ ଜାପାନ ବିଜୟୀ ହୋଇଥିଲା। ଭାରତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ମୋଟ୍ ଉପରେ ୯ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। କିନ୍ତୁ ଗୋଟିଏ ହେଲେ ବି ଗୋଲ ଦେବାରେ ସଫଳ ହୋଇ ନଥିଲା। ଫଳରେ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବା ନେଇ ଥିବା ପୁରୁଣା ସମସ୍ୟା ଜାରି ରହିଛି ଓ ଭାରତକୁ ଏଥିପାଇଁ ବହୁ ମୂଲ୍ୟ ଦେବାକୁ ହୋଇଛି।

ଜାପାନର ରକ୍ଷଣଭାଗ ଭାରତ ପାଇଁ ଯଥେଷ୍ଟ ଶକ୍ତିଶାଳୀ ଥିଲା। ଭାରତ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଭାଗ୍ୟଦେବୀ ସହାୟ ହୋଇ ନଥିଲେ। ଗୁରୁବାର ଭାରତ କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ପେନାଲ୍ଟି ସୁଟ୍ ଆଉଟ୍‌ରେ ଜର୍ମାନୀଠାରୁ ସଡନ ଡେଥ୍‌ରେ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ମ୍ୟାଚ୍‌ରେ ଆମେରିକାଠାରୁ ୦-୧ ଗୋଲରେ ପରାସ୍ତ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୩-୧ ଗୋଲରେ, ତୃତୀୟ ମ୍ୟାଚ୍‌ରେ ଇଟାଲୀକୁ ୫-୧ ଗୋଲରେ ପରାସ୍ତ କରିଥିଲା। କିନ୍ତୁ ଏହାପରେ ସେମି ଓ କାଂସ୍ୟ ପଦକ ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଥିଲା।



● ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଉଦ୍‌ଘାଟିତ

## ଆଜି ବାଂଲାଦେଶ ବିପକ୍ଷରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୧୯।୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ୧୫ତମ ସଂସ୍କରଣ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳର ଅଂଶଗ୍ରହଣ କରିଛନ୍ତି ଓ ମୋଟ୍ ଉପରେ ୪୧ଟି ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଦଳ ୧୬୩ଟି ବଲ୍ ବାକିଥାଇ ୭ ୱିକେଟରେ ଆମେରିକାକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଆୟୋଜକ ଦକ୍ଷିଣ ଆଫ୍ରିକା ୩୧ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଶନିବାର ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍‌ରେ ୫ଥର ଚାମ୍ପିଅନ ହୋଇ ଭାରତ ସଫଳତମ ଦଳ ବିବେଚିତ ହେଉଛି। ଶନିବାର ସ୍କଟଲାଣ୍ଡ ଓ ଇଂଲଣ୍ଡ ଏବଂ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟ ପରସ୍ପରକୁ ଭେଟି ଅଭିଯାନ ଆରମ୍ଭ କରିବେ। ବିଶ୍ୱକପ୍‌ରେ ଭାରତ ଫେଵରାଇଟ୍ ବିବେଚିତ ହେଉଛି। ଉଦୟ ସାହରନ ଭାରତର ନେତୃତ୍ୱ ନେବେ। ବାଂଲାଦେଶ, ଆୟର୍ଲାଣ୍ଡ ଓ ଆମେରିକା ସମେତ ଭାରତ ଗ୍ରୁପ୍ ଏ'ରେ ସାମିଲ ହୋଇଛି।







## ମୋହନ ବାଗାନକୁ ହରାଇ ସେମିରେ ଇଷ୍ଟ ବେଙ୍ଗଲ୍

ଭୁବନେଶ୍ୱର, ୧୯।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଦୁଇ କୋଲକାତା ଦଳ ଇଷ୍ଟ ବେଙ୍ଗଲ ଏଫ୍‌ସି ଓ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ମଧ୍ୟରେ କଳିଙ୍ଗ ସୁପର୍ କପ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ହାଇଭୋଲଟେଜ୍ ମୁକାବିଲାରେ ଇଷ୍ଟ ବେଙ୍ଗଲ ୩-୧ ଗୋଲରେ ଚିର ପ୍ରତିଦ୍ୱନ୍ଦ୍ୱୀ ମୋହନ ବାଗାନକୁ ମାତ୍ ଦେଇ ସେମିଫାଇନାଲରେ ପ୍ରବେଶ କରିଛି। ଇଷ୍ଟ ବେଙ୍ଗଲ ପକ୍ଷରୁ କ୍ଲେଇଟନ୍ ସିଲ୍‌ଭା ୨ଟି ଗୋଲ୍ ଦେଇ ବିଜୟରେ ନାୟକ ସାଜିଥିଲେ। ସେ ୨୪ତମ ଓ ୮୦ତମ ମିନିଟ୍‌ରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଅନ୍ୟ ଗୋଲଟି ୬୩ତମ ମିନିଟ୍‌ରେ ନନ୍ଦ କୁମାର ସେକର କରିଥିଲେ। ସେହିଭଳି ପ୍ରତିପକ୍ଷ ମୋହନ ବାଗାନ ପକ୍ଷରୁ ହେକ୍ଟର ୟୁସ୍‌ଟେ ୧୯ତମ ମିନିଟ୍‌ରେ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ ମଧ୍ୟ ଏହା ବୃଥା ଯାଇଥିଲା।

ଗ୍ରୁପ୍-ଏ'ରେ ଇଷ୍ଟ ବେଙ୍ଗଲ ୩ୟ ମ୍ୟାଚରୁ ୩ୟ ବିଜୟ ସହ ୯ ପଏଣ୍ଟ ପାଇ ସେମିରେ ସ୍ଥାନ ପକ୍କା କରିଛି। ଅପରପକ୍ଷରେ ମୋହନ ବାଗାନ ଏହି ଗୁରୁତ୍ୱପୂର୍ଣ୍ଣ ଲଢ଼େଇରେ ଫେଲ୍ ମାରି ସେମିଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି। ଦଳ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ଅଭିଯାନ ଶେଷ କରିଛି। କୋଲକାତାର ଏହି ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଦେଖିବା ଲାଗି ହଜାର ହଜାର ସଂଖ୍ୟାରେ ଫୁଟ୍‌ବଲପ୍ରେମୀ ପଶ୍ଚିମବଙ୍ଗରୁ ଆସି କଳିଙ୍ଗ ଷ୍ଟାଡିୟମରେ ଏକାଠି ହୋଇଥିଲେ।

କଳିଙ୍ଗ ସୁପର୍ କପ୍






ଡ୍ରିମ୍ସ ରଣଜୀ: ରୋହିତ୍ ଶର୍ମାଙ୍କୁ ୫ ୱିକେଟ୍; ଓଡ଼ିଶା ୧୩୦ରେ ସୀମିତ

## ପ୍ରଥମ ଦିନରେ ବୋଲରଙ୍କ ରାଜୁତି

କଟକ, ୧୯।୧(ସମିସ): ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଓଡ଼ିଶା ଓ ଜମ୍ମୁ-କଶ୍ମୀର ମଧ୍ୟରେ ରଣଜୀ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଦ୍ରୁତ ବୋଲର୍‌ଙ୍କୁ ସୁହାଉଥିବା ଏହି ପିଚ୍‌ରେ ପ୍ରଥମ ଦିବସରେ ମୋଟ ୧୪ଟି ୱିକେଟର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଓଡ଼ିଶା ୧୩୦ ରନରେ ଅଲଆଉଟ ହୋଇଥିଲା। ଗୋବିନ୍ଦ ପୋଦ୍ଦାର ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଜମ୍ମୁ କଶ୍ମୀର ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୫ରନ ବିନିମୟରେ ୪ଟି ୱିକେଟ ହରାଇସାରିଛି। ପ୍ରଥମ ଦିବସର ଫଳାଫଳକୁ ନଜର ପକାଇଲେ ମ୍ୟାଚ୍ ଏଠାରେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି।

ଜମ୍ମୁ କଶ୍ମୀର ଅଧିନାୟକ ଶୁଭମ ଖଜୁରିଆ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ଚୂଡ଼ାନ୍ତ ଏକାଦଶରେ ସମସ୍ତ ବ୍ୟାଟର ଅପରିବର୍ତ୍ତିତ ରହିଥିଲେ। କୌଣସି ନିୟମିତ ସ୍ପିନର ଦଳରେ ସ୍ଥାନ ପାଇ ନଥିବା ବେଳେ ଆହତଜନିତ ସମସ୍ୟାରୁ ମୁକୁଳିଥିବା ରାଜେଶ ମହାନ୍ତିଙ୍କୁ ସାମିଲ କରାଯାଇଥିଲା। ଦୁଇ ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର ଏବଂ ଅନୁରାଗ ଷଡ଼ଙ୍ଗୀ ପ୍ରାରମ୍ଭରୁ ସତର୍କତାର ସହ ବ୍ୟାଟିଂ ଜାରି ରଖିଥିଲେ। ଉଭୟେ ୧୪୨ବଲ ସମ୍ମୁଖୀନ ହୋଇ ୪୧ ରନର ଭାଗୀଦାରି ସୃଷ୍ଟି କରିଥିଲେ। ୨୯ ବର୍ଷୀୟ ଡାହାଣହାତୀ ମିଡିୟମ ପେସର ରୋହିତ ଶର୍ମା ୧୧ ରନରେ ଅନୁରାଗଙ୍କୁ କ୍ଲିନ ବୋଲ୍ଡ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଏହି ଓଭରରେ ରୋହିତଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ସନ୍ଦୀପ ପଟ୍ଟନାୟକ। ସେ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ପରେ ଶୁଭ୍ରାଂଶୁ ଶେଖର ସେନାପତି ୪, ଶାନ୍ତନୁ ୨୮, ୱିକେଟ କିପର ରାଜେଶ ଧୂପର ୭, କାର୍ତ୍ତିକ ବିଶ୍ୱାଳ ୪, ପ୍ରୟାସ ସିଂହ ୪, ସୂର୍ଯ୍ୟକାନ୍ତ ପ୍ରଧାନ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଦଳୀୟ ସ୍କୋର ୬୭ ରନ ବେଳକୁ ଓଡ଼ିଶା ୮ଟି ୱିକେଟ ହରାଇ ସାରିଥିଲା। ଗୋବିନ୍ଦ ପୋଦ୍ଦାର ଓ ରାଜେଶ ମହାନ୍ତିଙ୍କ ଭିତରେ ୯ମ ୱିକେଟ୍‌ରେ ୬୨ରନର ଭାଗୀଦାରି ସୃଷ୍ଟି ହେବା ଯୋଗୁଁ ଓଡ଼ିଶାର ସ୍କୋର ୧୦୦ ଅତିକ୍ରମ କରିଥିଲା। ଭ୍ରମଣକାରୀ ଦଳର ଅନ୍ୟତମ ପେସର ଉମର ନାଜିର ୧୧ରନରେ ରାଜେଶଙ୍କୁ ଆଉଟ କରି ଜମ୍ମୁ କଶ୍ମୀରକୁ ୯ମ ସଫଳତା ଦେଇଥିଲେ। ପରେ ଗୋବିନ୍ଦ ୫୫ରନରେ ଆଉଟ ହେବା ସହିତ ଓଡ଼ିଶାର ପ୍ରଥମ ପାଳି ପରିସମାପ୍ତି ଘଟିଥିଲା। ରୋହିତ ଶର୍ମା ୫ଟି ୱିକେଟ ଅକ୍ତିଆର କରିଥିବାବେଳେ ଅନ୍ତର୍ଜାତୀୟ ତାରକା ଉମରାନ ମଲିକ ଏବଂ ଉମର ନାଜିର ମୀରଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ଭାରତୀୟ ଦଳର ସ୍ପିଡ୍ ଷ୍ଟାର ଉମରାନ ଶୁଭ୍ରାଂଶୁ ଓ ରାଜେଶଙ୍କୁ କ୍ଲିନ ବୋଲ୍ଡ କରି ଘରୋଇ ଶିବିରରେ ଆତଙ୍କ ସୃଷ୍ଟି କରିଥିଲେ।

ଏହାପରେ ଜମ୍ମୁ କଶ୍ମୀର ବଡ ସଟ୍ ଖେଳିବା ସହ ଓଡ଼ିଶା ବୋଲରଙ୍କ ଉପରେ ପ୍ରାରମ୍ଭରୁ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲା। ଭିଭ୍ରାନ୍ତ ଶର୍ମା ଓ ଅଧିନାୟକ ଶୁଭମ ଖଜୁରିଆ ଓପନିଂ ଯୋଡ଼ିରେ ଦ୍ରୁତ ୩୯ ରନ ସଂଗ୍ରହ କରିଥିଲେ। ଅଧିନାୟକ ଶୁଭମ ୨୪ ରନରେ ସୂର୍ଯ୍ୟକାନ୍ତଙ୍କ ଦ୍ୱାରା ଏଲବି ହେବା ସହିତ ଓଡ଼ିଶାକୁ ପ୍ରଥମ ସଫଳତା ମିଳିଥିଲା। ଅନ୍ୟତମ ଓପନର ଭିଭ୍ରାନ୍ତଙ୍କୁ ୧୪ ରନରେ ଶାନ୍ତନୁଙ୍କ ହାତରେ ଧରା ପକାଇ ଓଡ଼ିଶାକୁ ଦ୍ୱିତୀୟ ସଫଳତା ଦେଇଥିଲେ ସୁନୀଲ ରାଉଳ। ମଧ୍ୟକ୍ରମ ବ୍ୟାଟର ଅଭିନବ ପୁରୀ ୧ ରନରେ ସୁନୀଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅବଦୁଲ ସମାଦଙ୍କୁ ମଧ୍ୟ ୧ ରନରେ ରାଜେଶ ମହାନ୍ତି ଆଉଟ କରିଥିଲେ। ୫ରନ ବ୍ୟବଧାନରେ ଦଳ ୪ଟି ୱିକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଶୁଭମ ପୁନ୍ଦିର ଏବଂ ୱିକେଟକିପର ଫଜିଲ ରସିଦ ଦୁଇ ରନ ଲେଖାଏ ସଂଗ୍ରହ କରି ଅପରାଜିତ ଅଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ୪ ୱିକେଟ୍ ହରାଇ ୪୫ ରନ କରିଛି।


ଗୋବିନ୍ଦ ପୋଦ୍ଦାର


ସୁନୀଲ ରାଉଳ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର